

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୬ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 06 November 2024
Vol.No. 35 ■ No.294 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସମସ୍ତ ବ୍ୟକ୍ତିଗତ ସମ୍ପତ୍ତି ଉପରେ କବ୍‌ଜା କରିପାରିବେନି ସରକାର: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୦୫/୧୧ : କୌଣସି ବି ବ୍ୟକ୍ତିଗତ ସମ୍ପତ୍ତିକୁ ସରକାର ସାର୍ବଜନୀତ ହିତ ପାଇଁ କବ୍‌ଜା କରିପାରିବ କି ? ଏହି ମାମଲାରେ ସୁପ୍ରିମକୋର୍ଟ ଆଜି ଏକ ବଡ଼ ରାୟ ଦେଇଛନ୍ତି। ପ୍ରତ୍ୟେକ ବ୍ୟକ୍ତିଗତ ସମ୍ପତ୍ତିକୁ ସମ୍ପ୍ରଦାୟର ସମ୍ପତ୍ତି କୁହାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥରେ ବ୍ୟକ୍ତିଗତ ସମ୍ପତ୍ତିର ସମୀକ୍ଷା କରାଯିବା ଉଚିତ୍। ପ୍ରଧାନ ବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୂଡ ସଂଖ୍ୟା ଗରିଷ୍ଠତା ଆଧାରରେ ଏହି ରାୟ ଶୁଣାଇଛନ୍ତି। ଏଥିସହ ବେଞ୍ଚ ନିଜ ପୂର୍ବ ରାୟକୁ ବଦଳାଇ ଦେଇଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି ଯେ ପ୍ରତ୍ୟେକ ବ୍ୟକ୍ତିଗତ ସମ୍ପତ୍ତିକୁ ସମ୍ପ୍ରଦାୟର ଶାରୀରିକ ସମ୍ବଳ ଭାବରେ ବିବେଚନା କରାଯାଇପାରିବ ନାହିଁ। ସରକାର କେବଳ କିଛି ଅଂଶକୁ ସମ୍ପ୍ରଦାୟର ସମ୍ବଳ ଭାବି ଏହାକୁ ଜନସାଧାରଣଙ୍କ ସୁବିଧା ପାଇଁ ବ୍ୟବହାର କରିପାରିବେ। କିନ୍ତୁ ସମସ୍ତ ସମ୍ପତ୍ତିକୁ କବ୍‌ଜା କରିପାରିବେ ନାହିଁ। ୯ ଜଣ ବିଚାରପତିଙ୍କୁ ନେଇ ଗଠିତ ସମ୍ବିଧାନ ଖଣ୍ଡପୀଠ ଏହି ନିଷ୍ପତ୍ତି ଶୁଣାଇଛି। ଏଥିରେ ୧୯୭୮ ପରଠାରୁ ସୁପ୍ରିମକୋର୍ଟଙ୍କ ଅନେକ ନିଷ୍ପତ୍ତିକୁ ରଦ୍ଦ କରିଦିଆଯାଇଛି, ଯାହା ଦାବି କରେ ଯେ ସାଧାରଣ ହିତ ପାଇଁ ସରକାର ସମସ୍ତ ଘରୋଇ ସମ୍ପତ୍ତି ନେଇପାରିବେ। ଖଣ୍ଡପୀଠରେ ସାତଜଣ ବିଚାରପତିଙ୍କ ସମର୍ଥନରେ ପ୍ରଧାନ ବିଚାରପତି କହିଛନ୍ତି ଯେ ସମସ୍ତ ବ୍ୟକ୍ତିଗତ ସମ୍ପତ୍ତି ଶାରୀରିକ ସମ୍ବଳ ନୁହେଁ ତେଣୁ ସରକାର ଏହାକୁ ଗ୍ରହଣ କରିପାରିବେ ନାହିଁ। ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ୯ ଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଚଳିତ ମେ'ରେ ତାରିଖରେ ବ୍ୟକ୍ତିଗତ ସମ୍ପତ୍ତି ମାମଲରେ ଶୁଣାଣି କରି ଏହାର ରାୟ ସଂରକ୍ଷିତ ରଖିଥିଲେ। ଏହି ମାମଲାରେ ଏହି ରାୟ ପ୍ରଦାନ କରୁଥିବାବେଳେ ସଜେଆଇ କହିଛନ୍ତି, 'ମୋର ଏବଂ ୬ ଜଣ ବିଚାରପତିଙ୍କ ତିନୋଟି ବିଚାର ଅଛି ... ଜଷ୍ଟିସ୍ ନାଗରତ୍ନାଙ୍କ ଆଂଶିକ ସମନ୍ୱୟ ଏବଂ ଜଷ୍ଟିସ୍ ଧୁଲିଆଙ୍କ ଅସନ୍ତୋଷ। ଆମେ ବିଶ୍ୱାସ କରୁ ଯେ କେଶବାନନ୍ଦ ଭାରତୀ ମାମଲାରେ ଧାରା ୩୧ଉ ଅକ୍ଷୁର୍ଣ୍ଣ ରହିଛି।

## ନିର୍ବାଚନ ପୂର୍ବରୁ ମହାରାଷ୍ଟ୍ର ଡିଜିପି ହେଲେ ସଞ୍ଜୟ କୁମାର ବର୍ମା



ନୂଆଦିଲ୍ଲୀ, ୦୫/୧୧ : ଆସନ୍ତା ୨୦ ତାରିଖରେ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହାପୂର୍ବରୁ ୧୯୯୦ ବ୍ୟାଚ୍‌ର ଆଇପିଏସ ସଞ୍ଜୟ କୁମାର ବର୍ମାଙ୍କୁ ରାଜ୍ୟର ପୁଲିସ୍ ମହାନିର୍ଦ୍ଦେଶକ ବା ଡିଜିପି ଭାବେ ନିଯୁକ୍ତି ମିଳିଛି। ବର୍ତ୍ତମାନ ଆଇପିଏସ ବର୍ମା ଲିଗାଲ ଓ ଟେକ୍ନିକାଲ ମହାନିର୍ଦ୍ଦେଶକ ଭାବେ କାମ କରୁଛନ୍ତି। ତତ୍କାଳ ଭାବେ ତାଙ୍କୁ ମହାରାଷ୍ଟ୍ର ଡିଜିପି କରାଯାଇଛି। ରଶ୍ମୀ ଶୁକ୍ଳାଙ୍କ ସ୍ଥାନରେ ସେ ଏବେ କାର୍ଯ୍ୟ କରିବେ। ▶▶ପୃଷ୍ଠା ୭

## ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳି ମାଡ଼ କଲେ ଆତଙ୍କବାଦୀ: ଏନକାଉଣ୍ଟର ଜାରି



ନୂଆଦିଲ୍ଲୀ, ୦୫/୧୧ : ଜମ୍ମୁ-କଶ୍ମୀରର ବାନ୍ଦିପୋରାରେ ଆଜି ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ଆରମ୍ଭ ହୋଇଛି। ଗୁଇନ୍ଦା ସୂଚନା ଆଧାରରେ ଆଜି ସୁରକ୍ଷାକର୍ମୀମାନେ ଉପତ୍ୟକାର ଉତ୍ତରପୂର୍ବ ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ସେମାନେ ବାନ୍ଦିପୁରର ଚୁନ୍ତାୱାଡି କୈତ୍ସାନ ଅଞ୍ଚଳକୁ କର୍ଡନ କରୁଥିବା ବେଳେ ସେଠାରେ ରହିଥିବା ଆତଙ୍କବାଦୀମାଦେ ଗୁଳି ମାଡ଼ ଆରମ୍ଭ କରିଦେଇଥିଲେ। ଏହାର ଜବାବ ମଧ୍ୟ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଦିଆଯାଇଛି। ଏବେ ବି ସେଠାରେ ଗୁଳି ବିନିମୟ ଜାରି ରହିଥିବା ବେଳେ ଅଧିକ ସଂଖ୍ୟକ ଫୋର୍ସକୁ ପଠାଯାଇଛି। ଏନକାଉଣ୍ଟରରେ ଜମ୍ମୁ-କଶ୍ମୀର ପୁଲିସ ସହ ସ୍ଥଳ ସେନା ଓ ସିଆରପିଏଫ ଯବାନମାନେ ସାମିଲ ରହିଛନ୍ତି। ଅନ୍ୟପକ୍ଷରେ ଆଉ ଏକ ପୃଥକ ଅପରେସନ ଦ୍ୱାରା ଜମ୍ମୁ-କଶ୍ମୀର ପୁଲିସ୍ ଆର୍ମିର ୨୨ ରାଷ୍ଟ୍ରୀୟ ରାଇଫଲ୍ସ ଓ ସିଆରପିଏଫର ୯୨ ବାଟାଲିୟନ ଜରିଆରେ ଜଣେ ଆତଙ୍କବାଦୀକୁ ଧରିବାକୁ ସକ୍ଷମ ହୋଇଛି। ଗିରଫ ଆତଙ୍କବାଦୀ ଜଣକ ହେଲା ଆଶିକ ହୁସେନ ୱାନି।

## ଚଳନ୍ତା ଟ୍ରେନ୍ ଉପରକୁ ଫାୟାରିଂ: ତଦନ୍ତ ଆରମ୍ଭ କଲା ପୁଲିସ୍

ଭଦ୍ରକ, ୦୫/୧୧ (ନି.ପ୍ର): ଚଳନ୍ତା ଟ୍ରେନ୍ ଉପରକୁ ଗୁଳି ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାଯାଇଛି। ଏପରି ଏକ ଅଭାବନୀୟ ଘଟଣା ଆଜି ଭଦ୍ରକ ଷ୍ଟେସନର ୧୧୯ ନଂ ଗେଟ ନିକଟରେ ଘଟିଛି। ଟ୍ରେନ୍ ଉପରକୁ ଗୁଳି ମାଡ଼ ହୋଇଥିବା ନେଇ ନନ୍ଦନକାନନ ଏକ୍ସପ୍ରେସର ଟ୍ରେନ ଗାର୍ଡ ଅଭିଯୋଗ କରିଛନ୍ତି। ଏହା ଫାୟାରିଂ ନା ଆଉ କିଛି ତାହାର ତଦନ୍ତ ଆରମ୍ଭ କରିଛି ପୁଲିସ୍। ଏଥିସହ ଏହା ଗୁଳିମାଡ଼ ଘଟଣା ହୋଇଥିଲେ କିଏ ଓ କାହିଁକି ଏପରି କାଣ୍ଡ ଘଟାଇଛି ତାହା ବି ତଦନ୍ତସାପେକ୍ଷ । ନୂଆଦିଲ୍ଲୀରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ନନ୍ଦନକାନନ ଏକ୍ସପ୍ରେସ ଟ୍ରେନ ଆଜି ମଧ୍ୟାହ୍ନ ସମୟରେ ଭଦ୍ରକ ଷ୍ଟେସନ ଅତିକ୍ରମ କରୁଥିଲା। ଟ୍ରେନ୍‌ଟି ଭଦ୍ରକ ଷ୍ଟେସନରୁ ଛାଡୁଥିବା ବେଳେ ଘଟଣା ଘଟିଥିବା ନେଇ ସମ୍ପୃକ୍ତ ଟ୍ରେନ ଥିବା ଗାର୍ଡ ଅଭିଯୋଗ କରିଛନ୍ତି। ଏନେଇ ଭଦ୍ରକ ଷ୍ଟେସନ ମ୍ୟାନେଜର ପୁଲିସ୍‌କୁ ସୂଚନା ଦେଇଥିଲେ। ▶▶ପୃଷ୍ଠା ୭

## କିଏ ହେବେ ନୂଆ ପିସିସି ସଭାପତି: ମୋକିମ୍- ଶ୍ରୀକାନ୍ତ ନା ଭକ୍ତ ?




ଭୁବନେଶ୍ୱର, ୦୫/୧୧ (ନି.ପ୍ର): କିଏ ହେବେ ଚଉଉ ସଭାପତି ? ପାଖାପାଖି ସାଢ଼େ ତିନିମାସ ଧରି ରାଜ୍ୟରେ ମୁରବୀଶୂନ୍ୟ ଥିବା କଂଗ୍ରେସକୁ ନୂଆ ମଙ୍ଗୁଆଳ ବାଛିବାକୁ ଇଓଉଉ ନିର୍ଦ୍ଦେଶରେ କାଲି ଦୁଇ ଚୟନକାରୀ ଓଡ଼ିଶା ଆସିଥିଲେ । ହେଲେ ବୈଠକ ସାରି ସେମାନେ ଦିଲ୍ଲୀ ଯାଉ ଯାଉ ଏଠି ଦଳ ଭିତରେ ପୁଣି ଆରମ୍ଭ ହେଇଗଲାଣି ନେତାଙ୍କ ବଳ କଷାକଷି, ବୟାନବାଜି। କିଏ ହେବେ ଓଡ଼ିଶା କଂଗ୍ରେସର ନୂଆ ମଙ୍ଗୁଆଳ ? ମହମ୍ମଦ ମୋକିମ୍ ? ଶ୍ରୀକାନ୍ତ ଜେନା ? ନା ଭକ୍ତ ଦାସ ? ଛତିଶଗଡ଼ର ଉଖଚ ଲିଡର ଚରଣ ଦାସ ମହନ୍ତ ଓ ଇଓଉଉ ସାଧାରଣ ସଂପାଦିକା ମୀନାକ୍ଷୀ ନଟରାଜନଙ୍କ ଉପସ୍ଥିତିରେ ମାନସ ମନ୍ଥନ ହେଲା। ଆଉ ନିଷ୍କର୍ଷ ଆସିବା ଆଗରୁ ମାଡ଼ିଲାଣି କି ସେଇ ଗୋଡ଼ ଟଣାଟଣି ରୋଗ? କୁହାଯାଉଛି ବୈଠକରେ ସର୍ବାଗ୍ରେ ଚର୍ଚ୍ଚାରେ ଥିଲା ମହମ୍ମଦ ମୋକିମଙ୍କ ନାଁ। ମତ ଆସିଥିଲା- ବୟସ, ଅଭିଜ୍ଞତା, ଦଳକୁ ସମ୍ଭାଳିବାର କ୍ଷମତା ଓ ସମସ୍ତଙ୍କୁ ନେଇ ଚାଲିବାର ଦକ୍ଷତା ସବୁଥିରେ ଫିଟ୍ ମୋକିମ୍। ତେବେ ବୈଠକରେ ମୋକିମ୍‌ଙ୍କ ଝିଅ ବିଧାୟିକା ସୋଫିଆ ବାପାଙ୍କ ନାଁନେଇ ନଥିଲେ ବି ସେ ଜଣ ଦକ୍ଷ, ଯୁବ ଓ ଅଭିଜ୍ଞ ନେତାଙ୍କ ନାଁ ସୁପାରିଶ କରିଥିବା କହିଛନ୍ତି। ହେଲେ ମୋକିମ୍ ନାଁରେ ମାମଲା ଥିବା କହି ତାଙ୍କୁ ବିରୋଧ ଆଳରେ ଭକ୍ତଙ୍କ ନାଁ ସୁପାରିଶ କରିଥିବା କହିଛନ୍ତି ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି । ମୋକିମଙ୍କ ଭଳି ପୂର୍ବତନ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଶ୍ରୀକାନ୍ତ ଜେନାଙ୍କ ନାଁ ଚର୍ଚ୍ଚା ହେଉଥିଲା ବେଳେ ଭକ୍ତ ନିଜ ସପକ୍ଷରେ ବ୍ୟାଟିଂ କରିଛନ୍ତି। କହିଛନ୍ତି- ମୁଁ ପୂର୍ବରୁ ଦୁଇ ଦୁଇଥର ପିସିସିକୁ ସମ୍ଭାଳି ସାରିଛି, ଲମ୍ବା ଅଭିଜ୍ଞତା ଅଛି, ଅର୍ଥ ନଥିଲେ ବି ଟିମ୍ ମ୍ୟାନେଜ୍ ▶▶ପୃଷ୍ଠା ୭

## ନଇଁଲା ଇସ୍କନ: ଅଦିନିଆ ରଥଯାତ୍ରା ବନ୍ଦ



ଭୁବନେଶ୍ୱର, ୦୫/୧୧ (ନି.ପ୍ର): ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ବୟାନ୍ ପରେ ନଇଁଲା ଇସ୍କନ । କରିବାକୁ ଯାଇଥିବା ଅଦିନିଆ ରଥଯାତ୍ରାକୁ ବନ୍ଦ କରିଛି। ଆସନ୍ତା ୯ ତାରିଖରେ ଆମେରିକା ହ୍ୟୁଷ୍ଟନ୍‌ରେ ହେବନି ଇସ୍କନ ରଥଯାତ୍ରା। ଓଡ଼ିଆ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ବିଚାର କରି ଇସ୍କନ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ରଥଯାତ୍ରା ବଦଳରେ ସେଦିନ ହେବ ଗୌର ନିତାଇ ସଂକୀର୍ତ୍ତନ ଯାତ୍ରା। ପ୍ରେସ ରିଲିଜ ଜରିଆରେ ଇସ୍କନ ପରିଚାଳନା ପରିଷଦ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଇସ୍କନ ରଥଯାତ୍ରା ବାତିଲ ପରେ ଭୁବନେଶ୍ୱର ଶାଖା ଉପସଭାପତି ତୁକାରାମ ଦାଶ କହିଛନ୍ତି, ତିଥି ଅନୁସାରେ ସବୁଠି ରଥଯାତ୍ରା ହେଉ। ଆମେ ଏନେଇ ଉଦ୍ୟମ ଜାରି ରଖିଛୁ। ପାଣିପାଗର ସ୍ଥିତି, ସରକାରଙ୍କ ଅନୁମତି ନେଇ ସମସ୍ୟା ହେଉଛି। ମୁଁ ଏନେଇ ଗଜପତି ମହାରାଜାଙ୍କ ସହ କଥା ହୋଇଛି। ଗଜପତି ମହାରାଜା ଭାରତ ସରକାରଙ୍କ ସହ କଥା ହୁଅନ୍ତୁ। ଭାରତ ସରକାରଙ୍କ ସହ କଥା ହୋଇ ତିଥିରେ କରିବାର ବ୍ୟବସ୍ଥା କରନ୍ତୁ ବୋଲି ଶ୍ରୀ ଦାଶ କହିଛନ୍ତି। ଶ୍ରୀଜଗନ୍ନାଥ ▶▶ପୃଷ୍ଠା ୭

## ରାଜନୀତିରୁ ସନ୍ୟାସ ନେବେ ଶରଦ ପାୱାର



ନୂଆଦିଲ୍ଲୀ, ୦୫/୧୧ : ଅବସର ସମ୍ପର୍କରେ ସୂଚନା ଦେଇ ଏନସିପି-ଏସପି ମୁଖ୍ୟ ଶରଦ ପାୱାର କହିଛନ୍ତି ଯେ 'କୌଣସି ସ୍ଥାନରେ ତ ଅଟକିବାକୁ ପଡ଼ିବ'। ସେ ଆହୁରି କହିଛନ୍ତି 'ମୁଁ ବର୍ତ୍ତମାନ କୌଣସି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁନାହିଁ। ନଭେମ୍ବର ୨୦ରେ ପଡ଼ିବ ମହାରାଷ୍ଟ୍ର ଭୋଟ୍ । ବିଧାନସଭା ନିର୍ବାଚନକୁ ନେଇ ମହାରାଷ୍ଟ୍ରରେ ରାଜନୈତିକ ପାରା ଏବେ ବେଶ୍ ଅଧିକ ରହିଛି । ତେବେ ଏହାରି ମଧ୍ୟରେ ବରିଷ୍ଠ ଏନ୍‌ସିପି ନେତା ଶରଦ ପାୱାର ରାଜନୀତିରୁ ଅବସର ନେଇ ଏକ ବଡ଼ ସଙ୍କେତ ଦେଇଛନ୍ତି । ସାମ୍ପ୍ରତିକ ସମୟରେ ଅଜିତ ପାୱାର ତାଙ୍କ ଅବସର ନେଇ ▶▶ପୃଷ୍ଠା ୭

## ଧର୍ମଛଡ଼ା ଧରମ ମାମୁଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ

ବାଲେଶ୍ୱର, ୦୫/୧୧ (ନି.ପ୍ର): ଧର୍ମଛଡ଼ା ଧରମ ମାମୁଙ୍କୁ ମିଳିଲା ଦଣ୍ଡ। ନାବାଳିକା ଧରମ ଭାଣିଜୀକୁ ଦୁଷ୍କର୍ମ ଓ ହତ୍ୟା କରିବାର ୬୮ ଦିନ ପରେ ତାକୁ ମିଳିଛି ଆଜୀବନ କାରାଦଣ୍ଡାଦେଶ। ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିବା ବେଳେ ଦୋଷୀର ନାଁ ରବି ସିଂ। ବାଲେଶ୍ୱରର ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ରଞ୍ଜନ କୁମାର ସୁତାର ଦୋଷୀ ରବି ସିଂଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇବା ସହିତ ୫ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛି। ଏହା ସହିତ ମୃତ ନାବାଳିକାଙ୍କ ପରିବାର ଲୋକଙ୍କୁ ୯ ଲକ୍ଷ ଟଙ୍କା ପୂରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧୀକରଣକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ସରକାରଙ୍କ ତରଫରୁ ଏହି ମାମଲାକୁ ପରିଚାଳନା କରିଥିବା ଆଇନଜୀବୀ ପ୍ରଣବ ପଣ୍ଡା କହିଛନ୍ତି ଯେ, ଗତ ଅଗଷ୍ଟ ୨୭ ତାରିଖରେ ଏହି ଘଟଣା ଘଟିଥିଲା। ରବି ସିଂ ତାର ୯ ବର୍ଷର ଧରମ ଭାଣିଜୀକୁ ଡ୍ରେସ କିଣିଦେବାକୁ ଓ ଜଳଖିଆ ଖାଇବାକୁ ଦେବ ବୋଲି ପ୍ରଲୋଭନ ଦେଖାଇ ଘରୁ ଡାକି ନେଇଥିଲା। ରେମୁଣା କ୍ଷୀରଚୋରା ▶▶ପୃଷ୍ଠା ୭

## ହିତାଧିକାରୀଙ୍କୁ ମିଳିବ ଆଗୁଆ ୧୫କିଲୋ ଚାଉଳ



ଭୁବନେଶ୍ୱର, ୦୫/୧୧ (ନି.ପ୍ର): ସାଧାରଣ ବଂଟନ ବ୍ୟବସ୍ଥାରେ ହିତାଧିକାରୀମାନଙ୍କୁ ୩ମାସର ଆଗୁଆ ୧୫କିଲୋ ଚାଉଳ ମିଳିବ। ଏହାବ୍ୟତୀତ ଇ-ଶ୍ରମିକ ପଞ୍ଜିକରଣରେ ବାଦ୍ ପଡ଼ିଥିବା ଆଉ ୧.୩୧ଲକ୍ଷ ଶ୍ରମିକଙ୍କୁ ତୁରନ୍ତ ରାଜ୍ୟ ଖାଦ୍ୟ ଯୋଜନାରେ ତୁରନ୍ତ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାଧାରଣ ବଂଟନ ବ୍ୟବସ୍ଥାର ସମୀକ୍ଷା କରି ହିତାଧିକାରୀମାନଙ୍କୁ ୩ମାସର ଚାଉଳ ଆଗୁଆ ପ୍ରଦାନ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ହିତାଧିକାରୀଙ୍କୁ ୩ମାସ (ଅକ୍ଟୋବରରୁ ଡିସେମ୍ବର) ପାଇଁ ୧୫କିଲୋ ଲେଖାଏଁ ଚାଉଳ ପାଇବେ । ଏହି ପ୍ରକ୍ରିୟା ଅକ୍ଟୋବର ପହିଲାଠାରୁ ଆରମ୍ଭ ହୋଇଥିଲେ ମଧ୍ୟ ୪୦ଲକ୍ଷ ▶▶ପୃଷ୍ଠା ୭

## ଆମେରିକାର ରାଷ୍ଟ୍ରପତି ନିର୍ବାଚନ ପାଇଁ ପଡିଲା ଭୋଟ: ହ୍ୟାରିସ ବନାମ ଟ୍ରମ୍ପ ଲଢେଇ ଉପରେ ସାରା ବିଶ୍ୱର ନଜର



ନୂଆଦିଲ୍ଲୀ, ୦୫/୧୧ (ନି.ପ୍ର): ଆଜି ବିଶ୍ୱର ସବୁଠାରୁ ଶକ୍ତିଶାଳି ରାଷ୍ଟ୍ର ଆମେରିକା ଦେଇଛି ଭୋଟ, ଜନତା ବାଛୁଛନ୍ତି ନୂଆ ରାଷ୍ଟ୍ରପତି । ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ପାଇବ ନୂଆ ବସ୍ । ନିର୍ବାଚନ ଉପରେ ସାରା ବିଶ୍ୱର ନଜର । କିଏ ବନିବ ସୁପର ପାୱାର ଦେଶର ସର୍ବୋଚ୍ଚ ନେତା ? ଡେମୋକ୍ରାଟିକ ପ୍ରାର୍ଥୀ ହାରିସ ଓ ରିପବ୍ଲିକାନ ପ୍ରାର୍ଥୀ ଟ୍ରମ୍ପଙ୍କ ମଧ୍ୟରେ କଡ଼ା ଟକ୍କର । ଆମେରିକାରେ ମୋଟ ୫୦ ରାଜ୍ୟ । ମୋଟ୍ ଇଲେକ୍ଟୋରାଲ୍ କଲେଜ ଭୋଟ୍ ୫୩୮ । ବହୁମତ ପାଇଁ ଆବଶ୍ୟକ ୨୭୦ରୁ ଅଧିକ । ତେବେ ଆମେରିକାରେ ଖେଳ ବିଗାଡି ପାରନ୍ତି ୭ ସ୍ୱିଙ୍ଗ ଷ୍ଟେଟ୍ । ଯୁକ୍ତରାଷ୍ଟ୍ର ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ପ୍ରାୟତଃ ତିନି ପ୍ରକାର ରାଜ୍ୟ ଦ୍ୱାରା ଆକାର ପାଇଥାଏ- ରେଡ୍ ଷ୍ଟେଟ୍ସ, ବ୍ଲୁ ଷ୍ଟେଟ୍ସ ଏବଂ ସ୍ୱିଙ୍ଗ ଷ୍ଟେଟ୍ସ । ଏହି ୭ ସ୍ୱିଙ୍ଗ ଷ୍ଟେଟର ମୋଟ୍ ସିଟ୍ ସଂଖ୍ୟା ହେଉଛି ୯୩ । ୧୯୮୦ ପରଠାରୁ ଲଗାତାର ଭାବେ ରିପବ୍ଲିକାନ୍ ପ୍ରାର୍ଥୀମାନେ ବିଜୟୀ ହେଉଥିବା ବେଳେ ବ୍ଲୁ ରାଜ୍ୟରେ ୧୯୯୨ ପରଠାରୁ ଡେମୋକ୍ରାଟ୍ ପ୍ରାର୍ଥୀ ମାନେ ଆଧିପତ୍ୟ ବଜାୟ ରଖିଛନ୍ତି। ନିର୍ଣ୍ଣାୟକ ଭୂମିକା ରଖିବ ସ୍ୱିଙ୍ଗ ଷ୍ଟେଟ । ଏଠାରେ ରିପବ୍ଲିକାନ୍ ଓ ଡେମୋକ୍ରାଟଙ୍କ ମଧ୍ୟରେ କଡା ମୁକାବିଲା ହୋଇଥାଏ । ଉଦାହରଣ ସ୍ୱରୂପ, ୨୦୨୦ରେ ରାଷ୍ଟ୍ରପତି ନିର୍ବାଚନରେ ଜୋ ବାଇଡେନ୍ ଆରିଜୋନାରେ ମାତ୍ର ୧୦ହଜାର ଭୋଟରେ ବିଜୟୀ ହୋଇଥିଲେ । ଏହି ରାଜ୍ୟଗୁଡ଼ିକ ମଧ୍ୟରେ ଆରିଜୋନା, ଜର୍ଜିଆ, ମିଚିଗାନ୍, ନେବାଦା, ନର୍ଥ କାରୋଲିନା, ପେନ୍ସିଲଭାନିଆ ଓ ବିସ୍କୋନ୍ସିନ୍ ରହିଛି । ଇଣ୍ଡିଆନ ଆମେରିକାନ ଏଟିଚ୍ୟୁଡ ସର୍ଭେ ବା ଆଇଏଏଏସ ସେପଟ୍ଟେମ୍ବର ୧୮ରୁ ଅକ୍ଟୋବର ୧୫ ମଧ୍ୟରେ ଭାରତୀୟ ଆମେରିକୀୟ ନାଗରିକଙ୍କ ଉପରେ ଏକ ଜାତୀୟ ପ୍ରତିନିଧୀ ଅନଲାଇନ ସର୍ଭେ କରିଥିଲା । ସର୍ବେକ୍ଷଣ ଅନୁଯାୟୀ, ୬୭% ଭାରତୀୟ ଆମେରିକୀୟ ମହିଳା କମଳା ହାରିସଙ୍କୁ ଭୋଟ ଦେବାକୁ ଇଚ୍ଛା କରୁଥିବାବେଳେ ୫୩% ପୁରୁଷ ହାରିସଙ୍କୁ ଭୋଟ ଦେବାକୁ ▶▶ପୃଷ୍ଠା ୭

## ପାନୀୟ ଜଳ ପାଉ ନାହାଁନ୍ତି କଚେରୀପଡା ଗ୍ରାମବାସୀ

କେନ୍ଦ୍ରାପଡ଼ା, ୦୫/୧୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ପଂଚାୟତ କଚେରୀପଡା ଗ୍ରାମର ୱାର୍ଡ ନଂ-୩ରେ ବସବାସ କରୁଥିବା ଅଧିବାସୀ ମାନେ ଦୀର୍ଘ ୧୦ ବର୍ଷ ହେଲା ପାନୀୟ ଜଳ ପାଉ ନାହାଁନ୍ତି। ଫଳରେ ଏହି ଗ୍ରାମର ଲୋକମାନେ ବିଭିନ୍ନ ରୋଗାଗସ୍ତ ହେଉଛନ୍ତି। ପ୍ରାୟ ୪୦/୫୦ ପରିବାର ପାନୀୟ ଜଳ ପାଇଁ ବାରମ୍ବାର ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କୁ ଜଣାଇ ଥିଲେ ମଧ କୌଣସି ଫଳ ମିଳୁ ନାହିଁ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବସୁନ୍ଧରା ଯୋଜନାରେ ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାର ନିୟମ ଥିବାବେଳେ ଏହି ଗ୍ରାମର ଲୋକମାନେ ୧୦ ବର୍ଷ ହେଲା ପାନୀୟ ଜଳ ପାଇଁ ବାର ଦୁଆର ହେଉଛନ୍ତି । କଚେରୀପଡା ଗ୍ରାମର ପଦ୍ମଚରଣ ବେହେରା, ପ୍ରହଲ୍ଲାଦ ବେହେରା, ଜ୍ଞାନରଞ୍ଜନ ସାହୁ, ସୁଧାକର ସାହାଣୀ, ବନସ୍ମିତା ସାହାଣୀ, ପୁଷ୍ପଲତା ସାହାଣୀ, ଦେବପ୍ରିୟା ନାୟକ ପ୍ରମୁଖ ଶତାଧିକ ଗ୍ରାମବାସୀ ଜିଲ୍ଲା ପାନୀୟ ଜଳ ଯୋଗାଣ ଅଧିକାରୀଙ୍କୁ ଭେଟି ତୁରନ୍ତ ପାନୀୟ ଜଳ ଯୋଗା ଦେବାପାଇଁ ଦାବି କରିଛନ୍ତି। ନଚେତ୍ ଏହି ଗ୍ରାମବାସୀ ମାନେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

## ପ୍ରଧାନମନ୍ତ୍ରୀ ଆବାସ ନା ଗରିବଙ୍କୁ ଉପହାସ

ଘଟଗାଁ, ୦୫/୧୧ (ନି.ପ୍ର): ସରକାର ଗରିବ ଗୁରୁବାଙ୍କୁ ମୁଣ୍ଡ ଗୁଞ୍ଜିବା ପାଇଁ ଘରଡିହ ଓ ବାସହୀନଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ମୋ କୁଡ଼ିଆ ଆଦି ଯୋଜନାରେ ବାସଗୃହ ଯୋଗାଇ ଦେଉଥିବା ଢ଼େଙ୍ଗୁରା ପିଟୁଥିବାବେଳେ ଏହି ଆବାସ ଯୋଜନା ସବୁ ଦାୟିତ୍ୱରେ ଥିବା ଅଧିକରୀ ଓ ପଂଚାୟତ ଦଳିଆଙ୍କ ମର୍ଜିରେ ବଂଟା ହେଉଥିବା ଅଭିଯୋଗ ହେଉଛି। ଧନୀକମାନେ ଏହି ଘର ଯୋଜନା ପାଇଥିବା ବେଳେ ଗରିବଙ୍କ ପାଇଁ ଏହା ଆବାସ ମିଳିବା ସାତ ସପନ ପାଲଟିଛି। ଏଥିନେଇ ଦୀର୍ଘ ବର୍ଷ ହେବ ପ୍ରଶାସନକୁ ଅବଗତ କରିଥିଲେ ସୁଦ୍ଧା ପ୍ରଶାସନ ଗୁହାରି ଶୁଣୁନଥିବା ଅଭିଯୋଗ ହୋଇଛି। ଏହିପରି ଏକ ଘଟଣା ନଜରକୁ ଆସିଛି। ଘସିପୁରା ବ୍ଲକର ଗୋହିରା ଗ୍ରାମ ପଂଚାୟତର କୁମୁଣିଆ ଗ୍ରାମର ସ୍ୱର୍ଗତ ସୁନିଆ ମୁଣ୍ଡାଙ୍କ ପତ୍ନି ପଦ୍ମିନୀ ମୁଣ୍ଡା(୭୦) ୫ବର୍ଷ ହେଲା ସ୍ୱାମୀ ଆରପାରିକୁ ଥିବାବେଳେ ଆଉ ପରବାର କହିଲେ ଗୋଟିଏ ୩ପୁଅ ସେମାନେ ହେଲେ ମୁକୁନ୍ଦ ମୁଣ୍ଡା, କପିଳା ମୁଣ୍ଡା ଓ ତ୍ରିଲୋଚନ ମୁଣ୍ଡା ସମସ୍ତେ ଅଲଗା ଅଲଗା ଭାବେ ଚଳୁଥିବାବେଳେ ସାନପୁଅ ତ୍ରିଲୋଚନ ମୁଣ୍ଡାଙ୍କ ନିକଟରେ ପଦ୍ମିନୀ ମୁଣ୍ଡା ରହନ୍ତି ବହୁତ ଦୁଃଖ କଷ୍ଟରେ ପରଘର ବୋଲ କରି ୨ ଓଳା ଖାଦ୍ୟ ସଂଗ୍ରହ କରନ୍ତି। ହେଲେ ଦୀର୍ଘଦିନର ଏହି ଚାଳଘରଟିରେ ସମସ୍ତଙ୍କୁ ମୁଣ୍ଡ ଗୁଞ୍ଜିବାକୁ ଜାଗା ହେଉ ନଥିବାବେଳେ ଦାନା ବାତ୍ୟାରେ ଘର କାନ୍ଥ ଭାଙ୍ଗିଯିବା ପରେ ହାତରେ ଅର୍ଥ ନାହିଁ କି ଭଙ୍ଗା ଛପର କରିବା ପାଇଁ ଘରେ ପଲିଥିନ ପକାଇ ଚଳୁଛନ୍ତି' ବର୍ଷାଦିନ ହେଲେ ଛେଳି ଗୁହାଳେ ବା ପରବାରଣ୍ଡାରେ ଅଶ୍ରା ନିଅନ୍ତି। ମୁକୁନ୍ଦ ମୁଣ୍ଡା, କପିଳା ମୁଣ୍ଡା ଓ ତ୍ରିଲୋଚନ ମୁଣ୍ଡା ସମସ୍ତେ ଦୀର୍ଘଦିନ ହେଲା ପ୍ରଧାନ ମନ୍ତ୍ରୀ ଆବସ ପାଇଁ ପଂଚାୟତରୁ ବ୍ଲକ ଧାଇଁ ଧାଇଁ ଯୋତା ଛିଡ଼ିଗଲାଣି ହେଲେ ଏହି ଗରିବଙ୍କ ପାଇଁ ଆବାସ ସାତସପନ ହୋଇଛି। ଏଠି ଟଙ୍କା ଦେଲେ ଆବାସ ମିଳେ ଏବଂ ୧୦ହାଜାର ନଦେଲେ ଘର ମିଳିବ ନାହିଁ ବୋଲି ଗାଁର ନେତାମାନେ କହୁଥିବା ମୁକୁନ୍ଦ ପ୍ରକାଶ କହିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ବିଶେଷ କରି ଗରିବ ପରିବାର ନିଜ ଖର୍ଚ୍ଚରେ ବାସ ପାଇଁ ଅର୍ଥ ଯୋଗାଡ଼ କରିପାରୁ ନଥିବା ପରିବାର, ଘର ନିର୍ମାଣ କରିବା ଅସମ୍ଭବ ହୋଇଥିବା ପରିବାରଙ୍କୁ ପ୍ରାଥମିକତା ଭିତିରେ ଦିଆଯିବାର ନିୟମ ଥିବାବେଳେ ଏଠାରେ ଏହାର ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଜଣାପଡ଼ିଛି। ପଂଚାୟତର ଶାସକ ଦଳିଆ ନେତାମାନେ ଏହିସବୁ ଆବାସ ଯୋଜନା କଳେବଳେ କୌଶଳେ କବ୍‌ଜା କରି ରାଜଉଆସ ନିର୍ମାଣ କରୁଥିବାବେଳେ କେହି କେହି ଗୁହାଳ ପାଇଁ ବ୍ୟବହାର କରିଛନ୍ତି। ଦୀର୍ଘ ବର୍ଷ ହେବ ଏହି ଗ୍ରାମରେ ବସତି ସ୍ଥାପନ କରି ରହି ଆସୁଥିବା ପଲିଥିନ ତଳେ ଗଡ଼ି ମରୁଥିବା ଗରିବମାନେ ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇ ନଥିବା ଅଭିଯୋଗ ହୋଇଛି। ତେବେ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଭାବେ ତାଲିକାରେ ନାମ ଥଲେ ମଧ ଆଜିଯାଏଁ ଅନେକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଯୋଗାଇ ଦେବା ପାଇଁ ଆବେଦନ କରିଥିଲେ ମଧ ଆବାସ ମିଳିନଥିବା ପ୍ରକାଶ କରିଛନ୍ତି ହିତାଧିକାରୀ। ଆବାସ ଯୋଜନାରେ ଘର ଶାସକ ଦଳିଆ କର୍ମୀ ଓ ଥିଲାବାଲା ଲୋକମାନେ ଚତୁରତାର ସହ ହାତେଇ ନେଉଥିବାବେଳେ ନିରୀହ ଗରିବ ପରିବାରମାନେ ବଂଚିତ ହୋଇ ଗଡ଼ି ମରୁଥିବା ଦେଖିବାକୁ ମିଳିଛି। ଏପରି ନିଚ୍ଛକ ଚିତ୍ର ପ୍ରାୟ ସମସ୍ତ ପଂଚାୟତରେ ଦେଖିବାକୁ ମିଳିଛି। ଏଥିପ୍ରତି ନୂତନ ଗୋଷ୍ଠି ଉନ୍ନୟନ ଅଧିକାରୀ ବିନିତା ବିଜୟୀନୀ ଦୃଷ୍ଟିଦେଇ ଗରିବ ଲୋକମାନଙ୍କୁ ଆବାସ ଯୋଗାଇ ଦେବାପାଇଁ ସାଧାରଣରେ ଦାବି ହେଉଛି।

## ଶୀତ ଦିନିଆ ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୦୫/୧୧ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଶୀତଦିନିଆ ରୋଗ ପ୍ରତିରୋଧ ପାଇଁ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ ଶୀତଦିନେ ଶରୀର ଅଧିକ ଶୁଷ୍କ ରହିବ, ଥଣ୍ଡା ବାୟୁ ବହିବ, ଅଧିକ ଧୂଳି ଉଡିବ ଏଣୁ ସୋରିଷ ତୈଳ ଲଗାନ୍ତୁ, ଉଷ୍ଣ ବସ୍ତ୍ର ପିନ୍ଧନ୍ତୁ, ମୁଖା ପିନ୍ଧନ୍ତୁ ଫଳରେ ଚର୍ମ ରୋଗ, ଥଣ୍ଡା, କାଶ, ଶ୍ୱାସ ରୋଗ ହେବନାହିଁ। ଥଣ୍ଡା ଯୋଗୁଁ ଶିରା ଧମନୀ ସଂକୁଚିତ ହୋଇ ହୃଦଘାତ ହୋଇପାରେ, ଶାରୀରିକ ବ୍ୟାୟାମ ଓ ଯୋଗାସନ, ପ୍ରାଣାୟାମ କରନ୍ତୁ, ଉଷ୍ଣଜଳ ପିଅନ୍ତୁ ଓ ସ୍ନାନ କରନ୍ତୁ । ଗଣ୍ଠିବାତ ହେବ ଅଦା,ସଜନା ଶାଗ, ଚିନାବାଦାମ ଖାଆନ୍ତୁ। ଝାଡ଼ା ସଫା ପାଇଁ ଜଡାତେଲ ପିଅନ୍ତୁ। ପାଟି ଧରିଲେ ବେଗୁନିଆ ପତ୍ର ବା ତୁଳସୀ ପତ୍ର ଚୋବାନ୍ତୁ। ସଜ ଶାଗ, ପରିବା, ଫଳ, ଉଷ୍ଣ ଖାଦ୍ୟ ଖାଆନ୍ତୁ, ଖଟା ଛାଡନ୍ତୁ ।ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ ଶିବିର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ।

## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ଘରଭଡ଼ା ଦେଇ ବିଧବା ମହିଳା ମାନସିକ ନିର୍ଯାତନାର ଶିକାର

ଘଟଗାଁ, ୦୫/୧୧ (ନି.ପ୍ର): ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ଘରଭଡ଼ା ଦେଇ ଜଣେ ବିଧବା ମହିଳା ମାନସିକ ନିର୍ଯାତନାର ଶିକାର ହେବା ସହ ବାକେୟା ପାଉଣା ନପାଇ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି।
ସୂଚନାରୁ ପ୍ରକାଶ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ୮ନଂ ୱାର୍ଡ଼ ଫକିରପୁର ବାସିନ୍ଦା ସ୍ୱର୍ଗତ ଶରତ ଚନ୍ଦ୍ର ସିଂଙ୍କ ପତ୍ନୀ କନକଲତା ରାମ ୧୨ନଂ ୱାର୍ଡ଼ ଶାଳପଡ଼ା ଠାରେ ନିଜର ଘରକୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଶାଖା ଖୋଲିବା ପାଇଁ ସାଇଁକୁଳ ରେଜିଷ୍ଟ୍ରି କାର୍ଯ୍ୟାଳୟ ଦଲିଲ ନଂ. ୧୦୨୧୩୦୧୪୮୪/ ଡକୁମେଂଟ ନଂ.୧୧୦୨୧୩୦୧୪୬୮ ବଳରେ ୧୦ ବର୍ଷ ୨୦୧୧ ଅଗଷ୍ଟ ଠାରୁ ୨୦୨୧ ସେପ୍ଟେମ୍ବର ଯାଏଁ ଭଡ଼ା ସୂତ୍ରରେ ଦିଆଯାଇଥିଲା। ଗତ ୨୦୧୧ ଅଗଷ୍ଟ ୧୧ ତାରିଖରୁ ୨୦୧୬ ମସିହା ପର୍ଯ୍ୟନ୍ତ ଘରଭଡ଼ା ବାବଦକୁ ମାସକୁ ୬,୫୦୦ଟଙ୍କା ଚୁକ୍ତନାମା କରାଯାଇଥିଲା। ସେତେବେଳେ ସରକାରଙ୍କ ନିୟମ ଅନୁଯାୟୀ ଘରଭଡ଼ା ୮ହଜାର ଥିଲା ଓ ସେହିପରି ପୂନର୍ବାର ଯୁକ୍ତିନାମା ୨୦୧୬ରୁ ୨୦୨୧ ଯାଏଁ ସରକାରଙ୍କ ନିୟମ ଅନୁଯାୟୀ ଘରଭଡ଼ା ୧୧୦୦୦ ହଜାର ଥିବାବେଳେ ୭,୪୭୫ ଟଙ୍କା ବ୍ୟାଙ୍କ ପକ୍ଷରୁ ଦିଆଯାଇଥିଲା। ଗତ ୨୦୨୧ ଅଗଷ୍ଟ ମାସରେ ଚୁକ୍ତିନାମା ଶେଷ ହୋଇଯାଇଥିବାବେଳେ ପୁନର୍ବାର ଚୁକ୍ତିନାମା କରିବା ପାଇଁ କନକଲତା ରାମ ୨୦୨୧ ଜୁଲାଇ ମାସ ୨୬ ତାରିଖରେ ଚିଠି କରିଥିଲେ। ଅଗଷ୍ଟ ମାସ ଶେଷ ହେବା ପୂର୍ବରୁ ତାଙ୍କୁ ସରକାରୀ ଭଡ଼ା ୨୦,୩୯୦ଟଙ୍କା ଥିବାବେଳେ ମାସିକ ୧୨,୦୦୦ ଟଙ୍କା ହିସାବରେ ଘରଭଡ଼ା ଦେବାକୁ ଚୁକ୍ତିନାମା କରିବା ପାଇଁ ଶାଳପଡ଼ା ଓଡ଼ିଶା ଗ୍ରାମ୍ୟବ୍ୟାଙ୍କର ପରିଚାଳକଙ୍କ ସହିତ ଉପରିସ୍ଥ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ବ୍ୟାଙ୍କ ପକ୍ଷରୁ କୌଣସି ଯୁକ୍ତିନାମା ନକରି ୨୦୨୧ ସେପ୍ଟେମ୍ବର ମାସ ଠାରୁ ୨୦୨୪ ଅକ୍ଟୋବର ମାସ ଯାଏ ବ୍ୟାଙ୍କକୁ ନିଜ ଇଚ୍ଛାରେ ଚଳାଇବା ପରେ ମାସିକ ୧୨୦୦୦ ବଦଳରେ ୭୪୭୫ ଦେଇଥିଲେ ଏବଂ ପରବର୍ତି ସମୟରେ ବା ବକେୟା ବାବଦକୁ ୧୯/୯/୨୦୨୪ରେ ୫୫୩୧୫ ଟଙ୍କା ନେବା ପାଇଁ କହିଥିବାବେଳେ କନକଲତା ରୋକ ଠୋକ ନେବାକୁ ମନା କରି ଦେଇଥିଲେ। ଏସମ୍ପର୍କରେ କନକ ସମ୍ପୃକ୍ତ ଅଧିକାରୀଙ୍କୁ ଜଣାଇ ଥିବାବେଳେ ମଧ ଏହା କୌଣସି ସମାଧାନ ନକରି ସେପ୍ଟେମ୍ବର ମାସ ଶେଷରେ ବ୍ୟାଙ୍କକୁ ଅନ୍ୟତ୍ର ଉଠାଇ ନେଇଛନ୍ତି। ଜଣେ ବିଧବା ମହିଳାଙ୍କୁ ବ୍ୟାଙ୍କ ଅଧିକାରୀ ଜାଣି ଶୁଣି ଯୁକ୍ତିନାମା ନକରିବା ଏବଂ ଭଡ଼ା ବାବଦରେ ୧୨୦୦୦ ନଦେବା ଏବଂ ସହଯୋଗ ପରିବର୍ତେ ମାନସିକ ନିର୍ଯ୍ୟାତନା ଦେବା ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି। ସେ ନିଜର ବକେୟା ପ୍ରାପ୍ୟ ମାସିକ ୪୫୨୫ରେ ୧ ଅଗଷ୍ଟ ୨୦୨୧ ଠାରୁ ୩୧ ଅକ୍ଟୋବର ୨୦୨୪ ଯାଏ ୧୭୧୯୫୦ ପାଇବା ପାଇଁ ଦାବି କରିଛନ୍ତି। କନକ ଏ ସମ୍ପର୍କରେ ବ୍ୟାଙ୍କ ଅଧିକାରୀ ଠାରୁ ଆରମ୍ଭ କରି ଉପଖଣ୍ଡ ପ୍ରଶାସନିକ ଅଧୁକାରୀଙ୍କୁ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ହୋଇଥିଲେ ମଧ ଏହାର କୌଣସି ପ୍ରତିକାର ନହେବାରୁ ବାଧହୋଇ ଶେଷରେ ଅକ୍ଟୋବର ୧୪ ତାରିଖରେ ଆନନ୍ଦପୁର କୋର୍ଟରୁ ଏକ ଓଲିଲ ନୋଟିସ୍ ପଠାଯାଇଥିବା ଜଣାପଡ଼ିଛି। ନୋଟିସ୍ ପାଇବାର ୧୫ ଦିନ ମଧ୍ୟରେ ଏହାର କୌଣସି ସମାଧାନ ନକରିଲେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ବିରୋଧରେ ଆଇନୀ ର ଅଶ୍ରୟ ନେବେ ବେଲି କନକଲତା ପ୍ରକାଶ କରିଛନ୍ତି। ଏହାର ଏକକିତା ନକଲ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମୁଖ୍ୟ ପ୍ରଶାସନିକ ଅଧିକରୀ ପୋଖରୀପୁଟ ଭୁବନେଶ୍ୱର, ଆଂଚଳିକ ପରିଚାଳକ କେନ୍ଦୁଝରଗଡ଼ ଆନନ୍ଦପୁର ଉପଜିଲାପାଳ। ଘସିପୁରା ଥାନା ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଯାଇଛି।

## ଚିକିଟି ଅଂଚଳରେ ହାତୀପଲର ଉପଦ୍ରବ

ଗଞ୍ଜାମ, ୦୫/୧୧ (ନି.ପ୍ର): ଚିକିଟି ଅଂଚଳରେ ହାତୀ ଉପଦ୍ରବ ଦେଖାଦେଇଛି । କେ ନୂଆଗାଁ ପଂଚାୟତ ଅଧିନରେ ଥିବା ଆଦିବାସୀ ଅଧ୍ୟୁଷିତ ଗାଁ କରାଖାଳି, ଆମ୍ବଝୋଳା, ଓମଳକୋଟ ରେ କିଛିଦିନ ହେଲା ହାତୀପଲ ଆସି ସଂଧ୍ୟା ରେ ପାଚିଲା ଧାନ ଫସଲ ଖାଇ ଦଳିଚକଟି ନଷ୍ଟ କରୁଛନ୍ତି । ହାତୀଙ୍କୁ ଘଉଡାଇବା ପାଇଁ ଚାଷୀ ମାନେ ଜୀବନକୁ ବାଜି ଲଗାଇ ପହରା ଦେଉଛନ୍ତି । ଅନ୍ୟପକ୍ଷରେ ଏହି ସବୁ ଗାଁ ର ଜନସାଧାରଣ ସଂଧ୍ୟାରୁ ସକାଳ ଯାଏ ଭୟଭୀତ ଅବସ୍ଥାରେ ଜୀବନଯାପନ କରୁଛନ୍ତି । ବନବିଭାଗ ପକ୍ଷରୁ ତୁରନ୍ତ ଏହି ଅଂଚଳରୁ ହାତୀ ଘଉଡାଇବା ବ୍ୟବସ୍ଥା ଗ୍ରହଣ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି ।

## ନଭେମ୍ବର ୧୭ରୁ ଜାତୀୟ ସମ୍ବଲପୁରୀ ସମ୍ମିଳନୀ

ସମ୍ବଲପୁର, ୦୫/୧୧ (ନି.ପ୍ର): ପ୍ରଦର୍ଶିତ ହେବ କୁମ୍ଭାରୀର ଭଗବାନ ସାହୁଙ୍କ ନାଟକ - ସମ୍ବଲପୁରୀ ପ୍ରଦର୍ଶନୀ ହେବ ମୁଖ୍ୟ ଆକର୍ଷଣ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ପାଂଚ ଦିନଆ ଜାତୀୟ ସମ୍ବଲପୁରୀ ସମ୍ମିଳନୀ ପାଇଁ ରବିବାର ସାକ୍ଷୀପଡା ସ୍ଥିତ ରଥ କମ୍ପ୍ଲେକ୍ସ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମାଂଚଳ ଏକତା ମଂଚର ସାହିତ୍ୟ ସଂଯୋଜକ ଅଧ୍ୟାପକ ଡ. ସ୍ୱୟଂପ୍ରକାଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କାର୍ଯ୍ୟକ୍ରମର ସମସ୍ତ ରୂପରେଖ ଉପରେ ଆଲୋଚନା କରାଯାଇଥିଲା । ଆସନ୍ତା ନଭେମ୍ବର ୧୭ ରୁ ୨୧ ତାରିଖ ପର୍ଯ୍ୟନ୍ତ ଜେଲ ଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ଠାରେ ଏହି ଜାତୀୟ ସମ୍ବଲପୁରୀ ସମ୍ମିଳନୀ ଆୟୋଜନ କରାଯିବ । ସ୍କୁଲ ଛାତ୍ରଛାତ୍ରୀଙ୍କୁ ସମ୍ବଲପୁରୀ ଭାଷା ସଂସ୍କୃତି ସହ ଯୋଡିବା ଚଳିତ ବର୍ଷର ସମ୍ମିଳନୀର ବିଷୟ ରଖାଯାଇଛି। ଏହି କ୍ରମରେ ଚଳିତ ବର୍ଷର ଜାତୀୟ ସମ୍ବଲପୁରୀ ସମ୍ମିଳନୀରେ ବିଭିନ୍ନ ହାଇସ୍କୁଲ ସ୍ତରର ଛାତ୍ରୀଛାତ୍ରଙ୍କୁ ନେଇ ସମ୍ବଲପୁରୀ ବିଷୟରେ କୁଇଜ, ପ୍ରବନ୍ଧ, ବକ୍ତୃତା, ସମ୍ବଲପୁରୀ ଶବ୍ଦ ପରିଚୟ ଆଦିର ଆୟୋଜନ କରାଯିବା ନେଇ ବୈଠକରେ ସ୍ଥିର କରାଯାଇଥିଲା । ଜାତୀୟ ସମ୍ବଲପୁରୀ ସମ୍ମିଳନୀରେ ପ୍ରଥମ ଦିନ ନଭେମ୍ବର ୧୭ ତାରିଖ ସନ୍ଧ୍ୟାରେ ସମ୍ବଲପୁରୀ ପ୍ରଦର୍ଶନୀ ଉଦଘାଟନ କରାଯିବା ସହ ଅଗଷ୍ଟ ୧ ତାରିଖରେ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମ ଦିନ ଅବସରରେ ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମ ଆୟୋଜନ କରିଆସୁଥିବା ରାଜ୍ୟର ବିଭିନ୍ନ ସଙ୍ଗଠନ ଗୁଡିକୁ ସମ୍ବନ୍ଧିତ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଛି । ଦ୍ୱିତୀୟ ଏବଂ ତୃତୀୟ ଦିବସ ସନ୍ଧ୍ୟାରେ ସମ୍ବଲପୁରୀ ଭାଷା ସଂସ୍କୃତିର ଅନ୍ୟତମ ପ୍ରଚାରକ ଗୁରୁ ଭଗବାନ ସାହୁଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯିବା ସହ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରଜେଶ୍ୱରୀ ନୃତ୍ୟକଳା ପରିଷଦ ଦ୍ୱାରା ସମ୍ବଲପୁରୀ ନାଟକ 'ଚୌହାନ ବୀର ସୁରେନ୍ଦର ସାଏ' ଏବଂ 'ଟଣ୍ଢେଇ ପ୍ରଦର୍ଶିତ' ହେବ । ସେହିପରି ସମ୍ବଲପୁରୀ ସମ୍ମିଳନୀରେ ସମ୍ବଲପୁରୀ ହାସ୍ୟ ବ୍ୟଙ୍ଗ କବିତା, ସାହିତ୍ୟ ଆଲୋଚନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ୨୧ ତାରିଖ ଉଦଯାପନୀ ଉତ୍ସବରେ 'ସମ୍ବଲପୁରୀ ପିନ୍ଧନ ଉଢନ' ପ୍ରଦର୍ଶନୀ ର ଆୟୋଜନ କରାଯିବା ନେଇ ବୈଠକରେ ସ୍ଥିର କରାଯାଇଛି । ୫ ଦିନ ବ୍ୟାପି ସମ୍ବଲପୁରୀ ଭାଷା ସଂସ୍କୃତି ସମ୍ପର୍କିତ ଆଲୋଚନା ଚକ୍ର ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା । ପୂର୍ବରୁ ସମ୍ବଲପୁର, ଝାରସୁଗୁଡା ଏବଂ ସୁନ୍ଦରଗଡରେ ତିନୋଟି ଜାତୀୟ ସମ୍ବଲପୁରୀ ସମ୍ମିଳନୀର ଆୟୋଜନ କରାଯାଇଥିବା ବେଳେ ଚଳିତ ବର୍ଷ ସମ୍ବଲପୁରରେ ଚତୁର୍ଥ ସମ୍ମିଳନୀର ଆୟୋଜନ କରାଯିବ । ଏହି ବୈଠକରେ ପଶ୍ଚିମାଂଚଳ ଏକତା ମଂଚର ସମ୍ବଲପୁର ଶାଖା ସଂଯୋଜକ ଭାବେ କିଶୋର ଧରେଇ ଧରେଇଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଆହୂତ ବୈଠକରେ ପଙ୍କଜିନୀ ବୈଠାରୁ, ଭୂମିସୂତା ମେହେର, ସୁଷମା ପ୍ରଧାନ, କାନ୍ତୀ ମେହେର, ସବ୍ୟସାଚୀ ମିଶ୍ର, ନିଶିକାନ୍ତ ବିଶ୍ୱାଳ, ସଙ୍ଘମିତ୍ରା ପଣ୍ଡା, ସ୍ୱାସ୍ତିକା ନାୟକ, ପ୍ରଜ୍ଞା ପରିମିତା ସାହୁ, ରବି ପୂଜାରୀ, ବରିଷ୍ଠ ଉପଦେଷ୍ଟା ଡ. ପ୍ରମୋଦ ରଥ, ସଂଗଠନ ସଂଯୋଜକ ସୁବୋଧ ଦୋରା, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସୀ ଏବଂ ଆବାହକ ଭବାନୀଶ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ, ୦୫/୧୧ (ନି.ପ୍ର): ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଆଜି କୃଷ୍ଣ ପ୍ରସାଦ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧକ୍ଷତା କରିବା ସହ ଅଭିଯୋଗ କାରୀ ଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏଥିରେ ମୋଟ ୧୧୦ ଗୋଟି ଅଭିଯୋଗ ମିଳିଥିଲା। ତନ୍ମଧ୍ୟରୁ ୬୩ ଗୋଟି ବ୍ୟକ୍ତିଗତ ଅଭିଯୋଗ,୪୦ ଗୋଟି ଗ୍ରାମ୍ୟ ସମ୍ପର୍କରେ ଅଭିଯୋଗ, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ପାଇଁ ୭ ଗୋଟି ଆବେଦନ ମିଳିଥିଲା। ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ନୀଳମାଧବ ମାଝୀ,ଏଡ଼ିଏମଓ ଡା ବିରଜା ଶଙ୍କର ରଥ,ବିଡ଼ିଓ ଅମୀୟ ପଣ୍ଡା,ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ।

## ନୀଳଗିରି ମହାବିଦ୍ୟାଳୟରେ 'ଆଦିବାସୀ ସଂସ୍କୃତି' ଉପରେ ଆଲୋଚନାଚକ୍ର



ବାଲେଶ୍ୱର, ୦୫/୧୧ (ନି.ପ୍ର): ନୀଳଗିରି ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଗତକାଲି 'ଆଦିବାସୀ ସଂସ୍କୃତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. କନକଲତା ହାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବରେ ଚରମ୍ପା ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡ. ରମେଶ ଚନ୍ଦ୍ର ଦାସ ଯୋଗଦେଇ ଆଦିବାସୀଙ୍କ ଜୀବନଧାରା, ରୀତିନୀତି, ବିଶ୍ୱାସବୋଧ, ପର୍ବପର୍ବାଣୀ, ପୋଷାକ, ଖାଦ୍ୟ, ଚିତ୍ରକଳା ଓ ଆର୍ଥିକ ସଂକଟ ଉପରେ ବିଷଦ ଭାବରେ ଆଲୋଚନା କରିଥଲେ। ବିଭାଗୀୟ ମୁଖ୍ୟ ଡ. ହାତୀ ଆଦିବାସୀ ସଂସ୍କୃତି ପାରମ୍ପରିକ ଧାରାରୁ କିପରି ଓହରି ଆସି ଆଧୁନିକତାର ମୁଖ୍ୟ ସ୍ରୋତରେ ନିଜକୁ ହଜାଇ ବସୁଛି ସେ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅଧାପିକା ସଙ୍ଗୀତା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ନଳିନୀକାନ୍ତ ପାଢ଼ୀ, ସୁଶ୍ରୀ ସ୍ମିତା ରାଜ, ଅଶୋକ କୁମାର ମାଝି, ସୁଦେଷ୍ଣା ଚିରସ୍ରୋତା, ଶୁଭଶ୍ରୀ ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଆଶିଷ କୁମାର ମୁଦୁଲି ଓ ଅଧ୍ୟାପିକା ଶୁଭସ୍ମିତା ମହାନ୍ତି ଆଲୋଚନାର ସଫଳତା ପାଇଁ ସହଯୋଗ କରିଥିଲେ। ପରିଶେଷରେ ଅଧ୍ୟାପକ ମାନସ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଖରିଫ ମଣ୍ଡି ପ୍ରସ୍ତୁତି, ସମୀକ୍ଷା କଲେ ଜିଲ୍ଲାପାଳ

ଜୟପୁର, ୦୫/୧୧ (ନି.ପ୍ର): ରାଜ୍ୟ ସ୍ତରୀୟ ଧାନ କ୍ରୟ କମିଟି ବୈଠକ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ କ୍ରମେ ଧାନ ଅମଳ ସ୍ଥିତି ଦେଖି ଜିଲ୍ଲାପାଳଙ୍କୁ ଧାନ କ୍ରୟ ଆରମ୍ଭ ତାରିଖ ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେବା ପରେ ଆଜି ଜିଲ୍ଲାପାଳ ଜୟପୁର ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଆସି ଏକ ସମୀକ୍ଷା ବେ ?ଠକ କରିଥିଲେ। ଏହି ବୈଠକରେ ଉପ ଜିଲ୍ଲାପାଳ ଆକା ବରମ ଶସ୍ୟ ରେଡ୍ଡୀ ,ଏଡିଏମ ଆଲମଣୀ ସେଠୀ, ଡିଆରସିଏସ ଭିମସେନ ସାହୁ, ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ମହାନ୍ତି, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ଜିଲ୍ଲା ଯୋଗାଣ ଅଧିକାରୀ ସର୍ବେଶ୍ୱର ନାୟକ, ସହାୟକ ଯୋଗାଣ ଅଧିକାରୀ ପ୍ରୀୟମ୍ବଦା ବେହେରା, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦୁର୍ଗା ପ୍ରସାଦ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ପ୍ରଥମେ ଖରିଫ ୨୦୨୪-୨୫ ଧାନ କିଣା ପରିଚାଳନାକୁ ସୁବ୍ୟବସ୍ଥା କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତ ୨୩ ଅକ୍ଟୋବରରେ ରାଜ୍ୟ କ୍ୟାବିନେଟ ଖରିଫ ୨୦୨୪-୨୫ ପାଇଁ ଖାଦ୍ୟ ଶସ୍ୟ କ୍ରୟ ନୀତି ଅନୁମୋଦନ ହୋଇଛି। ଅନୁମୋଦିତ ନୀତି ସମସ୍ତ ବିକେନ୍ଦ୍ରୀକୃତ ପରିଚାଳନା ମାର୍ଗଦର୍ଶିକା ପଠାଯାଇଛି। ଚଳିତବର୍ଷ ସାରା ରାଜ୍ୟରେ ନଭେମ୍ବର ୨୦୨୪ ରୁ ମାର୍ଚ୍ଚ ୨୦୨୫ ମଧ୍ୟରେ ଖରିଫ ଧାନ ସଂଗ୍ରହ ହେବା ପାଇଁ ନିଷ୍ପତି ନିଆଯାଇଥିବା ବେଳେ ଜିଲ୍ଲାର ଧାନ ଅମଳ ସ୍ଥିତିକୁ ଦେଖି ଡି ଏଲ ସି ସି ବେ ?ଠକରେ କୋରାପୁଟ ଜିଲ୍ଲାର ମଣ୍ଡିର ଦିନ ଧାର୍ଯ୍ୟ କରାଯିବ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ୨୩୦୦ ଟଙ୍କା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ଇନପୁଟ ସହାୟତା ୮୦୦ ଟଙ୍କା ମିଶାଇ ଚଳିତ ବର୍ଷ ଧାନ କିଣା ଦର କ୍ୱିଂଟାଲ ପ୍ରତି ୩୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଧାନ କ୍ରୟ ବ୍ୟବସ୍ଥାରେ ନିୟମିତ ତନିଖିକୁ ଦୃଷ୍ଟିରେ ରଖି ଧାନ ରଖିବା ବେଳେ ଯେପରି ଏହା ଗଣିବାକୁ ସହଜ ହେଉଥିବ ସେଥିପ୍ରତି ମିଲର ମାନଙ୍କୁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯିବ। ରାଜ୍ୟ ସରକାର ଚାଷୀମାନେ ତାଙ୍କ କଷ୍ଟ ଉପାର୍ଜିତ ଧାନର ପ୍ରକୃତ ମୂଲ୍ୟ ଯେପରି ପାଇବେ, ତାହା ସରକାରଙ୍କ ପ୍ରତିବଦ୍ଧତା ରହିଛି। ସମ୍ପୃକ୍ତ ସମସ୍ତଙ୍କ ସହଯୋଗରେ ଧାନ କ୍ରୟ ବ୍ୟବସ୍ଥା ଯେପରି ଏକ ଭଲ ବ୍ୟବସ୍ଥା ହେବ ଏବଂ ସବୁ ବ୍ୟସ୍ଥିତ ଭାବରେ ପରିଚାଳିତ ହେବ ସେଥିପ୍ରତି ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ଧାନକିଣା ନେଇ କୌଣସି ପ୍ରକାର ଦୁର୍ନୀତି ଓ ଅବ୍ୟବସ୍ଥାକୁ ବରଦାସ୍ତ କରାଯିବ ନାହିଁ। ଧାନ ସଂଗ୍ରହ ନୀତି ଅନୁଯାୟୀ କ୍ଷୁଦ୍ର ଚାଷୀ ଓ ନାମ ମାତ୍ର ଚାଷୀ ଏବଂ ପ୍ରକୃତ ଚାଷୀଙ୍କ ରେଜିଷ୍ଟ୍ରେସନକୁ ଗୁରୁତ୍ୱ ଦିଆଯିବ, ଯାହା ଦ୍ୱାରା ଚାଷୀଙ୍କ ଅର୍ଥନୈତିକ ବିକାଶ ହେବ ସେ ଦିଗରେ ଦୃଷ୍ଟି ଦିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ।

## ସ୍କୁଲରେ ଶିକ୍ଷକ ଅଭାବ: ପାଠପଢା ଠପ୍, ଶିକ୍ଷକ ନିଯୁକ୍ତି ପାଇଁ ଦାବି

କେନ୍ଦ୍ରାପଡ଼ା, ୦୫/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁରରେ ଥିବା ପନ୍ଦରଶିଳା ହାଇସ୍କୁଲ ରେ ଶିକ୍ଷକ ଅଭାବ ଥିବାରୁ ବିଦ୍ୟାଳୟ ରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନଙ୍କର ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ ଏହି ଉଚ୍ଚ ବିଦ୍ୟାଳୟରେ ଶତାଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ମାତ୍ର ୨ ଜଣ ଶିକ୍ଷକ ଥିବାରୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେବା ସହ ଛାତ୍ରଛାତ୍ରୀଙ୍କ ଜୀବନ ଅନ୍ଧାରମୟ ହେବାରେ ଲାଗିଛି। ସ୍କୁଲରେ ୨ ଜଣ ଶିକ୍ଷକଙ୍କ ମଧ୍ୟରୁ ଆସନ୍ତା ୨୦୨୫ ମସିହାରେ ଜଣେ ଶିକ୍ଷକ ଅବସର ନେବେ।

## କେନ୍ଦୁଝର ଦୈତାରି ସ୍ଥିତ ଓଏମସି ଲୁହା ଖଣିରେ ଆଜିଠାରୁ ଆରମ୍ଭ ହେଲା ଖଣିଜ ଦ୍ରବ୍ୟ ପରିବହନ

କେନ୍ଦୁଝର, ୦୫/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଦୈତାରୀ ସ୍ଥିତ ଓଏମସି ଲୁହା ଖଣି ରେ ଆଜି ଠାରୁ ଆରମ୍ଭ ହେଲା ଖଣିଜ ଦ୍ରବ୍ୟ ପରିବହନ । ଆଜି ପ୍ରଥମ ଦିନ ରେ ୧୦୦ ଟି ଟ୍ରକ କୁ ଦିଆଯାଇଛି ଲେଡିଂ ସ୍କିପ୍ । ଏଠାରେ ଏହା ପୂର୍ବରୁ ମା ତାରିଣୀ ଟିପର ଓ ଟ୍ରକ ମାଲିକ ସଂଘ ଏହି ପରିବହନ କାର୍ଯ୍ୟ ତୁଲାଉଥିଲା । ହେଲେ କିଛି ଦିନ ପୂର୍ବରୁ ଏହି ସଂଘ କୁ ପ୍ରଶାସନ ବେଆଇନ ଘୋଷଣା କରିବା ସହ ତାର ଅଫିସ ଗୃହ ଜଙ୍ଗଲ ଜମି ରେ ଥିବା ଦର୍ଶାଇ ଏହାକୁ ଭାଙ୍ଗି ଦେଇଥିଲେ ଏବଂ ଏବେ ଜୟ ବଜରଙ୍ଗ ବାଲି ଟ୍ରକ ଓ ଟିପର ମାଲିକ ସଂଘ କୁ ପ୍ରଶାସନ ପରିବହନ ଦାୟିତ୍ୱ ନ୍ୟସ୍ତ କରିଛ । କିଛି ଦିନ ପରିବହନ ବନ୍ଦ ପରେ ଆଜି ପୁଣି ପରିବହନ କାର୍ଯ୍ୟ ଆରମ୍ଭ ହେଉ ଥିବାରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଘଟଣା ସ୍ଥଳରେ ଖୋଦ ଅତିରିକ୍ତ ଏସପି ଙ୍କ ନେତୃତ୍ୱ ରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଅନ୍ୟପକ୍ଷରେ ମା' ତାରିଣୀ ଟିପର ଓ ଟ୍ରକ ସଂଘ କର୍ମକର୍ତା ମାନଙ୍କୁ ଆଜି ଦୈତାରି ଓ.ଏମ.ସି କତୃପକ୍ଷ ପ୍ରତ୍ୟାଖାନ କରି ନୂତନ ସଂଘ କୁ ଟୋକନ ଦେଇଥିବାରୁ ଦୈତାରି ଓ.ଏମ.ସି କତୃପକ୍ଷଙ୍କ ବିରୋଧରେ ଦୈତାରି ଥାନାରେ ଉପସ୍ଥିତ ଥିବା ଅତିରିକ୍ତ ଏସ.ପି ଦିଲ୍ଲୀପ କୁମାର ନାୟକ ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

## କେନ୍ଦ୍ରାପଡ଼ାରେ ମିଳିତ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା, ୦୫/୧୧ (ନି.ପ୍ର): କେନ୍ଦ୍ରାପଡ଼ା ସଦର ମହକୁମାରେ ଆଜି ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନ୍‌ହଲ୍ ଠାରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଅତିରିକ୍ତ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସ, କେନ୍ଦ୍ରାପଡ଼ା ଅତିରିକ୍ତ ତହସିଲଦାର କୁମୁଦିନୀ ଜେନା ଓ ବିଡିଓ ବନ୍ଦନା ଖଟୁଆ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣୀରେ ସହାୟତା କରିଥିଲେ। ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୧୮୨ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲାବେଳେ ସେଥିମଧ୍ୟରୁ ୧୮ ଗୋଟି ସାମୁହିକ ଏବଂ ୧୬୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୬୮,୦୦୦/- ଟଙ୍କା ୧୦ ଜଣ ଆବେଦନକାରୀଙ୍କୁ ଦେବାପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବାବେଳେ ରେଡ୍‌କ୍ରସ୍ ପାଣ୍ଠିରୁ ରାଜକନିକା ବ୍ଲକର ଯଶିପୁରର ପ୍ରତାପ ମଲ୍ଲିକଙ୍କୁ ଚିକିତ୍ସା ସହାୟତା ବାବଦରେ ୩,୦୦୦/- ଟଙ୍କାର ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରିଛନ୍ତି। ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ, ପାରିବାରିକ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭୂମିହିନ ପଟ୍ଟା, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା, ରାସନ୍ କାର୍ଡ଼ ପ୍ରଦାନ, ଫୌଜଦାରୀ ମକଦ୍ଦମା, ବାର୍ଦ୍ଧକ୍ୟ ଭତା, ଜମି ସମସ୍ୟା, ବିଦ୍ୟୁତ ଯୋଗାଣ, ଫେରିଘାଟ ନିଲାମ, କଳାକାର ଭତା, ବାତ୍ୟା ଦାନାରେ ଘର ଭଙ୍ଗା ସହାୟତା ପ୍ରଦାନ ନିମନ୍ତେ ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ପୋଲ ଓ ରାସ୍ତା ନିର୍ମାଣ, ଷ୍ଟ୍ରିଟ ଲାଇଟ୍ କାର୍ଯ୍ୟକ୍ଷମ କରିବା, ଜଳ ନିଷ୍କାସନ, ଗ୍ରାମ୍ୟ ରାସ୍ତା ମରାମତି ଓ ନିର୍ମାଣ, ପାନୀୟ ଜଳ ଯୋଗାଣ, ଶିକ୍ଷକ ନିଯୁକ୍ତି, କେନାଲ ମାଧ୍ୟମରେ ଜଳ ଯୋଗାଣ, ନୂତନ କେନାଲ ନିର୍ମାଣ, ସରକାରୀ ଜମି ଅବରୋଧ ହଟାଇବା ଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ହେୟାର ଷ୍ଟ୍ରେଟନିଂ କରୁଥିଲେ ସାବଧାନ: କିଡନୀ ଉପରେ ପଡିପାରେ କୁପ୍ରଭାବ

ଫେସିଆଲ୍ ହେଉ କିମ୍ବା ହେୟାର ଷ୍ଟ୍ରେଟନିଂ ଭଳି ପାର୍ଲର ଟ୍ରିଟମେଣ୍ଟର ଚାହିଦା ବଢୁଛି। ଅଧିକାଂଶ ଯୁବପିଢି କେଶକୁ ସିଧା କରିବା ପାଇଁ ହେୟାର ଷ୍ଟ୍ରେଟନିଂ ଟ୍ରିଟମେଣ୍ଟକୁ ଆପଣାଉଛନ୍ତି। ହେଲେ ଏହି ରୂପସଜ୍ଜା ଉପାଦାନ ବର୍ତ୍ତମାନ କ୍ଷତିକାରକ ସାବ୍ୟସ୍ତ ହୋଇଛି। ହେୟାର ଷ୍ଟ୍ରେଟନିଂ ପରେ ଜଣେ ୨୬ ବର୍ଷୀୟ ଯୁବତୀ କିଡନୀ ସମସ୍ୟାରେ ପୀଡିତ ହୋଇଥିବା ଜାଣିବାକୁ ପାଇଛନ୍ତି ଡାକ୍ତର।



ଦ ନ୍ୟୁ ଇଂଲଣ୍ଡ ଜର୍ଣାଲ ଅଫ୍ ମେଡିସିନରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଯୁବତୀ ଜଣକ ଜୁନ୍ ୨୦୨୦, ଏପ୍ରିଲ୍ ୨୦୨୧ ଏବଂ ଜୁଲାଇ ୨୦୨୨ ରେ ଲୋକପ୍ରିୟ ହେୟାର ଟ୍ରିଟମେଣ୍ଟ ପାଇଁ ପାର୍ଲର ଯାଇଥିଲେ। ମହିଳାଙ୍କ ନାମ ଗୋପନ ରଖାଯାଇ କୁହାଯାଇଛି ଯେ, ପୂର୍ବରୁ ତାଙ୍କର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ନଥିଲା, କିନ୍ତୁ ପ୍ରତ୍ୟେକ ଥର ଷ୍ଟ୍ରେଟନିଂ ପରେ ତାଙ୍କର ବାନ୍ତି, ଡାଇରିଆ, ଜ୍ୱର ଏବଂ ପିଠି ଯନ୍ତ୍ରଣା ହୋଇଥିଲା। ଚିକିତ୍ସା ସମୟରେ ତାଙ୍କ ମସ୍ତିଷ୍କ ଚର୍ମରେ କିଛି ଲାଲ୍ ଦାଗ ଭଳି ଇନଫେକ୍ସନ ଏବଂ ଅଲସର(ଚର୍ମ କିମ୍ବା ଅଙ୍ଗର ପୃଷ୍ଠ ଭାଗରେ କିଛି ଟିସୁ ନଷ୍ଟ) ବିକଶିତ ହୋଇଥିଲା।

ତାଙ୍କ ରକ୍ତରେ କ୍ରିଏଟିନିନ୍ ସ୍ତର ବଢିବା ପରେ ଡାକ୍ତରମାନେ କିଡନୀରେ ତ୍ରୁଟି ଥିବା ଜାଣିବାକୁ ପାଇଥିଲେ। ଏହାପରେ ପରିସ୍ରାରୁ ରକ୍ତ ପଡିବାରୁ ଡାକ୍ତରମାନେ ସିଟି ସ୍କାନ କରାଇଥିଲେ, କିନ୍ତୁ ଏଥିରେ କିଡନୀ ସଂକ୍ରମଣ କିମ୍ବା କିଡନୀ ଅବରୋଧ(ବ୍ଲକେଜ୍)ର କୌଣସି ଲକ୍ଷଣ ଦେଖାଯାଇ ନଥିଲା।

ଏହାପରେ ଯୁବତୀ ଜଣକ ଡାକ୍ତରମାନଙ୍କୁ କହିଥିଲେ ଯେ, ତାଙ୍କ କେଶରେ ଗ୍ଲାୟୋକ୍ସିଲିକ୍ ଏସିଡ୍ ଥିବା ଏକ କ୍ରିମ୍ ବ୍ୟବହାର କରାଯାଇଥିଲା। ଏହା ପରେ ସେହି କେମିକାଲ ପ୍ରଡକ୍ଟକୁ ମୂଷାଙ୍କ ଉପରେ ପରୀକ୍ଷା କରାଯାଇଥିଲା। ଏଥିରୁ ଜଣାଗଲା ଯେ, ଏସିଡ୍ ତାଙ୍କ ଚର୍ମରେ ଅବଶୋଷିତ ହୋଇ କିଡନୀରେ ପହଞ୍ଚିଥିଲା, ଯାହା ପରେ କ୍ଷତି ଘଟାଇଥିଲା।



ଅଧ୍ୟୟନରେ କୁହାଯାଇଛି ଯେ, ଅକ୍ୱାଲେଟ୍ ନେଫ୍ରୋପାଥି କାରଣରୁ ଯୁବତୀଙ୍କର ବାରମ୍ବାର କ୍ରନିକ୍ କିଡନୀ ସମସ୍ୟା ହୋଇଥିଲେ। ଏଥିପାଇଁ ଗ୍ଲାୟୋକ୍ସିଲିକ୍ ଏସିଡ୍ ଥିବା କେମିକାଲ ହେୟାର ଷ୍ଟ୍ରେଟନିଂ ପ୍ରଡକ୍ଟ ଦାୟୀ ବୋଲି ଅଧ୍ୟୟନକାରୀ ସୂଚିତ କରିଛନ୍ତି।

ମେରିଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ମେଡିସିନ୍ ଏବଂ ଫାର୍ମାସିର ସହଯୋଗୀ ପ୍ରଫେସର ଡ. ଜୋଶୁଆ ଡେଭିଡ୍ କିଙ୍ଗ ଲାଇଭ ସାଇନ୍ସକୁ କହିଛନ୍ତି ଯେ, ଏହି ପରୀକ୍ଷା ନିହାତି ଭାବେ ପ୍ରଡକ୍ଟରେ ଗ୍ଲାୟୋକ୍ସିଲିକ୍ ଏସିଡ୍ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବା ସହ ବିଭିନ୍ନ କ୍ରିମ୍ ଉତ୍ପାଦନକାରୀ ପ୍ରଡକ୍ଟ ନିର୍ମାତାମାନେ କିପରି ସ୍ୱାସ୍ଥ୍ୟ ନିରାପଦ ଯୌଗିକ ବ୍ୟବହାର କରିବେ ସେଥିପାଇଁ ଜନ ସଚେତନତା ସୃଷ୍ଟି କରିବ।

# କାହିଁକି ହୁଏ ଯକ୍ଷ୍ମା ?

## ଜାଣନ୍ତୁ ରୋଗର କାରଣ, ଲକ୍ଷଣ ଓ ନିରାକରଣ

**ଟ୍ୟୁବରକୁଲୋସିସ୍, ଟିବି ବା ଯକ୍ଷ୍ମା ଏକ ସଂକ୍ରାମକ ରୋଗ। ଏହା ସାଧାରଣତଃ ଫୁସଫୁସକୁ ଆକ୍ରାନ୍ତ କରିଥାଏ। କିନ୍ତୁ ସର୍ବଦା ଏପରି ହୋଇନଥାଏ। ବେଳେ ବେଳେ ଏହା ମସ୍ତିଷ୍କ ଏବଂ ମେରୁଦଣ୍ଡକୁ ମଧ୍ୟ ଆକ୍ରାନ୍ତ କରିପାରେ।**

ଯକ୍ଷ୍ମା ରୋଗ କ'ଣ ?

ବାସ୍ତବରେ, ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକୁଲୋସିସ୍ ଜୀବାଣୁ ଯକ୍ଷ୍ମା ରୋଗର କାରଣ। ଏହି ଜୀବାଣୁ ସଂକ୍ରମଣରେ ଯକ୍ଷ୍ମା ହୋଇଥାଏ। ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ବ୍ୟକ୍ତିଙ୍କୁ ହେବାର ହେବାର ଆଶଙ୍କା ଅଧିକ ଥାଏ।

ଯକ୍ଷ୍ମା କିପରି ବ୍ୟାପେ ? : ସଂକ୍ରମିତ ବ୍ୟକ୍ତିଙ୍କ କାଶ, ଛିଙ୍କ, କିମ୍ବା ତାଙ୍କ ସହ କଥାବାର୍ତ୍ତା ସମୟରେ ନିଶ୍ୱାସ ମାଧ୍ୟମରେ ଯକ୍ଷ୍ମା ବ୍ୟାପିଥାଏ। ସାଧାରଣତଃ ଟିବି ବାୟୁ ମାଧ୍ୟମରେ ଅନ୍ୟ ଜଣକୁ ବ୍ୟାପିଥାଏ। ସେଥିପାଇଁ ଏହାକୁ ବାୟୁବାହିତ ରୋଗ ବୋଲି କୁହାଯାଏ।

ଯକ୍ଷ୍ମା ଲକ୍ଷଣ: ସ୍ଥାୟୀ କାଶ ଏବଂ ଛାତି ଯନ୍ତ୍ରଣା, କାଶରେ ରକ୍ତ ପଡ଼ିବା, ଥକ୍କା, ଜ୍ୱର, ରାତିରେ ଝାଳ ବୋହିବା ଏବଂ ଓଜନ ହ୍ରାସ। ସଠିକ୍ ସମୟରେ ଚିକିତ୍ସା କରାନଗଲେ ଯକ୍ଷ୍ମା ସାଂଘାତିକ ହୋଇପାରେ। ତେଣୁ, ଲକ୍ଷଣ ଦେଖାଯିବା ମାତ୍ରେ ପରୀକ୍ଷା କରାଇନିଅନ୍ତୁ। ଯକ୍ଷ୍ମା ବ୍ୟାପିବାକୁ ରୋକିବା ପାଇଁ ପ୍ରଥମେ ଏହାକୁ ଚିହ୍ନଟ କରିବା ଜରୁରୀ। ଲକ୍ଷଣ ଯେତେ ଶୀଘ୍ର ଚିହ୍ନଟ ହେବ, ରୋଗୀଙ୍କ ଚିକିତ୍ସା ସେତେ ସହଜ ହୋଇପାରିବ। ତେଣୁ ସଚେତନ ହୁଅନ୍ତୁ, ରୋଗରୁ ମୁକ୍ତ ରୁହନ୍ତୁ।

# ମେଦ ହ୍ରାସ ପାଇଁ ସ୍କିପିଙ୍ଗ

ଦଉଡ଼ିଡିଆଁ ବା ସ୍କିପିଂ ଏକ ଉତ୍ତମ ବ୍ୟାୟାମ । ଏହା ଦ୍ୱାରା ଅଧିକ କାଲୋରି ଖର୍ଚ୍ଚ ହେବା ସହ ମେଦ ନଷ୍ଟ ହୁଏ । ହୃତପିଣ୍ଡ ଓ ଫୁସଫୁସର କାର୍ଯ୍ୟ-କ୍ଷମତା ବଢ଼େ । ପେଣ୍ଡା ଶକ୍ତିଶାଳୀ ହୁଏ । ପ୍ରଥମେ ଦୁଇ ଗୋଡ଼ରେ ଡେଇଁ ସ୍କିପିଂ ଅଭ୍ୟାସ କରନ୍ତୁ । ପ୍ରଥମ ପନ୍ଦର ଦିନ, ଦୈନିକ ପନ୍ଦର ମିନିଟ୍ ଯେତେ ସଂଭବ ଅଭ୍ୟାସ କରନ୍ତୁ । ତାହା ପରେ ଆଉ ପନ୍ଦର ଦିନ, ଥରକେ ତିରିଶ ସେକେଣ୍ଡ ପରେ ଦଶ ସେକେଣ୍ଡ ବିଶ୍ରାମ, ଏହି ପରି କରନ୍ତୁ । ତାହା ପରେ ତିରିଶ ଦିନ, ଥରକେ ନବେ ସେକେଣ୍ଡ ପରେ ତିରିଶ ସେକେଣ୍ଡ ବିଶ୍ରମ, ଏହି ପରି ଆଠ ସେଟ୍ ଅଭ୍ୟାସ କରନ୍ତୁ । ଏହି ହାରରେ ବଢ଼ାଇ ଆଠ ମାସ ଭିତରେ ଥରକେ ତିନି ମିନିଟ୍ ଡେଇଁ, ଏକ ମିନିଟ ବିଶ୍ରାମ ସହ ଆଠ ସେଟ୍ ଅଭ୍ୟାସ କରନ୍ତୁ । ସ୍କିପିଂ ପରେ ଥରକେ ଯେତେ ସଂଭବ ପୁସ୍-ଅପ୍ ପାଞ୍ଚ ସେଟ୍ ମାରନ୍ତୁ । ସପ୍ତାହରେ ପାଞ୍ଚ ଦିନ ଏହା ଅଭ୍ୟାସ ସହ ଖାଦ୍ୟ-ପାନୀୟ ବାବଦରେ ସତର୍କତା ଅବଲମ୍ବନ କଲେ ଆଠ ମାସରେ ଓଜନ ପନ୍ଦର-ଅଠର କିଲୋଗ୍ରାମ କମିବ । ଆରାମଦାୟକ ଜୋତା ପିନ୍ଧି, ଧୂଳି ଉଠୁ ନଥିବା ସ୍ଥାନରେ ସ୍କିପିଂ କରନ୍ତୁ । ଏଥିପାଇଁ ଉଚ୍ଚ ମାନର ସ୍କିପିଂ ରୋପ୍ ବ୍ୟବହାର କରନ୍ତୁ । ଖଞ୍ଜାରେ ସମସ୍ୟା, ହାନିଆ, ପ୍ରୋସ୍ଟ୍ରେଟ୍, ହୃଦରୋଗ ଆଦି ଥିଲେ, ଚିକିତ୍ସକଙ୍କ ପରାମର୍ଶ ବିନା ସ୍କିପିଂ କରିବେନାହିଁ ।



# ଗ୍ରୀନ୍ ଟି'ରେ ମିଶାଇ ପିଅନ୍ତୁ ଏହିସବୁ ଜିନିଷ: କ୍ୟାନ୍ସର୍ ପରି ରୋଗରୁ ମିଳିବ ମୁକ୍ତି

ଆଜିକାଲିର ବ୍ୟସ୍ତବହୁଳ ଜୀବନ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟଶୈଳୀ କାରଣକୁ ଅଧିକାଂଶ ଲୋକଙ୍କୁ ବିଭିନ୍ନ ପ୍ରକାର ରୋଗ ହୋଇଥାଏ । ଯାହାକି ତାଙ୍କୁ ଅନେକ କଷ୍ଟ ଦେବା ସହ କିଛି ଲୋକଙ୍କର ମୃତ୍ୟୁ ମଧ୍ୟ ହୋଇଥାଏ । ତେବେ ବର୍ତ୍ତମାନର ସମୟରେ ମଧୁମେହ, ବେଦବହୁଳତା ହୃଦଘାତ ଏବଂ କ୍ୟାନ୍,ର ପରି ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାର ଲାଗିଛି । ଯାହାକି ଶରୀର ପ୍ରତି ବହୁତ କ୍ଷତିକାରକ ହୋଇଥାଏ । ତେଣୁ ଏହିସବୁ ସମସ୍ୟା ଖାସ୍ କରି କ୍ୟାନ୍ସର ପରି ରୋଗଠାରୁ ଦୂରେଇ ରହିବା ପାଇଁ ଏପରି କିଛି ଜିନିଷ ଅଛି ଯାହାକୁ ସେବନ କରିବା ଉଚିତ୍ । ଫଳରେ ଏହା ଆମକୁ ସୁସ୍ଥ ରଖିବା ସହ ରୋଗମୁକ୍ତ ମଧ୍ୟ ରଖିଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଗ୍ରୀନଟିରେ କଣ ସବୁ ମିଶାଇ ସେବନ କରିବା ଉଚିତ୍ । ଯାହାଦ୍ୱାରା କ୍ୟାନ୍ସର ପରି ସମସ୍ୟାରୁ ମଧ୍ୟ ମୁକ୍ତି ମିଳିପାରିବ ।



ଅଦା: ଅଦା ଓଏପରି ଏକ ଜିନିଷ , ଯାହାର ବ୍ୟବହାର ଖାଦ୍ୟର ସ୍ୱାଦ ବଢାଇବା ପାଇଁ କରାଯାଇଥାଏ । କିନ୍ତୁ ଆପଣ ଜାଣନ୍ତି କି ଯଦି ଏହା ଗ୍ରୀନ୍ ଟି ସହିତ ମିଶ୍ରିତ ହୁଏ, ତେବେ ଏହା ଅନେକ ଉପାୟରେ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରେ । ଫଳରେ ଆପଣ ଅନେକ କିଛି ସମସ୍ୟାରୁ ମୁକ୍ତି ପାଇ ପାରନ୍ତି । ଏହାର ସାହାଯ୍ୟରେ କେବଳ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ ନାହିଁ, ବରଂ ଏହା କର୍କଟ ଭଳି ବିପଜ୍ଜନକ ଏବଂ ମାରାତ୍ମକ ରୋଗକୁ ମଧ୍ୟ ରୋକିଥାଏ । ତେଣୁ ଗ୍ରୀନଟିରେ ଅଦା ମିଶାଇ ସେବନ କରିବା ଉଚିତ୍ ।

୨. ପୁଦିନା ପତ୍ର ଏବଂ ଡାଲଚିନି: କିଛି ଲୋକ ଗ୍ରୀନ୍ ଟିରେ ପୁଦିନା ପତ୍ର ଏବଂ ଡାଲଚିନି ମିଶ୍ରମ କରିଥାନ୍ତି । କାରଣ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଏଥିସହିତ ହଜମ ପ୍ରକ୍ରିୟାରେ ମଧ୍ୟ ଉନ୍ନତି କରିଥାଏ । ତେଣୁ ଏହାକୁ ଗ୍ରୀନଟିରେ ମିଶାଇ ସେବନ କରିବା ଦ୍ୱାରା ଏହା ବିଭିନ୍ନ ପ୍ରକାର ରୋଗରୁ ମୁକ୍ତି ଦେବା ସହ ଓଜନ ହ୍ରାସରେ ମଧ୍ୟ ସାହାର୍ଯ୍ୟ କରେ ।

୩. ଲେମ୍ବୁ : ଯଦି ଲେମ୍ବୁକୁ ଗ୍ରୀନ୍ ଟି ସହିତ ମିଶାଯାଏ ତେବେ ଏହାର ତିକ୍ତ ସ୍ୱାଦ ସାମାନ୍ୟ କମିଯାଏ ଏବଂ ଏହା ଆଣ୍ଟିଅକ୍ସିଡାଣ୍ଟ ବୃଦ୍ଧିରେ ମଧ୍ୟ ସାହାଯ୍ୟ କରିଥାଏ । ଯାହା ଆମ ଶରୀର ପାଇଁ ଲାଭଦାୟକ ହୋଇଥାଏ । ଯଦି ଆପଣ ଅଧିକ ପ୍ରଭାବ ଚାହୁଁଛନ୍ତି ତେବେ ଗ୍ରୀନ ଟି କରିସାରିବା ପରେ ଶେଷରେ ଲେମ୍ବୁ ରସ ମିଶାନ୍ତୁ ।

# ଏବେ ଜୀବନ ବଞ୍ଚାଇବା ପାଇଁ ବ୍ୟବହୃତ ହେବ କୃତ୍ରିମ ଇଣ୍ଟେଲିଜେନ୍ସ (ଏଆଇ)

ଆମ ଚାରିପାଖରେ ଅନେକ ସ୍ଥାନରେ କୃତ୍ରିମ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର କରାଯାଉଛି। ଇଣ୍ଟରନେଟରେ କିଛି ଖୋଜିବା କିମ୍ବା ଘରୋଇ ଜିନିଷ ବିଷୟରେ କିଛି ଜାଣିବାପାଇଁ ହେଉ କୃତ୍ରିମ ଇଣ୍ଟେଲିଜେନ୍ସ ଆମକୁ ଏସବୁରେ ବହୁତ ସାହାଯ୍ୟ କରୁଛି । ବର୍ତ୍ତମାନ ଏହା ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ମଧ୍ୟ ବ୍ୟବହୃତ ହେବାକୁ ଯାଉଛି।

ଲାଇଫଗାର୍ଡ ଏଜେନ୍ସି ଦୃଷ୍ଟୀ ମେରାଇନ୍ ସ୍ୱୟଂ ଚାଳିତ ରୋବଟ୍ 'ଆରୁସ୍' ଓ 'ଟ୍ରିଟନ୍' କୁ ସାମ୍ନାକୁ ଆଣିଛି। ଏହି ଦୁଇଟି ହେଉଛି ମନିଟରିଂ ସିଷ୍ଟମ, ଯାହା ଟିମକୁ ଜୀବନ ବଞ୍ଚାଇବାରେ ସାହାଯ୍ୟ କରିବେ। ଆସନ୍ତୁ ଜାଣିବା ରୋବଟଗୁଡିକ କିପରି ସେମାନଙ୍କର କାର୍ଯ୍ୟ କରିବେ। ଦୃଷ୍ଟୀ ମେରାଇନ୍ର ଅପରେସନ୍ ମୁଖ୍ୟ ନବୀନ ଆୱସ୍ତି କହିଛନ୍ତି, 'ଉଭୟ ଏଆଇ-ମନିଟର କ୍ୟାମେରା ଆଧାରିତ ସିଷ୍ଟମ, ଯାହା ଚାରିପାଖରେ ଜିନିଷକୁ ସ୍କାନ କରି ବିପଦକୁ ଚିହ୍ନଟ କରିଥାଏ। ରୋବଟ ଗୁଡିକ ଲାଇଫଗାର୍ଡଙ୍କୁ ପ୍ରକୃତ ସମୟ (ରିଏଲ ଟାଇମ) ସୂଚନା ଜଣାଇବେ, ଯାହା ଦ୍ୱାରା ଜରୁରୀକାଳୀନ ପରିସ୍ଥିତିରେ ଲାଇଫଗାର୍ଡମାନେ ଶୀଘ୍ର ପହଂଚିବାକୁ ସମର୍ଥ ହେବେ । ଏହା ଫଳରେ ବେଳାଭୂମି ମନିଟରିଂ ପାଇଁ ନୂତନ ଟେକ୍ନୋଲୋଜିର ବ୍ୟବହାର ସହିତ ସ୍ଥାନାନ୍ତରିତ ବିପଦ ହ୍ରାସ ହୋଇପାରିବ ଓ ଲୋକଙ୍କ ସୁରକ୍ଷା ଭଲ ହେବ। ରୋବଟ 'ଆରୁସ୍' ସାହାଯ୍ୟରେ ଟିମ ଗୋଆ ବେଳାଭୂମିକୁ ଏକ ସହଜ ଉପାୟରେ ନଜର ରଖିବାରେ ସକ୍ଷମ ହେବ। ଏହା ଏକ ସ୍ୱୟଂ ଚାଳିତ ରୋବଟ୍, ଯାହା ଲାଇଫଗାର୍ଡଙ୍କୁ ସାହାଯ୍ୟ କରିବା ପାଇଁ ବିକଶିତ ହୋଇଛି । ଏହା ନନ-ସୁଇମିଂ ଜୋନ୍ ଉପରେ ପାଟ୍ରୋଲିଂ କରିବ ଏବଂ ପର୍ଯ୍ୟଟକମାନଙ୍କୁ ବଡ଼ ଢେଉ ବିଷୟରେ ଅବଗତ କରାଇବ। ଦ୍ୱିତୀୟ ରୋବଟ୍ 'ଟ୍ରିଟନ୍' ମଧ୍ୟ ଆରୁସ୍ ସହିତ କାମ କରିବ, ଯାହାଦ୍ୱାରା ଲାଇଫଗାର୍ଡମାନଙ୍କୁ ବେଳାଭୂମିର ସମସ୍ତ ବିବରଣୀ ମିଳିପାରିବ। ଏହି ଦୁଇଟି ରୋବଟ କେଉଁ ଅଞ୍ଚଳରେ ପାଟ୍ରୋଲିଂ କରିବେ ତାହା କଣ୍ଟ୍ରୋଲ ରୁମରେ ବସିଥିବା ଟିମ ସ୍ଥିର କରିବେ। ଟେକ୍ ଲାଇଫ୍ ସେଭର୍ସ ଉଭୟ ଏଆଇ (ଇଓ) ସିଷ୍ଟମ୍ ପରିଚାଳନା କରିବ।



# ସକାଳ ଧ୍ୟାନର ଉପଯୋଗିତା



♦ଧ୍ୟାନ କଲେ ଉଭୟ ମନ ଓ ମସ୍ତିଷ୍କ ସୁସ୍ଥ ରହିଥାଏ ବୋଲି ବିଶେଷଜ୍ଞଙ୍କ ମତ । ନିୟମିତ ଭାବେ ଏଇ ଅଭ୍ୟାସ କଲେ ତାହାର ସୁଫଳ ଖୁବ୍ ଶୀଘ୍ର ଦେଖିବାକୁ ମିଳେ ।

♦ଶଯ୍ୟା ତ୍ୟାଗ ପରେ ଖଟ ଉପରେ ବସି ୫-୭ ମିନିଟ୍ ଧ୍ୟାନ କରିପାରିବେ। ରକ୍ତଚାପ ଓ ଅବସାଦଗ୍ରସ୍ତ ରୋଗୀ ଧ୍ୟାନ ପ୍ରତ୍ୟହ କଲେ ଏହାର ସୁଫଳ ଜାଣିପାରିବେ ।

♦ ଧ୍ୟାନ କରିବାର କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ନାହିଁ । ପିଲାଠାରୁ ବୟସ୍କ ଏଇ ସରଳ ଉପାୟକୁ ନିଜ ଦୈନିକ ଜୀବନରେ ସାମିଲ କରାଇପାରିବେ । ତେବେ ପ୍ରାତଃ କାଳରେ ଧ୍ୟାନ କଲେ ତାହାର ଉତ୍ତମ ପ୍ରଭାବ ପଡ଼ିଥାଏ ବୋଲି ବିଶେଷଜ୍ଞଙ୍କ ମତ ।

♦ଧ୍ୟାନ ଏକପ୍ରକାର ଶକ୍ତି, ଏହାର ପ୍ରଭାବରେ ଉଭୟ ତନ ଓ ମନ ସୁସ୍ଥ ରହିଥାଏ । ଏବର ଯୁବପିଢ଼ି ଉପରେ କାମର ଚାପ ଖୁବ୍ ଅଧିକ । ଏସବୁକୁ ନିୟନ୍ତ୍ରଣରେ ରଖିବା ସହ ଚାପମୁକ୍ତ ଜୀବନ ଅତିବାହିତ କରିବାକୁ ଚାହୁଁଥିଲେ ଯୋଗ କଲେ ଉତ୍ତମ ପ୍ରଭାବ ଜାଣିପାରିବେ ।

# ବ୍ରଣରୁ ରକ୍ଷା ପାଇବାରୀ ଘରୋଇ ଉପାୟ

**ଯୁବତୀମାନଙ୍କର ଏକ ପ୍ରମୁଖ ସମସ୍ୟା ହେଲା ତ୍ୱଚାରେ ବ୍ରଣ ହେବା । ବ୍ରଣ ତ୍ୱଚାର ସୌନ୍ଦର୍ଯ୍ୟକୁ ଖରାପ କରିବା ସହ ଏହାର ଦାଗ ମଧ୍ୟ ସହଜରେ ଯାଇନଥାଏ । ଏଣୁ ଏହାର ସୁନ୍ଦର ତଥା ସରଳ ଘରୋଇ ଉପଚାର ହେଲା ଶୁଦ୍ଧ ହଳଦୀକୁ ନିଜ ସୌନ୍ଦର୍ଯ୍ୟ ଚର୍ଚ୍ଚାରେ ସାମିଲ କରାନ୍ତୁ ।**

♦ ୧ ଚାମଚ ଶୁଦ୍ଧ ମହୁ ଓ ଅଧ ଚାମଚ ହଳଦୀକୁ ମିଶାଇ ବ୍ରଣ ଉପରେ ଲଗାନ୍ତୁ । ୧୦-୧୨ ମିନିଟ୍ ପରେ ଥଣ୍ଡା ପାଣିର ଛିଟା ମରିବେ । ନିୟମିତ ଏପରି କଲେ ବ୍ରଣ ଦୂର ହେବା ସହ ଦାଗ ମଧ୍ୟ ଦୂର ହୋଇଥାଏ।

♦ ୧ଚାମଚ ଦହିରେ ଅଧ ଚାମଚ ହଳଦୀ ମିଶାଇ ସେହି ପ୍ୟାକକୁ ବ୍ରଣରେ ଲଗାଇବା ସହ ପୂରା ମୁହଁରେ ମଧ୍ୟ ଲଗା ଇପାରିବେ । ପ୍ୟାକ୍ ଶୁଖିବା ପରେ ଭଲ ଭାବେ ମୁହଁ ଧୋଇନିଅନ୍ତୁ । ସପ୍ତାହକୁ ୩-୪ଥର ଏପରି କରିବା ଉଚିତ ।

♦ ନିମ୍ବ ପତ୍ର ଗୁଣ୍ଡ ୨ଚାମଚରେ ୧ଚାମଚ ହଳଦୀ ଓ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହି ପ୍ୟାକ୍ ତ୍ୱଚା ପାଇଁ ଆଣ୍ଟିସେପଟିକ୍ ଭଳି କାମ କରିଥାଏ । ବ୍ରଣ ଓ ଦାଗରୁ ରକ୍ଷା ପାଇବା ନିମନ୍ତେ ନିୟମିତ ଏହି ପ୍ୟାକ୍ ଲଗାଇବା ଭଲ ।

ପାଉଡର ଓ ଚିମୁଟାଏ ହଳଦୀରେ କଞ୍ଚା ଖିର ମିଶାଇ ତ୍ୱଚାରେ ଲଗାଇପାରିବେ ।

♦ କଞ୍ଚା ଖିର ଓ ଚିମୁଟାଏ ହଳଦୀର ପ୍ୟାକ୍ ମଧ୍ୟ ବ୍ରଣ ଦାଗ ଦୂର କରିବାରେ ସହାୟକ ହୋଇଥାଏ

♦ଦୈନିକ ସ୍ନାନ ପୂର୍ବରୁ ଘିକୁଆରୀ ରସରେ ଚିମୁଟାଏ ହଳଦୀ ମିଶାଇ ପବ୍ୟାକ୍ ଭଳି ତ୍ୱଚାରେ ଲଗାନ୍ତୁ । ମାସେ ଏହି ପ୍ୟାକ୍ ଲଗାଇଲେ ତ୍ୱଚାରୁ ବ୍ରଣ ଓ ଦାଗ ଦୂର ହୋଇଥାଏ ।






## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରାଗିଂ କାଳିମା...

ଶିକ୍ଷାନୁଷ୍ଠାନରେ ରାଗିଂ ଭଳି ଅବାଞ୍ଛିତ ଘଟଣା ପୁଣି ଥରେ ଓଡ଼ିଶାରେ ଦେଖିବାକୁ ମିଳିଛି। ବ୍ରହ୍ମପୁର ଏମ୍‌କେସିଜି କଲେଜ୍‌ରେ ଜନୈକ ତୃତୀୟ ବର୍ଷର ଡାକ୍ତରୀ ଛାତ୍ରଙ୍କୁ ରାଗିଂ ଅଭିଯୋଗରେ ଚତୁର୍ଥ ବର୍ଷର ପାଞ୍ଚ ଜଣ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେମାନଙ୍କ ଶିକ୍ଷାନୁଷ୍ଠାନ ପ୍ରବେଶ ଉପରେ ୬ ମାସ ପର୍ଯ୍ୟନ୍ତ ନିଷେଧାଜ୍ଞା ଜାରି କରାଯାଇଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିବ ବୋଲି ସୂଚନା ମିଳିଛି। ତେବେ ଏ ସମ୍ପର୍କିତ ଯେତେସବୁ ଘଟଣା ଘଟିଛି ଏବଂ ତଦନ୍ତ ହୋଇଛି ତାହାର ଫଳାଫଳ ଦୃଷ୍ଟାନ୍ତମୂଳକ ହେଉ ନଥିବାରୁ ଏଭଳି କୁତ୍ସିତ ପ୍ରଥା ସମସ୍ତ ନିଷେଧାଜ୍ଞା ସତ୍ତ୍ୱେ ବଢ଼ି ଚାଲିଛି। ବିଡ଼ମ୍ବନା ହେଉଛି ଏଭଳି ଘଟଣା ଘଟିଲେ କିଛିଦିନ ପର୍ଯ୍ୟନ୍ତ ରାଗିଂ ନିରୋଧ ବ୍ୟବସ୍ଥାକୁ ନେଇ ଗଣମାଧ୍ୟମ ଓ ବିଭିନ୍ନ ମଞ୍ଚରେ ସରଗରମ ଆଲୋଚନା ହୁଏ ଏବଂ କିଛିଦିନ ପରେ ତାହା ମଧ୍ୟ ଶିଥିଳ ପଡ଼ିଯାଏ। ବୁଦ୍ଧିଜୀବୀ, ଆଇନଜ୍ଞ ଓ ଶିକ୍ଷାବିତ୍‌ମାନଙ୍କ ସ୍ୱର ପୁଣି ଏକ ଘଟଣା ଘଟିବା ପର୍ଯ୍ୟନ୍ତ ନିରବ ହୋଇଯାଏ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଆଣ୍ଟି-ରାଗିଂ ସେଲ୍‌ର ତଥ୍ୟ ଅନୁଯାୟୀ ଓଡ଼ିଶାରେ ୨୦୨୧-୨୩ରେ ଜାନୁଆରୀ ୧ ତାରିଖ ସୁଦ୍ଧା ୨୭ଟି ରାଗିଂ ଘଟଣା ଘଟିଛି। ଗତ ୧୫ ବର୍ଷ ମଧ୍ୟରେ ଓଡ଼ିଶାରେ ୬୦୯ଟି ଏଭଳି ଘଟଣା ଘଟିଛି। ରାଗିଂ ପରି ଏକ କଳୁଷିତ ପରମ୍ପରାରେ ଓଡ଼ିଶା ଦେଶରେ ତୃତୀୟ ସ୍ଥାନ ହାସଲ କରି ଏକ ଅଲୋଡ଼ା ରେକର୍ଡ ପ୍ରତିଷ୍ଠା କରିଛି। ଦୁର୍ଭାଗ୍ୟଜନକ ହେଉଛି ଏଥିମଧ୍ୟରୁ ଅଧିକାଂଶ ଘଟଣା ଡାକ୍ତରୀ ଓ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନମାନଙ୍କରେ ଘଟୁଛି। ଏହାବାଦ୍ ଦେଶର ବିଭିନ୍ନ ଅଞ୍ଚଳର ଶିକ୍ଷାନୁଷ୍ଠାନମାନଙ୍କରେ ଏଭଳି ଅନେକ ଘଟଣା ପ୍ରତିଦିନ ଘଟିଚାଲିଛି ଯାହାର ଅଭିଯୋଗ ହେଉନାହିଁ। ରାଗିଂର ଶିକାର ହେଉଥିବା ଛାତ୍ରଛାତ୍ରୀ ଭୟରେ ହେଉ କିମ୍ବା ନିଜ ଭବିଷ୍ୟତ ଦୃଷ୍ଟିରୁ ନିରବରେ ନିର୍ଯାତନା ସହିବାକୁ ଉଚିତ ମଣୁଛନ୍ତି। ଅନେକ କ୍ଷେତ୍ରରେ ଅଭିଯୋଗ କଲେ ନ୍ୟାୟ ତ ମିଳୁନାହିଁ, ଅଧିକନ୍ତୁ ଅଧିକ ନିର୍ଯାତନା ସହିବାକୁ ପଡୁଛି ବୋଲି କେତେକ ଛାତ୍ରଛାତ୍ରୀ ବିଭିନ୍ନ ସମୟରେ ଅଭିଯୋଗ କରିଛନ୍ତି। କେତେକ କ୍ଷେତ୍ରରେ ଅଭିଯୋଗର ତଦନ୍ତ ବିଧିବଦ୍ଧ ଭାବେ ହେଉ ନ ଥିବାରୁ ଦୋଷୀ କିଏ ତାହା ଧରାପଡୁନାହିଁ। ସେହିପରି ଦୋଷ ସାବ୍ୟସ୍ତ ହେବା ପରେ ମଧ୍ୟ ଦଣ୍ଡବିଧାନ ଅତି କୋହଳ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ମନରେ ଭୟ ସଞ୍ଚାର ହେଉନାହିଁ। ଫଳତଃ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏହି କଳୁଷିତ ପ୍ରଥାର ମୂଳୋତ୍ପାଟନ ହୋଇପାରୁନାହିଁ। ଶିକ୍ଷାନୁଷ୍ଠାନରେ ନବାଗତ ଓ ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମାଜିକ ସମ୍ପର୍କ ଓ ବନ୍ଧୁତ୍ୱ ପାଇଁ ପରିକଳ୍ପିତ ରାଗିଂ ପରମ୍ପରା ପାଶ୍ଚାତ୍ୟ ଦେଶମାନଙ୍କରୁ ଆରମ୍ଭ ହୋଇ ବିଶ୍ୱର ଅନ୍ୟାନ୍ୟ ଅଞ୍ଚଳକୁ ପରିବ୍ୟାପ୍ତ ହୋଇଛି। ସମୟକ୍ରମେ ଏହା ଅମାନବୀୟ ଓ ହିଂସ୍ରତାର ରୂପ ନେଇଛି। ସେହିପରି ପ୍ରାଥମିକ ପର୍ଯ୍ୟାୟରେ କେବଳ ବୈଷୟିକ ଶିକ୍ଷାନୁଷ୍ଠାନରେ ରାଗିଂ ପରମ୍ପରା ସୀମିତ ଥିବାବେଳେ କାଳକ୍ରମେ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଓ ଛାତ୍ରାବାସକୁ କାୟା ବିସ୍ତାର କରିଛି। ରାଗିଂ ଯୋଗୁଁ ଅନେକ ମେଧାବୀ ଅଧାରୁ ପାଠ ଛାଡ଼ିବା ବା ଆଦୌ ବୈଷୟିକ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରୁନଥିବା ଏବଂ କେତେକ ସ୍ଥାନରେ ନବାଗତ /ନବାଗତାଙ୍କ ପ୍ରାଣହାନି ପରି ପରିସ୍ଥିତି ସୃଷ୍ଟି ହୋଇଛି। ବିଡ଼ମ୍ବନା ଯେ ରାଗିଂର ଯନ୍ତ୍ରଣା ଓ ହୀନମନ୍ୟତାକୁ ଅନୁଭବ କରିଥିବା ଛାତ୍ରଛାତ୍ରୀମାନେ ହିଁ ପରବର୍ତ୍ତୀ ସମୟରେ ଏହି ପରମ୍ପରାକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। 'ଯଦି ମୁଁ ନିର୍ଯାତିତ, ତେବେ ଅନ୍ୟମାନେ ମଧ୍ୟ ହେବା ଉଚିତ' – ଏହି ମାନସିକତା ହିଁ ରାଗିଂ ପରି କୁତ୍ସିତ ପରମ୍ପରା ଓ ମାନସିକତାକୁ ଅଧିକ ବଳଶାଳୀ କରୁଛି। ରାଗିଂ କ୍ରମଶଃ ଉତ୍କଟ, ଉଗ୍ର ଓ ଦୁର୍ବିସହ ହେବା ପରେ ଏହାର ସମ୍ପୂର୍ଣ୍ଣ ବିଲୋପସାଧନ ପାଇଁ ଦେଶବ୍ୟାପୀ ସବୁ ମହଲରେ ମତ ପ୍ରକାଶ ପାଇଥିଲା। ଶେଷରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜାତୀୟସ୍ତରରେ ରାଗିଂ ବିରୋଧରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି। ଶିକ୍ଷାନୁଷ୍ଠାନକୁ ରାଗିଂମୁକ୍ତ କରିବା ପାଇଁ ଆର କେ ରାଘବନ୍ କମିଟିଙ୍କ ବିସ୍ତୃତ ସୁପାରିସ ଆଧାରରେ ନିୟମ ମଧ୍ୟ ପ୍ରଣୟନ କରାଯାଇଛି। ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ ମଧ୍ୟ ଛାତ୍ରଛାତ୍ରୀଙ୍କ ନାମ ଲେଖା ପୂର୍ବରୁ ରାଗିଂନିରୋଧୀ ଘୋଷଣାନାମା ଦେବାକୁ କଟକଣା ଜାରି କରିଛନ୍ତି। ରାଗିଂରେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନର ବିଭିନ୍ନ ଦଫା ଲାଗୁ କରାଯିବାର ମଧ୍ୟ ବ୍ୟବସ୍ଥା ରହିଛି। ନିୟମ ଓ କଟକଣା ରାଗିଂ ପରମ୍ପରାକୁ କିଛି ପରିମାଣରେ ଶିଥିଳ କରିପାରିଛି ସିନା ରାଗିଂ ବିରୋଧୀ ମାନସିକତାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିପାରିନାହିଁ। ତେଣୁ କେତେବେଳେ କେଉଁଠି ରାଗିଂର ସୁପ୍ତ ମାନସିକତା ଉଙ୍କି ମାରୁଛି। ଶିକ୍ଷାନୁଷ୍ଠାନ ପରିସରରୁ ରାଗିଂ ପ୍ରଥାର ସମ୍ପୂର୍ଣ୍ଣ ବିଲୋପସାଧନ ପାଇଁ କର୍ତ୍ତୃପକ୍ଷଙ୍କ କଠୋର ଅନୁଶାସନ ଓ କଟକଣା ଯେତିକି ଜରୁରୀ, ଅଭିଭାବକମାନଙ୍କ ଦାୟିତ୍ୱ ଓ ଶାସନ ତତୋଧିକ ଗୁରୁତ୍ୱପୂର୍ଣ୍ଣ। ରାଗିଂ ଅଭିଯୋଗ ପ୍ରମାଣିତ ହେବା ପରେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ବିରୋଧରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଯଦି କଠୋର ହୁଅନ୍ତା, ତେବେ ଏହି ସମସ୍ୟାର ସମାଧାନ ସମ୍ଭବ ହୁଅନ୍ତା। ସେହିପରି ଅଭିଭାବକମାନେ ଯଦି ସେମାନଙ୍କ ପିଲାଙ୍କୁ ଶୈଶବରୁ ଶୃଙ୍ଖଳିତ ଓ ବିଚାରବନ୍ତ କରିପାରନ୍ତେ, ତେବେ ଏଭଳି ଦୁଃସ୍ଥ ମାନସିକତାର ଅନ୍ତ ଘଟନ୍ତା। ଯେଉଁଠାରେ ଦେଶଗଠନର ମୂଳଦୁଆ ଆରମ୍ଭ ହୁଏ, ସେଠାରେ ଏଭଳି କଳୁଷିତ ଓ ଅନୈତିକ କାର୍ଯ୍ୟକଳାପ ଆଦୌ ଗ୍ରହଣୀୟ ନୁହେଁ କି ସୁସ୍ଥ, ସମୃଦ୍ଧ ଶୈକ୍ଷିକ ପରିବେଶ ପାଇଁ ଶୁଭଙ୍କର ନୁହେଁ। ଦେଶର ଭବିଷ୍ୟତମାନଙ୍କୁ ରାଗିଂ ପରି ଦୁଃସ୍ଥ ମାନସିକତାରୁ ଦୂରରେ ରଖିବା ଏବଂ କଳୁଷିତ ପରମ୍ପରାରୁ ସୁରକ୍ଷା ଦେବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ବିଶେଷକରି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ସରକାର ଏ ଦିଗରେ ଅଧିକ ଦୃଷ୍ଟି ଦେବା ଆବଶ୍ୟକ।

## ଜନନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର



### ବିଶ୍ୱବିଜୟୀ ଦାଶ

ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ଜଣେ ବିଶିଷ୍ଟ ରାଜନେତା, ପାଇକ ବିଦ୍ରୋହ ର ମହାନାୟକ ବକ୍ସି ଜଗବନ୍ଧୁ ଙ୍କ ଉତ୍ତରଦାୟାଦ୍, ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ।ସେ ୧୯୬୪ ମସିହା ଫେବୃୟାରୀ ୧୪ ତାରିଖରେ ପୁରୀ ଜିଲ୍ଲା ବ୍ରହ୍ମଗିରି ଅନ୍ତର୍ଗତ ଗଡ଼ ରୋଡ଼ଙ୍ଗ ରେ ଜନ୍ମଗ୍ରହଣ କରିଥିଲେ।

ସେ ବିଜେବି କଲେଜରୁ ସ୍ନାତକ ଲାଭ କରିଥିଲେ। କଲେଜରେ ପଢ଼ିବା ବେଳେ ସେ ୧୯୮୩ ମସିହାରେ ଭାରତୀୟ ଜାତୀୟ ଛାତ୍ର ପରିଷଦର ଯୁଗ୍ମ ସମ୍ପାଦକ,୧୯୮୫ରେ ସାଧାରଣ ସମ୍ପାଦକ, ଓ ୧୯୮୭ରେ ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ। ୧୯୯୬ରେ ସେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ସଭାପତି ହୋଇଥିଲେ। ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପଢ଼ିବା କାଳରେ ସେ ସେଠାର ସିନେଟ ସଦସ୍ୟ ହୋଇଥିଲେ। ସେ ପୁରୀ ଜିଲ୍ଲାର ବ୍ରହ୍ମଗିରି ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ୧୯୯୫, ୨୦୦୦ ଓ ୨୦୦୪ ମସିହାରେ ତିନି ଥର ନିର୍ବାଚିତ ହୋଇଥିଲେ। ସେ ଦୀର୍ଘ ୩୫ ବର୍ଷ ଧରି ଓଡ଼ିଶା ରାଜନୀତିରେ ସକ୍ରିୟ ଥିଲେ। ତାଙ୍କର ଦାମ୍ଭିକତା, ନିର୍ଭୀକତା, ଅପ୍ରିୟ ସତ କହିବାର ସାହସ ଓ ରାଜନୀତିରେ ଦୁଃସାହସିକତା ପ୍ରଦର୍ଶନ କରିବାର ପ୍ରବଣତା ତାଙ୍କୁ ଅନନ୍ୟ ନେତାର ଗୌରବ ପ୍ରଦାନ କରିଥିଲା। ଜଣେ ଦକ୍ଷ ସଂଗଠକ ହିସାବରେ ସମଗ୍ର ଓଡ଼ିଶାରେ ଚର୍ଚ୍ଚିତ ଥିଲେ। ବ୍ରହ୍ମଗିରି ବିଧାନସଭା ତଥା ଓଡ଼ିଶାର ଜନସାଧାରଣଙ୍କ ଦୁଃଖସୁଖର ସାଥି ଭାବେ ରହିଥିଲେ। ବ୍ରହ୍ମଗିରି ଅଞ୍ଚଳ ତଥା ଓଡ଼ିଶାର ସାମୂହିକ ବିକାଶ ଦିଗରେ ସର୍ବଦା ଚେଷ୍ଟିତ ଥାଇ ବହୁ ଉନ୍ନତି ମୂଳକ କାର୍ଯ୍ୟ କରିଥିଲେ। ତାଙ୍କର ନିର୍ଭିକତା ଓ ସ୍ପଷ୍ଟବାଦିତାକୁ ଆଜିର ଯୁବ ସମାଜ ପାଇଁ ଆଦର୍ଶ ଓ ପ୍ରେରଣା। ସେହି ବିଶିଷ୍ଟ ଜନନେତା, ପୂର୍ବତନ ବିଧାୟକ ତଥା ଓଡ଼ିଶା ଛାତ୍ର, ଯୁବ ମାନସର ପ୍ରତୀକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ୨୦୧୬ ମସିହା ନଭେମ୍ବର ୬ ତାରିଖରେ ଦୁନିଆ ଛାଡ଼ି ଚାଲିଯାଇଥିଲେ।ଆଜି ତାଙ୍କର ଶ୍ରାଦ୍ଧବାର୍ଷିକ ଅବସରରେ ତାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ।

'ଜାତସ୍ୟ ହିଁ ଧ୍ରୁବ ମୃତ୍ୟୁ'। ମୃତ୍ୟୁଟା ଅତ୍ୟନ୍ତ ବାସ୍ତବ ଏବଂ ଧ୍ରୁବ ସତ୍ୟ।ଜନ୍ମ ଏବଂ ମୃତ୍ୟୁ ବିଧି ଅଭିପ୍ରେତ। କାଳଜୟୀ ପୁରୁଷ ମୃତ୍ୟୁର କଠୋରତା ମଧ୍ୟରେ ଅବଲୀନ ହେଲେ ମଧ୍ୟ ତାର ସାଧନା, ସିଦ୍ଧି ଏବଂ ସୁକୃତ ପାଇଁ ସେ ଯେପରି ଅମର ରହେ, ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ସେହିପରି ତାଙ୍କର ସାଂସ୍କୃତିକ ପ୍ରତିଷ୍ଠା, ସଂଗଠକ, ସମାଜ ସେବାର ପରାକାଷ୍ଠା ଏବଂ ରାଜନୈତିକ ପାରଦର୍ଶିତା ନିମନ୍ତେ ଯେଉଁ ଅଙ୍ଗୀକାରବଦ୍ଧତା ବ୍ରହ୍ମଗିରି ଅଞ୍ଚଳ ତଥା ଓଡ଼ିଶାର ପ୍ରତ୍ୟେକ ମଣିଷ ନିକଟରେ ଛାଡ଼ି ଚାଲି ଯାଇଛନ୍ତି ସେଥିପାଇଁ ବ୍ରହ୍ମଗିରି ଅଞ୍ଚଳ ତଥା ଓଡ଼ିଶାର ପ୍ରତିଟି ମଣିଷ ନିକଟରେ ଯୁଗେ ଯୁଗେ ଅମର ହୋଇରହିଥିବେ - ଏଥିରେ ଦ୍ୱିମତ ନାହିଁ।

ଦିନ ଯାଏ, ଚିହ୍ନ ରହେ। ସ୍ମୃତିର ପାଉଁଶ ତଳୁ ମିଳିବ ଅସତ୍ୟ ସହରର ଅନେକ କାହାଣୀ- କିମ୍ବଦନ୍ତୀ, ମିଳିବ ଅନେକ କାଳ୍ପନିକ ଚିତ୍ରପଟ, କିନ୍ତୁ ମିଳିବନି ବାସ୍ତବ ମଣିଷର ଅଭୂଲା-ଅପାଶୋରା ମୁହଁଟିଏ।

ଲୁଲୁ ଭାଇ ତୁମେ ଥିଲ ଛାତ୍ର ଯୁବକଙ୍କ ସାଥି

ଚିର ଅମର ରହିବ ତୁମ ସ୍ମୃତି.....



ଯୁବ ସ୍ତମ୍ଭକାର
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ: ୬୩୭୦୨୦୮୪୨୮

## ମହିଳାଙ୍କ ଶ୍ରମଶକ୍ତି ହ୍ରାସ

### ସୌଭାଗ୍ୟ ରଂଜନ ମହାନ୍ତି

ଦେଶରେ ବେକାରୀ, ରୋଜଗାରୀ ବଢି ଚାଲିଥିବାବେଳେ ଏବେ ଯୁବକମାନେ ଚାକିରିଆ ତଥା କର୍ମଜୀବୀ ଯୁବତୀଙ୍କୁ ବିବାହ କରିବାକୁ ଆଗ୍ରହୀ ଥାଏ। ପୂର୍ବରୁ ବିବାହ ପ୍ରସ୍ତାବ ପଡିବା ସମୟରେ ଝିଅଟି ରୋଷେଇବାସ, ଘରକରଣା ଆଦି ଜାଣିଛି କି ନାହିଁ, ପ୍ରମୁଖ କାରଣ ଥିବାବେଳେ ଏବେ ଝିଅଟି ଉଚ୍ଚଶିକ୍ଷିତା କି ନାହିଁ, ଚାକିରି କରିଛି କି ନାହିଁ, ଆଦି ଖୋଜା ପଡିଥାଏ। ବିବାହ ପ୍ରସ୍ତାବ ବେଳେ ଚାକିରି କରିଥିବା ଝିଅଟି ଅଗ୍ରାଧିକାର ପାଇଥାଏ। ଅର୍ଥାତ ଚାକିରିଆ ଝିଅ ବିବାହ ପାଇଁ ପସନ୍ଦ ଯୋଗ୍ୟ ହୋଇଥାଏ। ମାତ୍ର ନିକଟରେ ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରକାଶିତ 'ସାଉଥ ଏସିଆ ଡେଭଲପମେଂଟ ଅପଡେଟ' ଶୀର୍ଷକ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଯେତିକି ଚିନ୍ତାଜନକ, ସେତିକି ଉଦ୍‌ବେଗଜନକ ମଧ୍ୟ। ରିପୋର୍ଟରେ କୁହାଯାଇଛି ଯେ, ବିବାହ ପରେ ଭାରତ ସମେତ ଦକ୍ଷୀଣ ଏସୀୟ ରାଷ୍ଟ୍ରଗୁଡିକରେ ମହିଳାମାନେ ଚାକିରି ଛାଡିବାକୁ ବାଧ ହୋଇଥାନ୍ତି। ଏହି ରିପୋର୍ଟ ଅନୁଯାୟୀ ଭାରତରେ ବିବାହ ପରେ ୧୨ ପ୍ରତିଶତ ମହିଳା ଚାକିରି ଛାଡିବାକୁ ବାଧ୍ୟ ହୋଇଥାନ୍ତି। ପାରିବାରିକ ଜଞ୍ଜାଳ ମଧ୍ୟରେ ଯେଉଁମାନେ ଚାକିରି ଛାଡିନଥାନ୍ତି, ସେମାନେ ପରିବାରଠାରୁ ଦୂରେଇ ରହିଥାନ୍ତି କିମ୍ବା ଛାଡପତ୍ର ଦେଇ ବିବାହ ବନ୍ଧନକୁ ଭାଙ୍ଗି ଦେଇଥାନ୍ତି। ଯାହାକି ବିବାହ ପରେ ସେମାନଙ୍କ (ମହିଳା) ପାଇଁ ଦଣ୍ଡ ବା ଜରିମାନା ସଦୃଶ ହୋଇଥାଏ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ପୁରୁଷଙ୍କ କର୍ମନିଯୁକ୍ତି ୧୩ ପ୍ରତିଶତ ବୃଦ୍ଧି ପାଇଥିବା କୁହାଯାଏ। ସେହିପରି ବିବାହ ପରେ ମହିଳାଙ୍କ ମାତୃତ୍ୱ ଲାଭ ସହ ଶିଶୁ ଓ ପରିବାରର ଯତ୍ନ ସହ ଘରର ଜଞ୍ଜାଳ ସହିବାକୁ ପଡିଥାଏ। ଯାହାର ପରିଣତି ସ୍ୱରୂପ ଦେଶର ଶ୍ରମଶକ୍ତିରୁ ମହିଳାମାନଙ୍କୁ ହଟିଯିବାକୁ ପଡିଥାଏ। ବିଶ୍ୱବ୍ୟାଙ୍କର ଆକଳନ ଅନୁଯାୟୀ ଯଦି ମହିଳାମାନେ ପୁରୁଷମାନଙ୍କ ସହ ଶ୍ରମଶକ୍ତିରେ ଭାଗିଦାର ହୋଇଥାନ୍ତେ, ତେବେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଓ ମୁଣ୍ଡପିଛା ଆୟ ୧୩ ପ୍ରତିଶତରୁ ୫୧ ପ୍ରତିଶତରୁ ବୃଦ୍ଧି ପାଇଥିବା ବୋଲି ଏକ ଆକଳନରୁ ଜଣାଯାଏ। ମାତ୍ର ଏବେ ମହିଳାଙ୍କ ଶ୍ରମଶକ୍ତି ହ୍ରାସ ପାଇବାରେ ଲାଗିଛି। କଥାରେ ଅଛି ଶିକ୍ଷିତା ନାରୀ, ଘରର ଶିରି। ଏବେ ମହିଳାଙ୍କ ସଶକ୍ତିକରଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ବିଧ ଯୋଜନା ପ୍ରଣୟନ କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ଜରିଆରେ ମହିଳାଙ୍କୁ ବିନା ସୁଧରେ କୋଟି କୋଟି ଟଙ୍କାର ଋଣ ଦିଆଯାଉଛି। ଏହାର ସହାୟତାରେ ମହିଳାମାନେ ସ୍ୱାବଲମ୍ବୀ ହେବା ସହ ପରିବାରର ଆର୍ଥୀକ ସ୍ଥିତିରେ ଉନ୍ନତି ଆଣିବାରେ ସମର୍ଥ ହୋଇଛନ୍ତି। ମାତ୍ର ମାତୃତ୍ୱ, ଶିଶୁଙ୍କ ଲାଳନ ପାଳନ, ପରିବାରର ଜଞ୍ଜାଳ ଯୋଗୁଁ ଦକ୍ଷିଣ ଏସିଆ ରାଷ୍ଟ୍ରଗୁଡିକରେ ମହିଳା ଶ୍ରମ ଶକ୍ତି ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହାର ସିଧାସଳଖ ପ୍ରଭାବ ମହିଳା ଶ୍ରମଶକ୍ତି ଉପରେ ପଡିଛି। ଜିଡିପି ଏବଂ ମୁଣ୍ଡପିଛା ଆୟ ପ୍ରଭାବିତ ହେଉଛି। ଏହା ନିସନ୍ଦେହରେ ପୁରୁଷ ପ୍ରଧାନ ସାମାଜିକ ବ୍ୟବସ୍ଥା ଜରିଆରେ ପୁରୁଷ ନିଜ ପତ୍ନୀ ଓ ପିଲା ଏବଂ ପରିବାର ଭରଣପୋଷଣ ଦାୟିତ୍ୱ ବହନ କରିଥିବାବେଳେ ମହିଳା ପିଲା ଓ ପରିବାର ଜଞ୍ଜାଳ ବୁଝିଥାଏ। ତେଣୁ ଏଥିରେ ସୁଧାର ପାଇଁ ପ୍ରଥମେ ସାଂସ୍କୃତିକ ଓ ପାରମ୍ପରିକ ପରିବର୍ତନ ଆବଶ୍ୟକ। ଲିଙ୍ଗଗତ ଅସମାନତାକୁ ଦୂର କରି ପରିବାର ଦାୟିତ୍ୱ ସମାନ ଭାବେ ଉଭୟ ମହିଳା ଓ ପୁରୁଷଙ୍କ ଉପରେ ନ୍ୟସ୍ତ ହେବା ଆବଶ୍ୟକ। ଏଥି ନିମନ୍ତେ ଉଭୟ ସରକାର ଓ ଘରୋଇ କ୍ଷେତ୍ର ଏକ କାମ କରିବା ଆବଶ୍ୟକ। ମହିଳାଙ୍କ ପାଇଁ ମାତୃତ୍ୱ ଛୁଟି, ସୁହାଇବା ପରି କାର୍ଯ୍ୟ ସମୟ ଏବଂ ସୁଲଭ ଶିଶୁ ଯତ୍ନ ସେବା ପ୍ରଦାନ କଲେ ମହିଳାଙ୍କ ଉପରେ ଚାପ କମିବ ଓ କର୍ମଜୀବୀ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଇବ। ଏଥିରେ କେହି ଅସହମତି ହେବେ ନାହିଁ ଯେ, ଶିକ୍ଷିତ ମହିଳାଙ୍କ ପାରିବାରିକ ଦାୟିତ୍ୱ ସମ୍ଭାଳିବା ଅନ୍ୟ ତଥା ଅଳ୍ପଶିକ୍ଷିତ ମହିଳାଙ୍କ ତୁଳନାରେ ଅଧିକ। ସେହିପରି ଉଚ୍ଚ ଶିକ୍ଷିତ ପୁରୁଷ ବା ସ୍ୱାମୀଙ୍କର ରକ୍ଷଣଶୀଳ ମନୋଭାବ ଅନ୍ୟମାନଙ୍କ ତୁଳନାରେ କମ ରହିଥାଏ। କିନ୍ତୁ ମହିଳାଙ୍କ ଶିକ୍ଷା ହାର ବୃଦ୍ଧି ସତ୍ତ୍ୱେ ପରିସ୍ଥିତିରେ କୌଣସି ପରିବର୍ତନ ଘଟି ନାହିଁ ମାତ୍ର ଏ ନେଇ ମହିଳାଙ୍କୁ ଉତ୍ସାହିତ କରିପାରିଲେ ପରିସ୍ଥିତିରେ ସୁଧାର ଆସିବ। ଅନ୍ୟଥା ବିବାହ ପରେ ମହିଳା ଚାକିରି ଛାଡିବା ଜାରି ରହିବ। ଯାହାକି ଦେଶର ଜିଡିପି ଓ ଅର୍ଥନୀତି ଏବଂ ଲିଙ୍ଗଗତ ସମାନତା ପ୍ରତି ଆଦୌ ଶୁଭଙ୍କର ହେବ ନାହିଁ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୯୪୩୭୯୯୪୩୭୯

## ଆମେରିକା ନିର୍ବାଚନୀ ଓ ଟ୍ରମ୍ପ

### ଡକ୍ଟର ଲକ୍ଷ୍ମଣ ସାହୁ

ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଆସିଛି । ସମସ୍ତ ସର୍ଭେରେ କୁହାଯାଇଛି ଯେ ଡୋନାଲ୍ଡ ଟ୍ରମ୍ପ ବନାମ କମଲା ହାରିସଙ୍କ ମଧ୍ୟରେ ଏକ ପ୍ରକାର ଯୁଦ୍ଧ ବନାମ ପ୍ରତିଦ୍ୱନ୍ଦିତା ହେବାକୁ ଯାଉଛି । ଯେଉଁଠାରେ ଡୋନାଲ୍ଡ ଟ୍ରମ୍ପ ଗୋଟିଏ ପାଦ ଆଗକୁ ଯାଇପାରନ୍ତି । ସେ ଜଣେ ରାଜ୍ୟ ନେତା ଭାବରେ ଉପଯୁକ୍ତ କି ନାହିଁ ତାହା ବିଚାର କରିବା ପାଇଁ ସୁକୁମାର ରୟଙ୍କ 'ସତ୍ୟପାତ୍ର' କବିତାକୁ ଗ୍ରହଣ କରିବା ଛଡ଼ା ତାଙ୍କର ଅନ୍ୟ କୌଣସି ବିକଳ୍ପ ନାହିଁ । ୨୦୨୦ରେ ପରାଜୟ ସ୍ୱୀକାର କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ । ଯାହା ଫଳରେ ତାଙ୍କ ସମର୍ଥକମାନେ ଆମେରିକାର କଂଗ୍ରେସ ଉପରେ ପ୍ରାୟ ଏକ ପୁଲଓ୍ୱାମା ଆକ୍ରମଣ କରିଥିଲେ । ଆର୍ଥିକ ଦୁର୍ନୀତି ଠାରୁ ଆରମ୍ଭ କରି ଯୌନ (sexual) ଉତ୍ପୀଡ଼ନ ପର୍ଯ୍ୟନ୍ତ ଟ୍ରମ୍ପଙ୍କ ଉପରେ ଅନେକ ଅଭିଯୋଗ କରିଛନ୍ତି, ଯାହା ପ୍ରମାଣ ଦ୍ୱାରା ସମର୍ଥିତ । ସେ ବୋଧହୁଏ ଜଣେ ଆତ୍ମନିର୍ଭରଶୀଳ ଓ ହୃଦୟହୀନ ବ୍ୟକ୍ତି ବୋଲି ପ୍ରତିପାଦିତ ହୋଇଛି । ତାଙ୍କର ଗଣତନ୍ତ୍ର ପ୍ରତି କୌଣସି ସମ୍ମାନ କରନ୍ତି ନାହିଁ, ଭାଷଣରେ ଅସଙ୍ଗତ ଓ ଘୃଣାରେ ପରିପୂର୍ଣ୍ଣ । ଆମେରିକା ଏବେ ମଧ୍ୟ 'ପୁନାରମୁଣିକୋ ଭାରା' ଆଦେଶ ପାଳନ କରୁଛି ବୋଲି ଦେଖି ସମଗ୍ର ବିଶ୍ୱ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ।

ଟ୍ରମ୍ପ ଏକୁଟିଆ ନୁହଁନ୍ତି । ଭ୍ଲାଡିମିର ପୁଟିନ, ଜାୟର ବୋଲସନାରୋ, ରେସିପ ଏରଡୋଇନ, ବିକାଶ ଅର୍ବାନ - ନିର୍ବାଚିତ ଏକଛତ୍ରବାଦୀ ଶାସକମାନେ ଚାରିଆଡେ ଉଭା ହେଉଛନ୍ତି । ସମଗ୍ର ବିଶ୍ୱରେ, ବିଶେଷକରି ବିକଶିତ ଦେଶ ମାନଙ୍କରେ, ଏକ ପ୍ରକାର ଅତ୍ୟାଧୁନିକ ଜାତୀୟତାବାଦୀ, ଦକ୍ଷିଣପନ୍ଥୀ ରାଜନୀତିର ଉତ୍ଥାନ ଉଲ୍ଲେଖନୀୟ । ଆମେରିକାରେ ଗତ ଦଶନ୍ଧିର ନିର୍ବାଚନୀ ତଥ୍ୟକୁ ବିଶ୍ଳେଷଣ କରିବା ଆହୁରି ଆଶ୍ଚର୍ଯ୍ୟଜନକ ଅଟେ । ବାମପନ୍ଥୀ ଡେମୋକ୍ରାଟ୍ ମାନେ ପାରମ୍ପାରିକ ଭାବରେ ଶ୍ରମିକ ଶ୍ରେଣୀର, ଗରିବ, ଅଣ-ଧଳା ସମ୍ପ୍ରଦାୟର ବୃହତ ସମର୍ଥନ ଉପଭୋଗ କରିଛନ୍ତି । କିନ୍ତୁ ସେଠାରେ ଏକ ସ୍ପଷ୍ଟ ବିଭାଜନ ହୋଇଛି। ଅନ୍ୟ ପଟେ କଲେଜ ଶିକ୍ଷିତ, ଉଦାର ଧନୀ ଧଳା ସମ୍ପ୍ରଦାୟ, କର୍ପୋରେଟ୍ ଜଗତର ଅଂଶ, ସାଉଥ୍ ରିପବ୍ଲିକାନ୍ ପାର୍ଟି ସହିତ ଅସନ୍ତୁଷ୍ଟ ହୋଇ ଡେମୋକ୍ରାଟ୍ସ ଆଡକୁ ଯାଉଛନ୍ତି । ଗତ ଚାରି ଦଶନ୍ଧିର ବଢୁଥିବା ଆର୍ଥିକ ଅସମାନତା ଟ୍ରମ୍ପଙ୍କ ବୃଦ୍ଧି ପଛରେ ଏକ ପ୍ରେରଣା ଶକ୍ତି ଅଟେ ।

କିନ୍ତୁ ପଛୁଆ ଶ୍ରେଣୀର ସମର୍ଥନ ବାଟ ହରାଇ ଦକ୍ଷିଣରୁ ଦକ୍ଷିଣକୁ ପହଞ୍ଚିବା ଓ ରହସ୍ୟ ଫାଟିବା ସହଜ ନୁହେଁ । ଅଷ୍ଟ୍ରିଆର ଅର୍ଥନୀତିଜ୍ଞ ଜୋସେଫ ସ୍କମ୍ପେଟରଙ୍କ ମତାମତ ଅନୁଯାୟୀ ଅର୍ଥନୈତିକ ଅଭିବୃଦ୍ଧିର ଇଞ୍ଜିନ ହେଉଛି 'ବିନାଶକାରୀ ସୃଷ୍ଟି' । ବିଶେଷକରି କୋଚଓ୍ୱାନ୍ସ ମୋଟର ଯାନର ଆଗମନ ସହିତ ଚାଲିଗଲେ, କମ୍ପ୍ୟୁଟର ଆସିବା ପରେ ଟାଇପିଷ୍ଟମାନେ ଆଉ ବଜାରରେ ନଥିଲେ । ଆମେରିକାରେ ମୁଣ୍ଡପିଛା ଜାତୀୟ ଆୟ ଏହି ଶତାବ୍ଦୀରେ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇଛି । ଦେଶର ଆର୍ଥିକ ସମସ୍ୟା ଡ୍ୟାମରୁ ନୁହେଁ, ବରଂ ଖରସ୍ରୋତା ନଦୀରୁ ଆସିଥିଲା । ଏହି ଆର୍ଥିକ ଅଭିବୃଦ୍ଧିର କାରଣକୁ ଦେଖିଲେ ଏହା ସ୍ପଷ୍ଟ ଯେ ଆନ୍ତର୍ଜାତୀୟ ବାଣିଜ୍ୟର ମୁକ୍ତ ବିସ୍ତାର ଓ ଟେକ୍ନୋଲୋଜିର ଅଦୃଶ୍ୟ ଅଗ୍ରଗତି ଅର୍ଥନୀତିକୁ ମୂଳତଃ ବଦଳାଇ ସମୃଦ୍ଧ କରିଛି । କିନ୍ତୁ ସରଶଙ୍କର ପ୍ରଗତି ତଥା ଭେଦଭାବର ଉତ୍ସ ସମାନ । କାରଖାନାଗୁଡ଼ିକ ଚାଇନା, ମାଲେସିଆ, ଭିଏତନାମ ପରି ଦେଶକୁ ସ୍ୱଳ୍ପ ବେତନ ଓ ଆର୍ଥିକ ଉଦାରୀକରଣର ଲାଭ ଉଠାଇପାରିଛନ୍ତି ।

ଶ୍ରମିକମାନଙ୍କର ଆବଶ୍ୟକତାକୁ ଅଣଦେଖା କରାଯାଇଛି । ଏହା ଉପରେ ଆମେରିକାର ବୟସ, ଅବସରପ୍ରାପ୍ତ ଲୋକଙ୍କ ଅନୁପାତ ବଢୁଛି । ତେଣୁ ଅନେକ କ୍ଷେତ୍ରରେ ବିଦେଶୀ ଶ୍ରମିକଙ୍କ ଆମଦାନୀ ଆବଶ୍ୟକ । କିନ୍ତୁ ସେହି ପ୍ରତିଯୋଗିତାର ନିମ୍ନ ବର୍ଗର ନାଗରିକମାନେ ଖଣି ବନ୍ଦ କରିଦେଇଛନ୍ତି। ପରିବେଶ ବିଜ୍ଞାନର ଆୟ କହୁଛି ଯେ ଜୀବାଶ୍ମ ଇନ୍ଧନର ପ୍ରଭାବ ବିଶ୍ୱ ଗରମ ହେବାରେ ଲାଗିଛି । ଏହାର ପରିଣାମ ଭୟଙ୍କର ହେବ । ତେଣୁ ଆମକୁ ଅତି ଶୀଘ୍ର ସୌର କିମ୍ବା ପବନ ଆଧାରିତ ଶକ୍ତି ଉପରେ ନିର୍ଭର କରିବାକୁ ପଡିବ । କିନ୍ତୁ ଏହି ସବୁଜ ବିପ୍ଳବ ତୈଳ ଓ କୋଇଲା ଖଣି ବନ୍ଦ କରୁଛି । କହିବାକୁ ଗଲେ ବହୁ ପରିଶ୍ରମୀ ଲୋକଙ୍କର ଜୀବିକା ଚାପରେ ରହିଛି ।

ବାସ୍ତବରେ ଆଜିର ନୂତନ ଆମେରିକୀୟ ଅର୍ଥନୀତିରେ କର୍ମକର୍ତ୍ତାଙ୍କ ତୁଳନାରେ ଏହାଠାରୁ ଜଣେ ବୁଦ୍ଧିଜୀବୀଙ୍କ ମୂଲ୍ୟ ବହୁତ ଅଧିକ । ପ୍ରାୟ ତିନି-ଚତୁର୍ଥାଂଶ ଲୋକ କଲେଜର ସୀମା ଅତିକ୍ରମ କରିନାହାଁନ୍ତି । ସେମାନଙ୍କ ପାଇଁ ଏହା ଏକ ବିକାଶ ନୁହେଁ, କିନ୍ତୁ ଏକ ଭୟଙ୍କର ଆର୍ଥିକ ସଙ୍କଟ । ଦୁଇ ମୁଖ୍ୟ ରାଜନୈତିକ ଦଳ କାର୍ଯ୍ୟରତ ଲୋକଙ୍କ ପାଇଁ ଏକ ସୁରକ୍ଷା ଜାଲ ସୃଷ୍ଟି କରିବାର ଉପାୟରେ ସହମତ ହୋଇପାରିନଥିଲେ। ଏଥିରୁ ଜଣାପଡୁଛି ଯେ ଟ୍ରମ୍ପ ଯାହାକୁ 'ଆମେରିକୀୟ ହତ୍ୟାକାଣ୍ଡ' ବୋଲି କହୁଛନ୍ତି ତାହାର ମାପ ଓ ପ୍ରକୃତି ବୁଝିବା ପାଇଁ ସେମାନେ ସଂଘର୍ଷ କରୁଛନ୍ତି । ଏହିଠାରେ ଟ୍ରମ୍ପ ଖେଳନ୍ତି । ସେ ଏକ ସରଳ ରାସ୍ତା ଦେଖାଇଛନ୍ତି ଓ ରାଜନୈତିକ ବିକଳ୍ପ ନ ପାଇ ତାଙ୍କର ଲକ୍ଷ ଲକ୍ଷ ସମର୍ଥକ ଏହାକୁ ଅନୁସରଣ କରିବାକୁ ଇଚ୍ଛୁକ । ଯେପରି ମୁଣ୍ଡ ନ ଥାଏ, ଯେପରି ବିକାଶର ଉତ୍ସ ପରିତ୍ୟାଗ ହୁଏ, ସେହିପରି ଅସମାନତାର ମୁକାବିଲା କରିବାର ଦାୟିତ୍ୱ ମଧ୍ୟ । ଅତଏବ ସଂକ୍ଷେପରେ ଟ୍ରମ୍ପଙ୍କ ଉଦ୍ଦେଶ୍ୟ ହେଉଛି ତାଙ୍କର ରାଜନୈତିକ ଟ୍ରମ୍ପ କାର୍ଡ ।

ଅନ୍ୟ ପଟରେ ଆମଦାନୀ ଓ ରପ୍ତାନି ଉପରେ ଭାରି ଶୁଳ୍କ ଲାଗୁ କରିବା, ବିଦେଶୀମାନଙ୍କୁ ଦେଶରୁ ବିତାଡିତ କରିବା ଓ ଆମେରିକାକୁ ଏକ ଆଭ୍ୟନ୍ତରୀଣ ଦେଶରେ ପରିଣତ କରିବାକୁ ଟ୍ରମ୍ପ ଧମକ ଦେଇଛନ୍ତି । ଗ୍ଲୋବାଲ ଓ୍ୱାର୍ମିଂର ସିଦ୍ଧାନ୍ତ ଏକ ପ୍ରତାରଣା। ସେ ଏବଂ ତାଙ୍କ ସମର୍ଥକମାନେ ପ୍ରାୟତଃ ଏକଥା କୁହନ୍ତି । ଶ୍ରମିକମାନଙ୍କୁ ଟେକ୍ନୋଲୋଜିର କବଳରୁ ଉଦ୍ଧାର କରିବାକୁ ଏପର୍ଯ୍ୟନ୍ତ କୌଣସି ଉପାୟ ନାହିଁ, କିନ୍ତୁ ଆମେ ଅପେକ୍ଷା କରିଛୁ। 'ମେକ୍ ଆମେରିକା ଗ୍ରେଟ୍ ପୁନର୍ବାର' ସ୍ଲୋଗାନର ପ୍ରକୃତ ଅର୍ଥ ହେଉଛି ଜ୍ଞାନ ଆଧାରିତ ଅର୍ଥନୀତିରୁ ଉତ୍ପାଦନ ଭିତ୍ତିକ ଅର୍ଥନୀତିକୁ ଘଣ୍ଟାକୁ ଫେରାଇବା । ମିଡଓ୍ୱେଷ୍ଟର ଭୁଶୁଡ଼ି ପଡ଼ିଥିବା ଶିଳ୍ପଗୁଡିକ ପୁନର୍ବାର ବୃଦ୍ଧି ହେଉ, ସେଠାରେ ଡିଗ୍ରୀଧାରୀଙ୍କ ସିଲିକନ୍ ଭ୍ୟାଲି ନୁହେଁ ।

୨୦୧୬ ନିର୍ବାଚନ ପ୍ରଚାର ସମୟରେ ହିଲାରୀ କ୍ଲିଣ୍ଟନ ଟ୍ରମ୍ପ ସମର୍ଥକଙ୍କୁ 'ସ୍କାମବାଗ' ବୋଲି କହିଥିଲେ । ଉଦାରବାଦୀମାନେ ଭାବିବାକୁ ପସନ୍ଦ କରନ୍ତି ଯେ ଟ୍ରମ୍ପଙ୍କ ସମର୍ଥନ ପଛରେ କେବଳ ଅଶିକ୍ଷା, ଜାତିଭେଦ, ଜେନୋଫୋବିୟା, ପିତୃପୁରୁଷ ଇତ୍ୟାଦି କାର୍ଯ୍ୟ କରୁଛନ୍ତି । ସେ ସବୁ ସତ ନୁହେଁ ଅର୍ଥନୈତିକ ଅସ୍ଥିରତା ଘୃଣାର ମଞ୍ଜି ବଢିବାରେ ସାହାଯ୍ୟ କରେ, ଯେପରି ଇତିହାସରେ ବାରମ୍ବାର ଦେଖାଯାଇଛି । ବାମପନ୍ଥୀ ଗଣତାନ୍ତ୍ରିକ ଦଳର ରାଜନୈତିକ କର୍ତ୍ତବ୍ୟ ହେଉଛି ପ୍ରଗତି ସହିତ ସମାନତାକୁ କିପରି ସମନ୍ୱିତ କରାଯିବ ସେ ସମ୍ବନ୍ଧରେ ସୁଚିନ୍ତିତ ନୀତି ପ୍ରସ୍ତୁତ କରିବା । ସେମାନେ ଏପର୍ଯ୍ୟନ୍ତ ମୁକ୍ତ ବାଣିଜ୍ୟର ସମ୍ଭାବନାର ଦିଗ, ଟେକ୍ନୋଲୋଜିର ପ୍ରସାର, ପରିବେଶ ସୁରକ୍ଷା ଓ ଦେଶର ସୀମାରେ ଲୋକମାନଙ୍କର ମୁକ୍ତ ଆନ୍ଦୋଳନକୁ ସ୍ପଷ୍ଟ କରିପାରୁନାହାଁନ୍ତି । ଯାହା ଫଳରେ ଆମେରିକାର ଶ୍ରମିକମାନଙ୍କ ସ୍ୱାର୍ଥକୁ ଏସବୁ ନ ଦେଇ ସୁରକ୍ଷିତ କରାଯାଇପାରିବ । ଜଳାଶୟ ଡେମୋକ୍ରାଟିକ୍ ପାର୍ଟିର ପ୍ରକୃତି ବଦଳିଥାଇପାରେ । କିନ୍ତୁ ଶ୍ରମିକ, କୃଷକ, ସଂଖ୍ୟାଲଘୁ ସମ୍ପ୍ରଦାୟର ରୁଜଭେଲ୍ଟଙ୍କ ମିଳିତ ମଞ୍ଚ ଆଜି ଡିଗ୍ରୀଧାରୀ ତଥା କର୍ପୋରେଟ୍ ସମାଜର ପ୍ରତିନିଧୀ, ଯାହା ସେମାନଙ୍କର ଭାବନା ଓ ଶ୍ରେଣୀର ସ୍ୱାର୍ଥ ଦ୍ୱାରା ପରିଚାଳିତ । ବାସ୍ତବରେ ଅର୍ଥନୀତିର ଏକ ବିସ୍ତୃତ ଆଲୋଚନା ଏଠାରେ ସମ୍ଭବ ନୁହେଁ ।

ନା, କିନ୍ତୁ ମୋତେ କହିବାକୁ ଦିଅ, ପରିସଂଖ୍ୟାନ ଦର୍ଶାଏ ଯେ ଜାତୀୟ ଆୟରେ ପୁଞ୍ଜିପତିଙ୍କ ଅଂଶ ବଢୁଛି, ଅର୍ଥାତ୍ ଏହା ମୋର ଅଂଶ ତୁଳନାରେ ସେୟାର ବଜାର ଇତ୍ୟାଦି ଠାରୁ ଦ୍ରୁତ ଗତିରେ ବଢୁଛି । ଏହାର ଲାଭ ଅବଶ୍ୟ କିଛି ଧନୀ ବ୍ୟକ୍ତିଙ୍କ ମଧ୍ୟରେ ସୀମିତ । ତଥାପି ସାମଗ୍ରୀକ ଆୟ ଉପରେ ଟିକସ ହାର ଶ୍ରମ ଆୟ ଉପରେ ପ୍ରଯୁଜ୍ୟ ହାରଠାରୁ କମ୍ ଅଟେ । ବର୍ନି ସାଣ୍ଡର୍ସ, ଏଲିଜାବେଥ୍ ଓ୍ୱାରେନ୍ ଏବଂ ଅନ୍ୟମାନଙ୍କ ପରି ଗଣତାନ୍ତ୍ରିକ ନେତାମାନେ ସମ୍ପତ୍ତି ଟିକସ ବିଷୟରେ ଆଲୋଚନା କରିଛନ୍ତି । ଏପରିକି ସମସ୍ତ ନାଗରିକଙ୍କ ପାଇଁ ସର୍ବନିମ୍ନ ଆୟ ବ୍ୟବସ୍ଥା ମଧ୍ୟ ଆଲୋଚନାରେ ଆସିଛି। କିନ୍ତୁ ସେମାନେ ନିଜ ଦଳରେ କ୍ଷମତାର ଶୀର୍ଷରେ ପହଞ୍ଚିପାରିଲେ ନାହିଁ। ବାର୍ତ୍ତାଳାପ ଏହି ଦିଗକୁ ଯିବା ମାତ୍ରେ ଏକ ଗର୍ଜନ ଶୁଣାଗଲା ଏବଂ ସମାଜବାଦ ଭୟ ହେତୁ କଥାବାର୍ତ୍ତା ଅନ୍ୟ ପାର୍ଶ୍ୱକୁ ଗଲା । ଟ୍ରମ୍ପ ସମର୍ଥକମାନେ ମଧ୍ୟ ଆର୍ଥିକ ପୁନଃ ବଣ୍ଟନ ନୀତିର ପ୍ରଶଂସକ ନୁହଁନ୍ତି । କାରଣ ଆମେରିକା କେବଳ କଠିନ ପରିଶ୍ରମ ଓ ପ୍ରତିଭାକୁ ଗୁରୁତ୍ୱ ଦେଇଥାଏ, ସେମାନଙ୍କର ଏକ ଗଭୀର ମୂଳ ବିଶ୍ୱାସ ଅଛି ଯେ ଯଦି ସେମାନେ ବିଦେଶୀମାନଙ୍କୁ ଅନୁଶାସନ କରନ୍ତି ତେବେ ସବୁକିଛି ଠିକ ହୋଇଯିବ। ଏହି ଧାରଣା ବିରୋଧରେ ଟ୍ରମ୍ପ ନିଜେ ଏକ ପ୍ରମୁଖ ଉଦାହରଣ ଅଟନ୍ତି । ଅନେକ ଲୋକ ଭାବନ୍ତି ଯେ ଟ୍ରମ୍ପ ଜଣେ ନିଷ୍ଠୁର ବ୍ୟବସାୟୀ, ବଡ଼ ଖେଳାଳି । ବାସ୍ତବରେ ମିଛର ଏକ ଡାଲା ବ୍ୟବହାର କରିବା ସତ୍ତ୍ୱେ , ତାଙ୍କର ପ୍ରାୟ ସମସ୍ତ ବ୍ୟବସାୟ ବୃଦ୍ଧି ପାଇଛି । ତାଙ୍କର ଧନ ମୁଖ୍ୟତଃ ପିତୃପୁରୁଷ। ଅବଶିଷ୍ଟ ହେଉଛି ନିରନ୍ତର ଆତ୍ମ-ପଦୋନ୍ନତିର ଫଳାଫଳ । ସାମାଜିକ ବିକାଶର ଉତ୍ସ ନୁହେଁ, କେବଳ ଭାଗ୍ୟ ବା ଉପାଧ୍ୟକ୍ଷ ଥିବା ଧନ ଓ ସମ୍ମାନକୁ ଟ୍ୟାକ୍ସ କରିବାକୁ ଦ୍ୱିଧା କାହିଁକି (?) ବୋଲି ପ୍ରଶ୍ନ ଉଠିଛି ।

ଦୁଇମାସ ପୂର୍ବେ ଜଣେ ଆକ୍ରମଣକାରୀଙ୍କ ଗୁଳି ଟ୍ରମ୍ପଙ୍କ କାନକୁ ଗୁଳି ଚାଳନା କରି ଦେଇଥିଲା । ନଭେମ୍ବର ୨ରେ ଟ୍ରମ୍ପ ନାମକ ବୁଲେଟ୍ ଆମେରିକାର ଗଣତନ୍ତ୍ର ଓ ପୁଞ୍ଜିବାଦର କାନରୁ ବାହାରି ଯାଇପାରେ । ତଥାପି ଯଦି ତୁମେ ଏହା ଭୁଲିଯାଅ ଯେ ତୁମେ ଛାଡି ଯାଇଛ, ସେ ତୁମ ପଛରେ ଛାଡିଛନ୍ତି, ଆମେରିକାର ଚତୁର ଲୋକମାନେ ଶେଷରେ ଏହା ପାଇଁ ଅନୁତାପ କରିବେ । ଟ୍ରମ୍ପ କେବଳ ଜଣେ ବ୍ୟକ୍ତି ନୁହଁନ୍ତି, ସେ ମଧ୍ୟ ଏକ ସାମାଜିକ-ଅର୍ଥନୈତିକ ରୋଗର ଲକ୍ଷଣ ବୋଲି କୁହାଯାଇପାରେ । ସତରେ କହିବାକୁ ଗଲେ ଆମେରିକାରେ ଡେମୋକ୍ରାଟିକ୍ ପାର୍ଟିର ଚରିତ୍ର ବାସ୍ତବରେ ବଦଳି ଯାଇଛି...!!!

ଅଧ୍ୟକ୍ଷ, ମହାନଦୀ ବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ , କଟକ -୪
ସଂପର୍କ: ୯୦୪୦ ୧୫୧୪୭୫




### ଜୀବନ ଗୀତି

### ରତ୍ନକାନ୍ତି ମିଶ୍ର



କେଡ଼େ ଅଦ୍ଭୁତ ଏ ଜୀବନଟା ସତେ
ଅଡୁଆ ସୂତାର ଗଣ୍ଠି
ଛନ୍ଦି ହେଉଥାଏ ବେଳରୁ ବେଳକୁ
ଡାକିବା ଆଗରୁ ମାଟି,
ଜୀଇଁବାକୁ ହୁଏ ତମାମ ଜୀବନ
କେତେ ଲହୁ ଲୁହ ଢାଳି
ହଜାର ଥର ମୁଁ ମରି ଜୀଉଁଥାଏ ସୁଖ
ସୌଭାଗ୍ୟକୁ ଭାଳି।।

ପାଇବାକୁ ଖୁସି ସାରାଟା ଜୀବନ
କେତେ ମୁଁ ଖୋଜିଛି ବାଗ
ବଢାଇଛି ମୁଁ ଅନ୍ତର ଆବେଗ
କେବେ ଜୀଇଁବାର ଢଙ୍ଗ,
ଯୁକ୍ତ ବିଯୁକ୍ତର ଜୀବନକୁ ନେଇ
ଚାଲିଛି ମୋ ଅଙ୍କକଷା
ତଥାପି ଛାଡୁନି ମୋହ ମାଦକତା
ଉଜ୍ଜୀବିତ ଜୀଜିବିଷା ।।

କେବେ ଦୁର୍ଦ୍ଦିନେ ଦ୍ରବୀଭୂତ ହୋଇ
ଟେକି ମୁଁ ଦେଇଛି ହାତ
କ୍ଷଣିକରେ ପୁଣି ଝାଙ୍କି ମୁଁ ଦେଖିଛି
ଆଶାଲୋକ ପ୍ରକଟିତ,
ତେଣୁ ଶ୍ରେୟସ୍କର ସଂସାର ଭେଳାକୁ
ବାହିନେବି ଧରି ଧୈର୍ଯ୍ୟ
ଓଠେ ମୋ ଫୁଟିବ ହସର ପାଖୁଡ଼ା
କାଲେ ଉଇଁ ଭାଗ୍ୟସୂର୍ଯ୍ୟ।।

ତୋଳୁଛି ଉଚ୍ଛ୍ୱାସେ ମୂର୍ଚ୍ଛନା କେବେ
ଭାବରେ ହୋଇ ବିହ୍ୱଳ
ଜୀବନ ଗୀତି ମୁଁ ଗାଉଛି ନିରତେ
ନିଆରା ମୋ ସୁର ତାଳ ।।

ଆଳି, କେନ୍ଦ୍ରାପଡା

### ଏମିତି କେବେ କେବେ

### ସରୋଜ କୁମାର ଦାସ

କେବେ କେବେ ଆଖିରୁ ଝରିଆସେ
ଲୁହ
କେବେ ପୁଣି ହୃଦୟରେ କୋହ,
ନା ସହିହୁଏ,ନା କହି ହୁଏ
ବିଶ୍ୱାସରେ ବିଷ ଦେଇ କେହିଜଣେ
ଦୁଃଖର ପାହାଡ ଗଢିଦିଏ ।

କେବେ କେବେ ନିଜ ଲୋକ ପର
ହୋଇଯାଏ
ଇର୍ଷାର ନିଆଁରେ ଜଳୁଥାଏ,
ନା ଜାଣିହୁଏ,ନା ଭାବି ହୁଏ
ଡେଣା ଲାଗି ଗଲା ପରେ ସବୁ ଶୃଙ୍ଖଳ
ଛିଡାଇ ଆକାଶକୁ ଉଡିଯାଏ ।

କେବେ କେବେ ସହିବାକୁ ହୁଏ
ଅପମାନ
ଥକିଯାଏ ଅଭିମାନୀ ମନ,
ନା ଭାଙ୍ଗି ହୁଏ,ନା ଗଢି ହୁଏ
ନିଜ ହାତ ଗଢା ସୁନାର ଫରୁଆଟିଏ
ଯେବେ ପିତ୍ତଳ ପାଲଟି ଯାଏ ।



କେବେ କେବେ ମାନିବାକୁ ପଡ଼େ
ନିଜ ଦୋଷ
ଲିଭି ଯାଏ ଅଧରରୁ ହସ,
ନା ଭୁଲ ଥାଏ,ନା ଠିକ୍ ଥାଏ
ଆଉ କାହା ଦୋଷ ମୁଣ୍ଡରେ ମୁଣ୍ଡେଇ
ବହୁ ଦୂର ବାଟ ଚାଲିବାକୁ ହୁଏ ।

କେବେ କେବେ ମିଛଟାରେ ହସିବାକୁ
ହୁଏ
କେବେ ପୁଣି ଲୁହ ଝରିଯାଏ,
ନା ରୋକି ହୁଏ,ନା ବୁଝି ହୁଏ
ଆଜି ଯେ କଳିକା କାଲି ଫୁଟିଗଲା
ପରେ ମଉଳିବା କଥା ଭୁଲିଯାଏ ।

ବାଲିଆପାଳ, ବାଲେଶ୍ୱର

# ଅଧିକ ରାତି ପର୍ଯ୍ୟନ୍ତ ମୋବାଇଲ, ଲାପଟପ ବ୍ୟବହାର ହୋଇପାରେ ବିପଦ: ବଢ଼ିପାରେ ଏହି ସମସ୍ୟା



ଅନେକ ବିବାହିତ ପୁରୁଷ ସେମାନଙ୍କର ଦାମ୍ପତ୍ୟ ଜୀବନରେ ଖୁସି ନୁହଁନ୍ତି କାରଣ ଅଳ୍ପ ବୟସରେ ସେମାନେ ଶକ୍ତିହୀନତାର ଶିକାର ହୁଅନ୍ତି, ଯେଉଁଥିପାଇଁ ସେମାନଙ୍କୁ ପିତା ହେବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ଏପରି ପରିସ୍ଥିତିରେ, ସେମାନେ ତୁରନ୍ତ କିଛି ଅଭ୍ୟାସକୁ ପରିବର୍ତ୍ତନ କରିବା ଉଚିତ ଯାହା ସେମାନଙ୍କର ଫର୍ଟିଲିଟିକୁ କ୍ଷତି ପହଞ୍ଚାଉଛି। ଅଧିକାଂଶ ପୁରୁଷଙ୍କ ପାଖରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମୋବାଇଲ୍ ଫୋନ୍ ଏବଂ ଲାପଟପ୍ ବ୍ୟବହାର କରିବାର ଅଭ୍ୟାସ ଅଛି, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଏକ ଗବେଷଣାରୁ ଏହା ପ୍ରକାଶ ପାଇଛି ଯେ ଏହି ଗ୍ୟାଜେଟରୁ ବାହାରୁଥିବା ନୀଳ ଆଲୋକ ପୁରୁଷମାନଙ୍କର ଶୁକ୍ରାଣୁ ଗୁଣକୁ କ୍ଷତି ପହଞ୍ଚାଉଛି। ଏହି ଅଧ୍ୟୟନ ଆମେରିକାର ଏକ ପତ୍ରିକାରେ ପ୍ରକାଶିତ ହୋଇଥିଲା, ଯେଉଁଥିରେ ୨୧ ରୁ ୫୯ ବର୍ଷ ବୟସର ୧୧୬ ପୁରୁଷଙ୍କ ଶୁକ୍ରାଣୁ ନମୁନା ନିଆଯାଇଥିଲା, ସେମାନଙ୍କୁ ଶୋଇବା ସମୟ ଏବଂ ମୋବାଇଲ୍, ଲାପଟପ୍ ର ବ୍ୟବହାର ବିଷୟରେ ପଚରାଯାଇଥିଲା। ଏହି ଅନୁସନ୍ଧାନରେ ଏହା ପ୍ରକାଶ ପାଇଲା ଯେ ରାତିରେ ଏହି ଇଲେକ୍ଟ୍ରୋନିକ୍ ଗ୍ୟାଜେଟରୁ ବାହାରୁଥିବା ନୀଳ ଆଲୋକ ଶୁକ୍ରାଣୁ ଗୁଣର ଅବନତି ସହିତ ଜଡିତ। ଫୋନର ବିକିରଣ ପୁରୁଷ ପ୍ରଜନନ ଉପରେ ଖରାପ ପ୍ରଭାବ ପକାଇଥାଏ। ଶୋଇବା ସମୟରେ ଏହି ଜିନିଷଗୁଡ଼ିକୁ ଯଥାସମ୍ଭବ ବ୍ୟବହାର କରିବା ଭଲ ହେବାର ଏହି କାରଣ। ଏହି ଅନୁସନ୍ଧାନରେ ଏହା ଜଣାପଡିଛି ଯେ ଶରୀର ସହିତ ମୋବାଇଲ ଏବଂ ଲାପଟପରୁ ସ୍ୱଳ୍ପ ତରଙ୍ଗଦ ଦୈର୍ଘ୍ୟର ଆଲୋକ ଯେତେ ଅଧିକ ସଂସ୍ପର୍ଶରେ ଆସେ, ଇମୋଟାଇଲ ଶୁକ୍ରାଣୁର ପରିମାଣ ବଢିଯାଏ। ଉତ୍ତମ ଶୁକ୍ରାଣୁ ଗଣନା ଭଲ ଏବଂ ଠିକ୍ ସମୟରେ ଶୋଇବା ସହିତ ସିଧାସଳଖ ଜଡିତ ଥିବା ଜଣାପଡିଛି। ଏହାର ଅର୍ଥ ହେଉଛି, ଯେଉଁ ପୁରୁଷମାନେ ଠିକ୍ ସମୟରେ ଶୋଇଥା'ନ୍ତି ଏବଂ ରାତିରେ ଇଲେକ୍ଟ୍ରୋନିକ୍ ଗ୍ୟାଜେଟର ବ୍ୟବହାରକୁ ହ୍ରାସ କରନ୍ତି, ସେମାନଙ୍କର ଉତ୍ତମ ଫର୍ଟିଲିଟି ଅଧିକ ଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ସାଧାରଣ ଜନତାଙ୍କ ମଧ୍ୟରେ ପୁରୁଷଙ୍କ ଶକ୍ତିହୀନତା ହାର ୨୦ ରୁ ୪୦ ପ୍ରତିଶତ ମଧ୍ୟରେ ରହିଛି।

# ରାତିରେ ବେଶୀ ନଶୋଇଲେ ପିଲାଙ୍କୁ ଡାଇବେଟିସ୍ ଆଶଙ୍କା

ଗବେଷକମାନେ ପ୍ରାୟ ୯ରୁ ୧୦ବର୍ଷର ବୟସର ୪୫୨୫ ପିଲାଙ୍କର ଶରୀରର ମାପ, ରକ୍ତ ନମୁନା ତଥା ପ୍ରଶ୍ନୋତ୍ତର ମାଧ୍ୟମରେ ତଥ୍ୟ ସଂଗ୍ରହ କରି ଗବେଷଣା କରିଥିଫଲେ। ଜଣାପଡ଼ିଥିଲା, ୟୁକେରେ ଯେଉଁ ପିଲାମାନେ ଅଧିକ ଶୁଅନ୍ତି, ସେମାନଙ୍କର ଓଜନ ଓ ଚର୍ବି କମ୍ ଥାଏ। ନିଦ୍ରାର ପରିମାଣ ଇନସୁଲିନ, ଇନସୁଲିନ ପ୍ରତିରୋଧ ଓ ରକ୍ତର ଶର୍କରା ବ୍ୟତିକ୍ରମ ସହିତ ଜଡ଼ିତ। ୧୦ବର୍ଷର ପିଲା ୧୦ ଘଣ୍ଟା ଶୋଇବାକୁ ଇଂଲଣ୍ଡର ନ୍ୟାସନାଲ ହେଲଥ ମିଶନ ପରାମର୍ଶ ଦେଇଛି। ଏହି ରିସର୍ଚ୍ଚରୁ



ଯେଉଁ ପିଲାମାନେ ରାତିରେ ଅଧିକ ପରିମାଣରେ ଶୋଉ ନାହାନ୍ତି, ସେମାନଙ୍କ ଠାରେ ଡାଇବେଟିସ-୨ ଆଶଙ୍କା ବିକଶିତ ହେବାର ଆଶଙ୍କା ରହିଛି ବୋଲିଏକ ରିସର୍ଚ୍ଚରୁ ଜଣାପଡ଼ିଛି। ୟୁନିଭର୍ସିଟି ଅଫ ଲଣ୍ଡନର ଅଧଧିକ ନିଦ୍ରା କମ ବୟସରୁ ମେଦ ବୃଦ୍ଧି ଓ ଟାଇପ୨ ଡାଇବେଟିସ ଆଶଙ୍କାକୁ କମାଇବାରେ ସାହାଯ୍ୟ କରିବ ବୋଲି ଜଣାପଡ଼ିଛି। ପେଡ଼ିଆଟ୍ରିକ ଜର୍ଣ୍ଣାଲରେ ଏହି ରିସର୍ଚ୍ଚ ପ୍ରକାଶିତ ହୋଇଛି।

# ଶ୍ୱାସ ଦୁର୍ଗନ୍ଧ ଦୂର କରନ୍ତୁ

ଆପଣଙ୍କ ଶ୍ୱାସପ୍ରଶ୍ୱାସରେ ଦୁର୍ଗନ୍ଧ ବାହାରୁଥିବା ନେଇ କେହି ଅଭିଯୋଗ କରିବା କିମ୍ବା ପାଖରେ ଠିଆ ହୋଇ କଥା ନ ହେବା ଭଳି ଅପମାନଜନକ ସ୍ଥିତିର ଯଦି ସାମ୍ନା କରୁଛନ୍ତି ତେବେ ବ୍ୟୟବହୁଳ ମାଉଥୱାସ ବ୍ୟବହାର ନକରି ନିଜ ଶରୀରକୁ ଆବଶ୍ୟକତା ଅନୁସାରେ ଜଳ ଯୋଗାନ୍ତୁ। ଭିଟାମିନ ସି ଥିବା ଖାଦ୍ୟପଦାର୍ଥ ଖାଇବା ସହ ସ୍ପେଶାଲ ଚା' ପିଇ ଏପରି ସମସ୍ୟାର ସମାଧାନ କରିପାରିବେ। ଏହି ସମସ୍ୟାରୁ ମୁକୁଳିବାରେ କେତେକ ସାଧାରଣ ଟିପ୍ସ:

ଜଳ: ନିୟମିତ ବ୍ୟବଧାନରେ ପର୍ଯ୍ୟାପ୍ତ



ପରିମାଣର ପାଣି ପିଇବା ସହିତ ଅଳ୍ପଅଳ୍ପ ପାଣିରେ କୁଳି କରନ୍ତୁ। ଶରୀରରେ ଜଳସ୍ତର ହ୍ରାସ ପାଇଲେ, ମୁହଁରେ ଲାଳ ସୃଷ୍ଟି ହେବା ବନ୍ଦ ହୋଇଯାଏ। ମୁହଁରେ ଲାଳ ସୃଷ୍ଟି ହେଲେ ହିଁ ସେଠାରେ ଥିବା ଜୀବାଣୁ ସଫା ହୋଇଥାନ୍ତି ଏବଂ ଲାଳର ମାତ୍ରା ହ୍ରାସ ପାଇଲେ ମୁହଁ ଶୁଖିଲା ହୋଇଯାଇ ଦୁର୍ଗନ୍ଧ ହୁଏ।

ଭିଟାମିନ ସି: କମଳା ଓ ଲେମ୍ବୁ ଜାତୀୟ ମିଠା ଓ ଖଟା ଫଳରେ ଭରପୂର ମାତ୍ରାରେ ଭିଟାମିନ ସି ରହିଥାଏ। ଏହି ଫଳ ମୁହଁର ଦୁର୍ଗନ୍ଧ ଦୂର କରିବାରେ ବେଶ୍ ସହାୟକ। ଭିଟାମିନସି ଦୁର୍ଗନ୍ଧ ସୃଷ୍ଟି କରୁଥିବା ଜୀବାଣୁଙ୍କୁ ନଷ୍ଟ କରିଥାଏ।

ସେଓ: କୁହନ୍ତି, ଦୈନିକ ଗୋଟିଏ ସେଓ ଖାଇଲେ ଶରୀର ସୁସ୍ଥ ରହିଥାଏ। ସେଓ ମୁହଁରେ ସୃଷ୍ଟି ହେଉଥିବା ଲାଳକୁ ବୃଦ୍ଧି କରିଥାଏ। ଏହା ଦ୍ୱାରା ଆମ ମୁହଁ ଏକପ୍ରକାର ସଫା ହୋଇଥାଏ ଏବଂ ଜୀବାଣୁ ନଷ୍ଟ ହୋଇଥାନ୍ତି। ଏହାପରେ ଦୁର୍ଗନ୍ଧ ଯୁକ୍ତ ଶ୍ୱାସ ବାହାରିନଥାଏ।



ଡାଲଚିନି ଚା': ପ୍ରାୟ ସମସ୍ତଙ୍କ ରୋଷେଇ ଘରେ ଡାଲଚିନିଖୁବ୍ ସହଜରେ ମିଳିଯିବ। ଡାଲଚିନି ଯୁକ୍ତ ଚା' ପିଇବା ଫଳରେ ମୁହଁର ଦୁର୍ଗନ୍ଧ ଦୂର ହୋଇଥାଏ। ନିୟମିତ ଏହାକୁ ସେବନ କରିବା ଫଳରେ ସୁଫଳ ମିଳିଥାଏ।

# ନିଦ୍ରାରେ ଅନିୟମିତତା ବଢ଼ାଏ କ୍ରୋଧ

ଆମେ ପ୍ରତିଦିନ ଅତି କମରେ ୬/୮ଘଣ୍ଟା ବିଶ୍ରାମ ନେବା ଆବଶ୍ୟକ। କିନ୍ତୁ ଅନେକଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇ ନଥାଏ। ଏଭଳି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଦିନକୁ ୨/୩ଘଣ୍ଟା ଶୋଇଥାଆନ୍ତି। କିନ୍ତୁ ନିଦ୍ରାରେ ଅନିୟମିତତା ଯଦି ଅଭ୍ୟାସରେ ପରିଣତ ହୁଏ ତେବେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଦାୟୀ। ଏପରିକି କ୍ରୋଧ ବଢ଼ାଇବାରେ ଏହା କେତେକାଂଶରେ ଦାୟୀ ହୋଇଥାଏ ବୋଲି ଫ୍ରାନ୍ସର ବିଶେଷଜ୍ଞଙ୍କମାନେ ପ୍ରକାଶ କରିଛନ୍ତି। ତେବେ କେତେକ ବ୍ୟକ୍ତିଙ୍କୁ ନେଇ ସେମାନେ ଗବେଷଣା କରିଥିଲେ। ଅଧିକାଂଶ ସମୟ ଏଭଳି ସମସ୍ୟା ସହ ଜଡ଼ିତ ବ୍ୟକ୍ତିଙ୍କ ଆଗରେ ବ୍ୟବହାର କିପରି ରହୁଛି ତାହାକୁ ଲକ୍ଷ୍ୟ କରିଥିଲେ ବିଶେଷଜ୍ଞମାନେ। ଏଥିମଧ୍ୟରୁ ପ୍ରାୟ ୨୦ ପ୍ରତିଶତ ବ୍ୟକ୍ତିଙ୍କର କ୍ରୋଧ ବଢୁଥିବାର ଦେଖିବାକୁ ମିଳିଥିଲା। ଏଥିପାଇଁ ଅନିଦ୍ରା ହିଁ ଦାୟୀ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

# ମଟର୍ ତରକାରୀ ସହ ଖାଆନ୍ତୁ ସୁଜି ପରଟା



ଆମେ ଘରେ ସାଧାରଣତଃ ଅଟା ଓ ମଇଦାରେ ତିଆରି ରୁଟି କିମ୍ବା ପରଟା ଖାଇଥାନ୍ତି। ହେଲେ କେବେ ଆପଣ ସୁଜିର ତିଆରି ପରଟା ଖାଇଛନ୍ତି। ଆସନ୍ତୁ ଜାଣିବା କିପରି ପ୍ରସ୍ତୁତ ହୁଏ ସୁଜି ପରଟା।

*ଆବଶ୍ୟକ ସାମଗ୍ରୀ:* ସୁଜି, ପାଣି, ଲୁଣ, ଅଟା, ତେଲ କିମ୍ବା ଘିଅ

*ପ୍ରସ୍ତୁତି ପ୍ରଣାଳୀ:* ପ୍ରଥମେ କରେଇକୁ ଗ୍ୟାସରେ ବସାଇ ଗରମ କରନ୍ତୁ। ଏହା ଗରମ ହେବା ପରେ ସେଥିରେ ସୁଜି ପକାଇ ୨ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଏହା ଭାଜି ହୋଇଗଲାପରେ ସେଥିରେ ଅଳ୍ପ ପାଣି ଦେଇ ଜନ୍ତନ୍ତୁ। ଏହି ଜନ୍ତୁଣିରେ ସ୍ୱାଦ ଅନୁସରରେ ଲୁଣ ପକାନ୍ତୁ। କିଛି ସମୟ ଜନ୍ତି ସାରିବା ପରେ ଏହାକୁ ଥଣ୍ଡା ହେବା ପାଇଁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଜନ୍ତୁଣି ଥଣ୍ଡା ହୋଇଯିବା ପରେ ସେଥିରେ ଅଟା ପକାଇ କିଛି ସମୟ ଚକଟି ଦିଅନ୍ତୁ। ଚକଟି ସାରିବା ପରେ ରୁଟି ବା ପରଟା କରିବା ପାଇଁ ଗୋଲ ଗୋଲ ଗୋଲା କରନ୍ତୁ। ପରେ ତାକୁ ପରଟା କିମ୍ବା ରୁଟି ଆକାରରେ ବେଲନ୍ତୁ। ପରେ ତାୱାକୁ ଗ୍ୟାସରେ ବସାଇ ଗରମ କରନ୍ତୁ। ତାୱା ଗରମ ହେବା ପରେ ସେଥିରେ ବେଲି ରଖିଥିବା ରୁଟି କିମ୍ବା ପରଟାକୁ ପକାନ୍ତୁ। ପରେ ସେଥିରେ ତେଲ କିମ୍ବା ଘିଅ ପକାଇ ପରଟାକୁ ସେକନ୍ତୁ। ଏହାର ଦୁଇ ପାଖ ହୋଇଗଲାପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସୁଜି ପରଟା। ଏହାକୁ ଆପଣ ମଟର ତରକାରୀ ବା ଚଟଣି ସହ ଖାଇପାରିବେ।

# ଯୋଗ ସମୟ

ଆଜିକାଲି ସୁସ୍ଥ ରହିବା ପାଇଁ ସମସ୍ତେ ପଢୁଛନ୍ତି ଯୋଗପାଠ। ସେ ଦୃଷ୍ଟିରୁ ବଲିଉଡ୍ର କଳାକାରମାନେ ବା ପଛରେ ରହିଯାଆନ୍ତେ କିପରି। ଜାଣି ଆଶ୍ଚର୍ଯ୍ୟ ହେବେ ଯେ 'ଗୋଲମାଲ' ଆକ୍ଟର ତୁଶାର କପୁର ଏବେ ଅଭିନୟ ପରେ ଯାହା କିଛି ସମୟ ବଳୁଛି ସେ ସମ୍ପୂର୍ଣ୍ଣ ବିନିଯୋଗ କରୁଛନ୍ତି ଯୋଗ ପାଇଁ। ତାଙ୍କର ଟ୍ରେନର ହେଲେ ପାୟଲ ଗିଡ୍ୱାନୀ। ତୁଷାରଙ୍କ ହାତ ଯେବେଠାରୁ ଫ୍ୟାକ୍ଚର ହେଲାଣି ସେବେଠୁ ସେ ପଡିଛନ୍ତି ଯୋଗ ପଛରେ ତେବେ ତୁଷାରଙ୍କ ମନ ଭାରି ଦୁଃଖ ଯେ ଭଉଣୀ ଏକତାଙ୍କୁ ସେ ଦିନରାତି ଲାଗିପଡି ଯେତେ ବୁଝାଇଲେ ବି ସେ ବୁଝିବାକୁ ନାରାଜ। ବିଶେଷକରି ଏକତାଙ୍କ ଚେହେରାକୁ ଦେଖି ତୁଷାରଙ୍କ ଟେନ୍ସନ ବଢିଯାଇଛି। ଦିନକୁ ଦିନ ସେ ମୋଟୀ ହୋଇ ଯାଉଥିବାରୁ ତାଙ୍କ ପାଇଁ ଯୋଗ ନିହାତି ଜରୁରୀ। ହେଲେ ସବୁଠାରୁ ମଜାର ବିଷୟ ହେଉଛି ତୁଷାରଙ୍କୁ ଯୋଗମାୟାରେ ପଶିବା ପାଇଁ କିଏ ପ୍ରବର୍ତ୍ତାଇଲେ ଜାଣନ୍ତି ? ତାଙ୍କର ବେଷ୍ଟଫ୍ରେଣ୍ଡ କରୀନା କପୁର। ତା'ପରଠାରୁ ତୁଷାର ନିଜେ ଯୋଗ କରିବା ସହିତ ଏକତାଙ୍କ ପଛରେ ପଡିଛନ୍ତି। ଶୁଣାଯାଉଛି ତୁଷାରଙ୍କୁ ଧରାଛୁଆଁ ଦେଉନଥିବା ଏକତା ଏବେ କୁଆଡେ ଯୋଗ ଦେଇଛନ୍ତି ଯୋଗ କ୍ଲାସରେ।



# ଜାପାନୀଙ୍କ ଖୁସିର ସକାଳ

ଜାପାନର ସଂଖ୍ୟାଧିକ ଲୋକେ ଦୀର୍ଘାୟୁ । ଏହା ପଛର ପ୍ରମୁଖ କାରଣ ହେଲା ସେମାନଙ୍କ ଜୀବନଶୈଳୀ । ଆଜି ପର୍ଯ୍ୟନ୍ତ ସେମାନେ ପୁରାତନ ପଦ୍ଧତିକୁ ଆପଣେଇ ଆଗେଇବାରେ ଲାଗିଛନ୍ତି। ସ୍ଥାନୀୟ ଜାପାନୀ ଲେଖକ 'ଆୱେକନିଙ୍ଗ ଇୟାର ଇକିଗେଇ' ଏକ ପୁସ୍ତକ ଲେଖିଛନ୍ତି । ଜାପାନୀ ଭାଷାରେ ଇକିଗୋଇର ଅର୍ଥ ହେଉଛି ଜୀବନରେ ନିଜର ଲକ୍ଷ୍ୟ । ଜାପାନ ଲୋକେ ସକାଳୁ ଉଠିବା ପରେ କ'ଣ କରନ୍ତି । ଯେଉଁ କାରଣରୁ ପୂରା ଦିନ ସେମାନଙ୍କର ହସଖୁସିରେ ଅତିବାହିତ ହୋଇଥାଏ ।

ସକାଳୁ ଶଯ୍ୟା ତ୍ୟାଗ ପରେ ସେମାନେ ନିଜ ମନ ପସନ୍ଦର କାମ ହିଁ କରନ୍ତି । ଏ ସମ୍ପର୍କରେ ୯୧ ବର୍ଷୀୟା ଜିନ୍ ତୁ କହିଛନ୍ତି,



ଘରର ଅନ୍ୟ ସଦସ୍ୟଙ୍କୁ ସେମାନଙ୍କ ସହ ତାଳ ଦେଇ ଚାଲିବା ପାଇଁ ବାଧ କରାଯାଏ ନାହିଁ । ବରଂ ସମସ୍ତଙ୍କୁ ଯଥା ସ୍ୱାଧୀନତା ମିଳିଥାଏ । ସେଠାରେ ବୟସ୍କ ଲୋକେ ମଧ ନିଜ କାମ ନିଜେ କରିବାକୁ ପ୍ରାଧାନ୍ୟ ଦେଇଥାନ୍ତି । ଯେଉଁଥିପାଇଁ ସେମାନେ କର୍ମତତ୍ପର ରହିଥାନ୍ତି । ସେମାନଙ୍କର ଅନ୍ୟ ପ୍ରିୟ କାମ ହେଉଛି ସକାଳ ଜଳଖିଆକୁ ମନଭରି ଖାଇବା । ବିଶେଷଜ୍ଞଙ୍କ ମତରେ ବିଶ୍ୱର ଯେ କୌଣସି ପ୍ରାନ୍ତରେ ଥାଆନ୍ତୁ ନା କାହିଁକି, ନିଜ ମନପସନ୍ଦର ଜଳଖିଆ ମିଳିଗଲେ, ମସ୍ତିଷ୍କରୁ ଡୋପାମାଇନ୍ ନାମକ ତତ୍ତ୍ୱ ବାହାରିଥାଏ । ଏହା ହିଁ ପୂରାଦିନ ଅମାକୁ ଖୁସି ଓ ଚଳଚଞ୍ଚଳ ରଖେ । ଏଭଳି ଆଦୌ ନୁହେଁ ଯେ ଜାପାନୀ ଲୋକେ ସକାଳୁ ଉଠିବା ମାତ୍ରେ ବ୍ୟାୟାମ କିମ୍ବା ଯୋଗାଭ୍ୟାସ କରନ୍ତି । ବରଂ ଅଧିକାଂଶ ଜାପାନ ବାସିନ୍ଦା ସକାଳବେଳା ସ୍ଥାନୀୟ ଜାପାନୀ ସତରଞ୍ଚ ଖେଳିବାକୁ ପସନ୍ଦ କରୁଥିବାର ଦେଖାଯାଇଛି । ଏସବୁ ମନପସନ୍ଦର କାମ କଲେ ତାଙ୍କ ଦିନଟି ସ୍ୱାଭାବିକ ଠାରୁ ଅଧିକ ଭଲ ଭାବେ ଅତିବାହିତ ହୋଇଥାଏ ।



# ଶିଶୁ ମହୋତ୍ସବ 'ମୟୂରୀ'ର ସଫଳତା ପାଇଁ ସଂକଳ୍ପ




ବାରିପଦା,୩/୧୧(ଆପ୍ର): ବାରିପଦା ଶିଶୁ ଉଦ୍ୟାନ ପରିସରରେ ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ' ଅନୁଷ୍ଠିତ ହେବ । କୁନି କୁନି ପିଲାଙ୍କ ସୃଜନଶୀଳତା ବୃଦ୍ଧି ସହିତ ସେମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ ପାଇଁ ୨୦୦୦ରୁ ଅନୁଷ୍ଠିତ ହୋଇ ଆସୁଥିବା ଏହି ମହୋତ୍ସବକୁ ଚଳିତ ବର୍ଷ ଅଧିକ ଆକର୍ଷଣୀୟ କରିବା ପାଇଁ ମହୋତ୍ସବ କମିଟୀ ପକ୍ଷରୁ ସଂକଳ୍ପ ନିଆଯାଇଛି । ପୌରପରିଷଦ ଯାତ୍ରୀ ନିବାସରେ ଆୟୋଜିତ ସଂକଳ୍ପ ସମାବେଶରେ କମିଟୀର ସଭାପତି ତଥା ବାରିପଦା ପୌରପରିଷଦର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଏହି ସଂକଳ୍ପ ସମାବେଶରେ ଅଧ୍ୟକ୍ଷତା କରିଥିଲେ । ସଂସ୍କୃତି, ପରଂପରା ଓ ଆଧ୍ୟାତ୍ମିକ ଚେତନାକୁ ଯୋଡି ପିଲାମାନଙ୍କ ଭିତରେ ବ୍ୟକ୍ତିତ୍ୱ ବିକାଶ ପାଇଁ ଆୟୋଜିତ ହୋଇ ଆସୁଥିବା ଏହି ଶିଶୁମହୋତ୍ସବ ଅନନ୍ୟ ବୋଲି ଶ୍ରୀ ମହାନ୍ତି କହିବା ସହ ଏହାକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହି ଅବସରରେ ସଂସ୍କାର ଶିଶୁ ମହୋତ୍ସବର ପ୍ରାଣ ପ୍ରତିଷ୍ଠାତା ଏହି ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଏଥି ସହିତ ତିନିଦିନ ଧରି ହେବାକୁ ଥିବା ଭିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ପିଲାଙ୍କ ବୌଦ୍ଧିକ ଓ ମାନସିକ ବିକାଶ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଓ ବିଭିନ୍ନ ବର୍ଗ ପାଇଁ ହେବାକୁ ଥିବା ପ୍ରତିଯୋଗିତା ବାବଦରେ ବିଷଦ ବିବରଣୀ ପ୍ରଦାନ କରିଥିଲେ । କମିଟିର ଉପଦେଷ୍ଟା ଡା ପାର୍ଥ ସେରଥୀ ଜେନା ଏହି ମହୋତ୍ସବ ଆୟୋଜନ ପଛରେ ଥିବା ସୁଦୂର ପ୍ରସାରୀ ଚିନ୍ତାଧାରା ସଂପର୍କରେ ଆଲୋକପାତ କରିଥିବା ବେଳେ ଉପଦେଷ୍ଟା ତଥା ଶିକ୍ଷାବିତ୍ କୈବଲ୍ୟ ପ୍ରସାଦ ମହାପାତ୍ର ଏହି ମହୋତ୍ସବ ପିଲାଙ୍କ ପ୍ରତିଭା ବିକାଶ ପାଇଁ ଅନେକ ସୁଯୋଗ ସୃଷ୍ଟି କରି ଆସିଛି ବୋଲି କହିଥିଲେ । ଉପଦେଷ୍ଟା ତଥା ବରିଷ୍ଠ ଆଇନ୍‌ଜୀବୀ କ୍ଷେତ୍ରମୋହନ ପଣ୍ଡା ଏହି ଅବସରେ ଉପସ୍ଥିତ ସମସ୍ତଙ୍କୁ ଚଳିତ ବର୍ଷର ମହୋତ୍ସବକୁ ସର୍ବାଙ୍ଗ ସୁନ୍ଦର କରି ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ । ଶିଶୁମହୋତ୍ସବ କମିଟୀର ଅନ୍ୟତମ ଉପଦେଷ୍ଟା ତଥା ବାଙ୍ଗିରିପୋଷି ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ପୁଷ୍ପାପାତ୍ର ଚଳିତବର୍ଷର କାର୍ଯ୍ୟକ୍ରମ ଉଭୟ ଅଭିଭାବକ ଓ ପିଲାମାନଙ୍କୁ ବେଶ ଆକର୍ଷିତ କରିବ ବୋଲି କହିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟୀର ଉପସଭାପତି ଆର୍କିଟେକ୍ଟ ମନୋଜ କୁଅଁର, ଯୁଗ୍ମ ସଂପାଦକ ସଂଗ୍ରାମ କେଶରୀ ଭଞ୍ଜଦେଓ, ଉପଦେଷ୍ଟା ରଜନୀ ବାରିକ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ସହରର ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ । ତିନିଦିନ ଧରି ଶିଶୁ ଉଦ୍ୟାନ ପରିସରରେ ଆୟୋଜିତ ଏହି ମହୋତ୍ସବରେ ପିଲାମାନେ ଖେଳ,କୁଦ ମଜା ମସ୍ତି ସହିତ ନାଚିବେ, ଗାଇବେ, ଚିତ୍ର ଆଙ୍କିବେ, ଝୋଟି ଓ ରଙ୍ଗୋଲିରେ ନିଜନିଜର ସୃଜନ ଶୀଳତା ଦେଖାଇବା ସହିତ ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ଭାଗନେଇ ତାଙ୍କର ପ୍ରତିଭାର ପରିଚୟ ଦେବେ । ଏଥି ସହିତ ସଂସ୍କାର ଧର୍ମୀ ଆଲୋଚନା ଓ କର୍ମଶାଳାରେ ଭାଗନେଇ ନିଜ ନିଜର ବ୍ୟକ୍ତିତ୍ୱର ବିକାଶ କରିବେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଶିଶୁ ମହୋତ୍ସବରେ ଭାଗ ନେବାକୁ ଇଚ୍ଛୁକ ପ୍ରତିଯୋଗୀମାନେ ଆସନ୍ତା ୬ ତାରିଖ ଠାରୁ ୧୦ ତାରିଖ ମଧ୍ୟରେ ଶିଶୁ ଉଦ୍ୟାନ ନିକଟ ପୌରପରିଷଦ ଯାତ୍ରୀ ନିବାସରେ ଅପରାହ୍ନ ସାଢେ ତିନିଟାରୁ ୫ଟା ମଧ୍ୟରେ ପହଞ୍ଚି ନାମ ପଞ୍ଜିକରଣ କରିପାରିବେ ବୋଲି କମିଟି ପକ୍ଷରୁ ସୂଚନା ଦିଆ ଯାଇଥିବା ବେଳେ ସବିଶେଷ ବିବରଣୀ ପାଇଁ ୯୭୭୭୩୨୩୬୯୨, ୭୦୦୮୧୫୮୨୬୧ କିମ୍ବା ୮୯୧୭୬୮୮୭୦୧ ନମ୍ବରରେ ଯୋଗାଯୋଗ କରି ପାରିବେ ବୋଲି କୁହାଯାଇଛି ।

# ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ

ଭବାନୀପାଟଣା, ୦୫/୧୧ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଆଜି ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ୧୮୨ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ୧୪୮ଗୋଟି ଓ ସାମୂହିତ ୩୦ ଗୋଟି ରହିଥିବାବେଳେ ୧୦ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଓ ଜଣଙ୍କୁ ରେଡ୍‌କ୍ରସ ଫଣ୍ଡରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଉଚ୍ଚ ଶିକ୍ଷା ସହାୟତା ରାଶି ୧୬ ଜଣଙ୍କୁ ପ୍ରଦାନ କରାଯାଇଥିଲା । ମିଶନ ସକ୍ଷମତା ଫଣ୍ଡ ରାଶିରୁ ୧୦ ଜଣଙ୍କୁ ୫୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି ଜନଶୁଣାଣି ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସମାଜ କଲ୍ୟାଣ, ପଂଚାୟତିରାଜ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ତହସିଲ ଇତ୍ୟାଦି ବିଭାଗ ସମ୍ପର୍କିତ ଆପତି ଅଭିଯୋଗର ଶୁଣାଣି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେଇ ଏହାର ଆଶୁ ସମାଧାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରଓ୍ୱାନ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢ଼ୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ସୁଚେତା ପାଣି, ସି.ଡି.ଭି.ଓ. ଡଃ. ରଜନୀକାନ୍ତ ରଥ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡ଼ା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲ୍ଲା ପଂଚାୟାତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସ୍ୱଳ୍ପ ସଂଚୟ ସହାୟକ ନିର୍ଦ୍ଦେଶକ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, ତହସିଲଦାର ଭବାନୀପାଟଣା ଶୁଭସ୍ମୀତା ମିଶ୍ର, ବି. ଡି. ଓ. ଭବାନୀପାଟଣା ଚନ୍ଦନ ଭୋଇଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

# ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ

ଖୋର୍ଦ୍ଧା, ୦୫/୧୧ (ନି.ପ୍ର): ଖୋର୍ଦ୍ଧା,ସୋମବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଚଂଚଳ ରାଣା ଅଧକ୍ଷତାରେ ପ୍ରତ୍ୟେକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୋଟ ୧୩୫ଟି ଆପତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୧୧୭ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୧୧ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା । ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୪ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ୨ ଜଣ ହିତାଧିକାରୀଙ୍କୁ ଯଥା କ୍ରମେ ୧୦ ହଜାର ଟଙ୍କା ଏବଂ ୮୦୦୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ରେଡକ୍ରସ ପାଣ୍ଠିରୁ ଜଣେ ହିତାଧିକାରୀ ୧୦,୦୦୦ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ଆଜିର ମିଳିତ ଜନଶୁଣାଣିରେ ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ଡି ଏଫ୍ ଓ ପି ପୂର୍ଣ୍ଣିମା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ)ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ଉପ-ଜିଲ୍ଲାପାଳ ଦୀପ୍ତି ରଞ୍ଜନସେଠୀ, ସି ଡ଼ି ଏମ୍‌ଓ ଡଃ ରାଜଲକ୍ଷ୍ମୀ ପଟ୍ଟନାୟକ, ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ଖୋର୍ଦ୍ଧା ବିଡିଓ ଓ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସିନେମା ହଲ ମା' କାଳୀଙ୍କ ବଡପୂଜା : ୩ ହଜାର ଭକ୍ତ ସାମୁହିକ ପ୍ରସାଦ ସେବନ କଲେ

ଭୁବନ, ୦୫/୧୧ (ନି.ପ୍ର): ଗତ ଗୁରୁବାର ରାତିରୁ ଶକ୍ତି ସ୍ୱରୁପୀଣି, ଅଭୟ ପ୍ରଦାୟିନୀ, ଦୁଷ୍ଟ ନିବାରିଣି ମା ' କାଳୀଙ୍କ ଆବାହନ ପାଇଁ ଭୁବନ ଉତ୍ସବ ମୁଖର ହୋଇପଡିଛି । ୧୯୮୭ ମସିହା ରେ ଭୁବନ ଏନ୍ ଏ ସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ସିନେମା ହଲ ଛକରେ ସ୍ୱର୍ଗତ ଗୌରାଙ୍ଗ ପୋଥାଳ, ସ୍ୱର୍ଗତ ଦୁର୍ଯ୍ୟୋଧନ ପୋଥାଳ,ଗୌରାଙ୍ଗ ଚରଣ ନାୟକ,ସନାତନ ପାତ୍ର ଙ୍କ ଉଦ୍ୟମ ଓ ସାହି ବାସିନ୍ଦା ଙ୍କ ସହଯୋଗରେ ଆରମ୍ଭ ହୋଇଥିବା କାଳୀ ପୂଜା ଚଳିତ ବର୍ଷ ୩୮ ତମ ବାର୍ଷିକ ପୂଜା କରୁଛି । ଆଜି ସୋମବାର ମା' କାଳୀଙ୍କ ବଡ଼ପୂଜାରେ ସାମୁହିକ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା । ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ କର୍ମଚାରୀ, ବ୍ୟାଙ୍କ କର୍ମଚାରୀ ,ମାନ୍ୟଗଣ୍ୟ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି , ସମସ୍ତ ସାହି ବାସିନ୍ଦାଙ୍କ ସମେତ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମୁହିକ ପ୍ରସାଦ ସେବନ କରି ମା' କାଳୀଙ୍କ ଆଶିଷ ଲାଭ କରିଥିଲେ । କାଳୀ ପୂଜା କମିଟି ସଭାପତି ସନ୍ତୋଷ କୁମାର ପୋଥାଳଙ୍କ ତତ୍ତ୍ୱାବଧାନରେ କର୍ତ୍ତା ରବି ନାରାୟଣ ସାହୁ, ସମ୍ପାଦକ ଧନେଶ୍ୱର ଦାସ, ଅଜିତ ନନ୍ଦୀ, ଟିଟୁ ଦାସ, ଲୋକନାଥ ପାତ୍ର, ସମରସେନ୍ ନାୟକ, ଗୋପାଳ ନାୟକ, ନୀତେଶ କୁମାର ପୋଥାଳ, ପର୍ଶୁରାମ ପୋଥାଳ, ସଦାନନ୍ଦ ନାୟକ, ମନୋଜ ପୋଥାଳ, କୃଷ୍ଣ ଚନ୍ଦ୍ର ଦାସ, ସୁଶୀଲ ଗୁଇଁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ ।

# ରାଜ୍ୟସ୍ତରୀୟ ସ୍କୁଲ ସମୂହ ଫେନ୍ସିଂ,ଉଷୁ, ଥାଙ୍ଗଟା ଓ ଟେବୁଲ୍ ଟେନିସ ଟେବୁଲ୍ ପ୍ରତିଯୋଗିତା ୨୦୨୪ -୨୫ ଉଦଯାପିତ

ବଲାଙ୍ଗିର, ୦୫/୧୧ (ନି.ପ୍ର): ସଦର ମହାକୁମା ସ୍ଥିତ ସ୍ଥାନୀୟ ଐତିହ୍ୟ ସମ୍ପର୍ଣ୍ଣ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ, ବଲାଙ୍ଗିର ରେ ରାଜ୍ୟ ସ୍ତରୀୟ ସ୍କୁଲ ସମୂହ ଫେନ୍ସିଂ,ଉଷୁ, ଥାଙ୍ଗଟା ଓ ଟେବୁଲ୍ ଟେନିସ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି କ୍ଷ ଉଦଯାପନୀ ଉତ୍ସବ ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ବଲାଙ୍ଗୀର ଜିଲ୍ଲା ର ଆଇନ୍ ସେବା ପ୍ରାଧିକରଣ ସଂପାଦକ ପବିତ୍ରାନନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ଜୀବନର ଅଭିଜ୍ଞତା କହିବା ସକ୍ଷଙ୍ଗେ ସାଙ୍ଗେ ପିଲାମାନଙ୍କର ଖେଳୁଆଡ ମନୋବୃତି କୁ ଆଗକୁ ବଢ଼ଇବା ପାଇଁ ପ୍ରେରଣା ଦେଇଥିଲେ । ସଭାର ସଭାପତି ଧ୍ରୁବ ଚରଣ ବେହେରା କହିଥିଲେ ଯେ, ଆବେଗ ଓ ଶ୍ରଦ୍ଧା ଦ୍ୱାରା କ୍ରୀଡା କୁ ଆଗକୁ ନିଆଯାଇ ପାରିବ । ରାଜ୍ୟ କ୍ରୀଡ଼ା ଉପନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା ପ୍ରତିଯୋଗିତା ର ଉଦ୍ଦେଶ୍ୟ ଓ ବିବରଣୀ ପ୍ରଦାନ କରିଥିଲେ । ଜାତୀୟ କ୍ରୀଡା ପ୍ରତିଯୋଗୀତାର ଆଗାମୀ ଦିନର ସୂଚୀର ସୂଚନା ଦେଇଥିଲେ । ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ବିଜୟାନନ୍ଦ ସେଠୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କହିଥିଲେ ଆଜି କ୍ରୀଡ଼ାକୁ ବୃତି ଭାବରେ ଗ୍ରହଣ କରାଯାଇପାରେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର ଏବଂ ସମ୍ବଲପୁର ଜିଲ୍ଲା କ୍ରୀଡା ଅଧିକାରୀ ସୁଜାତା ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ, ବଲାଙ୍ଗିର ର ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀ ସ୍ୱାଗତ ସମ୍ଭାଷଣ ଦେଇଥିଲେ । ବଲାଙ୍ଗିର ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ପାତ୍ର ଆଜିର ସଭାରେ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ହେମନ୍ତ ପ୍ରଧାନ ମଂଚ ପରିଚାଳନା କରିଥିଲେ ।

ଏହି ରାଜ୍ୟସ୍ତରୀୟ ପ୍ରତିଯୋଗୀତା ର ଫେନ୍ସିଂ ପ୍ରତିଯୋଗିତାରେ ବଲାଙ୍ଗୀର ଦଳ ଚାମ୍ପିଅନ, ଉଷୁ ପ୍ରତିଯୋଗିତାରେ କେନ୍ଦୁଝର, ଥାଙ୍ଗଟା ରେ ବଲାଙ୍ଗିର ଏବଂ ଟେବଲ୍ ଟେନିସ ରେ ୧୪ ବର୍ଷ ରୁ କମ ବାଳକ ରେ କଟକ, ୧୭ ରୁ କମ ବାଳକ ରେ କୋରାପୁଟ ଏବଂ୧୭ ରୁ କମ ବାଳିକା ବର୍ଗ ରେ ଭୁବନେଶ୍ୱର ଦଳ ଚାମ୍ପିଅନ ହୋଇଥିଲେ । ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ରେ ମୋଟ ୧୭ ଟି ଜିଲ୍ଲା ର ୧୫୧ ବାଳକ ପ୍ରତିଯୋଗୀ ୧୩୨ ବାଳିକା ପ୍ରତିଯୋଗୀ ୪୯ ଜଣ ଟିମ୍ ମ୍ୟାନେଜର ଓ କୋଚ ଏବଂ ୩୦ ଜଣ ସହ ପରିଚାଳକ ଏମିତି ମୋଟ ରେ ୩୬୨ ଜଣ ଯୋଗ ଦେଇଛନ୍ତି କ୍ଷ ଆଜିର ଉଦଘାଟନି ଉତ୍ସବ କୁ ରାଜ୍ୟ ତଥା ଜିଲ୍ଲା ର ସମସ୍ତ ଅଫିସିଆଲ୍ ସହଯୋଗ କରିଥିଲେ ।

# ଶିମିଳିପାଳରେ ହାତୀ ଯଶୋଦାର ମୃତ୍ୟୁ

ବାରିପଦା, ୦୫/୧୧ (ନି.ପ୍ର): ଶିମିଳିପାଳରେ ହାତୀ ଯଶୋଦାର ମୃତ୍ୟୁ ଘଟିଛି । ଶିମିଳିପାଳର ଜେନାବିଲରେ ଚିକିତ୍ସାଧିନ ଅବସ୍ଥାରେ ଯଶୋଦାର ମୃତ୍ୟୁ ଘଟିଛି । ହାତୀଟି ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲା । ତାର ଗୋଡରେ ଗୋଟିଏ ହାଡ଼ ଭାଙ୍ଗିଯିବା ପରେ ସେ ଅସୁସ୍ଥ ହୋଇପଡିଥିଲା । ତାର ଚିକିତ୍ସା ଚାଲିଥିଲା । ହେଲେ ଚିକିତ୍ସାଧିନ ଅବସ୍ଥାରେ ଗତ ୩୦ ତାରିଖରେ ଶିମିଳିପାଳ ଜେନାବିଲରେ ତାର ମୃତ୍ୟୁ ହୋଇଛି । ଯଶୋଦାର ମୃତ୍ୟୁ ନେଇ ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି ।

# ବିଜୁ ନଗରଠାରେ ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟିତ ଓ ସାଂଗଠନିକ ବୈଠକ

ଧର୍ମଶାଳା, ୦୫/୧୧ (ନି.ପ୍ର): ଯାଜପୁର ଜିଲାରେ ବିଜେପି ଦଳକୁ ମଜଭୂତ କରିବା ଓ ବିଜେଡି ମୁକ୍ତ ଜିଲା କରିବାକୁ କାର୍ଯ୍ୟକର୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ଆଜି ରାଜ୍ୟ ସମବାୟ,ହସ୍ତତନ୍ତ ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗ ଦେଇ ଯାଜପୁର ଜିଲା କୁଆଖିଆସ୍ଥ ବିଜୁ ନଗରଠାରେ ସାଂସଦଙ୍କ ନୂତନ କାର୍ଯ୍ୟଳୟ ଉଦଘାଟନ ଉତ୍ସବରେ ଯୋଗ ଦେଇ ଉଦଘାଟିତ କରିଥିଲେ । ପରେ ପରେ ଜିଲା ସଂଗଠନ କର୍ମଶାଳା ଜିଲା ସଭାପତି ଗୌତମ ରାୟଙ୍କ ଅଧ୍ୟକ୍ଷତାରେ ଯାଜପୁର ସାଂସଦ ଡ. ରବିନ୍ଦ୍ର କୁମାର ବେହେରାଙ୍କ ସହ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ପ୍ରମୁଖ ଯୋଗ ଦେଇ କିପରି ସଦସ୍ୟତା ସଂଗ୍ରହ ଅଭିଯାନ ଜୋରଦାର କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ଏହି ସଂଗଠନ କର୍ମୀ ସମ୍ମିଳନୀରେ ଜିଲାର ୭ଗୋଟି ନିର୍ବାଚନ ମଣ୍ଡଳୀରୁ ବହୁ ସଂଖ୍ୟାରେ ବୁଥ୍ ସ୍ତରୀୟ ବିଜେପି କର୍ମୀ ଉପସ୍ଥିତ ଥିଲେ । ରସୁଲପୁର ବ୍ଲକର ବରିଷ୍ଠ ନେତା ବିଜୁ ଜନତା ଦଳ ପରିତ୍ୟାଗ କରି ଭାଜାପାରେ ସାମିଲ ହୋଇଥିଲେ । ସେମାନଙ୍କୁ ଦଳୀୟ ଉତରୀୟ ଦେଇ ସ୍ୱାଗତ କରାଯାଇଥିଲା ।

# ପଂଚାୟତ ସ୍ତରିୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୦୫/୧୧ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କଙ୍ଗା ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ଜିପିଓ ଭାଗିରିଥି ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ ନିଶା, ସହକାରି ନିର୍ବାହି ଯନ୍ତ୍ରୀ ରଞ୍ଜିତାରାଣି ପଣ୍ଡା, ଏପିଓ ସନ୍ତୋଷି ମହାପାତ୍ର, ସରପଂଚ ଯମୁନା ପୁଜାରିଙ୍କ ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ରାସ୍ତା ମରାମତି, ଅଙ୍ଗନବାଡୀ କେନ୍ଦ୍ରର ମରାମତି ନେଇ ଗ୍ରାମବାସୀ ମାନେ ଅଭିଯୋଗ କରିଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା, ଅଭିଯୋଗ ଜଣାଇଥିଲେ ।

# କେନ୍ଦୁଝରରେ ଉଦ୍‌ଘାଟିତ ହେଲା ଜାତୀୟ ହସ୍ତତନ୍ତ ମେଳା

କେଉଁଝର, ୦୫/୧୧ (ନି.ପ୍ର): କେନ୍ଦୁଝରରେ ଉଦଘାଟିତ ହେଲା ଜାତୀୟ ହସ୍ତତନ୍ତ ମେଳା କେନ୍ଦୁଝର, ୪ ନଭେମ୍ବର (ହି.ସ) କେନ୍ଦୁଝର ଜିଲ୍ଲାରେ ଆରମ୍ଭ ହେଲା ଜାତୀୟ ହସ୍ତତନ୍ତ ମେଳା । କାଳୀ ପୂଜା ଅବସରରେ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା ଆୟୋଜନ କରାଯାଇଛି । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ ଏହି ମେଳାକୁ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ଆଜି ସନ୍ଧ୍ୟାରେ ଉଦଘାଟନ କରିଥିଲେ।। ଏହି ଅବସରରେ ବୟନିକା ପରିଚାଳନା ନିର୍ଦ୍ଦେଶକ ଶ୍ରୀମତୀ ପ୍ରଣତି ଛୋଟରାୟ ଉପସ୍ଥିତ ଥିଲେ । କେନ୍ଦୁଝର ପ୍ରସିଦ୍ଧ କାଳୀପୂଜା ଉପଲକ୍ଷେ ଜେଲରୋଡଠାରେ ୦୪ ତାରିଖରୁ ନଭେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ସମୁଦାୟ ୭୦ ଗୋଟି ଷ୍ଟଲ ଖୋଲାଯାଇଅଛି । ଏଥି ମଧ୍ୟରୁ ୨ ଗୋଟିରେ ରାଜ୍ୟର ପ୍ରମୁଖ ୨ ସଂସ୍ଥା ଯଥା: ବୟନିକା ଏବଂ ଉତ୍କଳିକା ସହ ୬୦ ଗୋଟି ଏବଂ ରାଜ୍ୟ ବାହାରର ୧୦ ଗୋଟି ଅଂଶଗ୍ରହଣ କାରୀ ଭାଗ ନେଇଅଛନ୍ତି । ଏହି ମେଳା ପ୍ରତ୍ୟହ ଦିବା ୧୧.୦୦ ଘଟିକାଠାରୁ ରାତ୍ର ୯.୦୦ ଘଟିକା ପର୍ଯ୍ୟନ୍ତ ଚାଲିବ । ଏହି ମେଳାରେ ଓଡ଼ିଶାର ପ୍ରତ୍ୟେକ ଷ୍ଟଲରେ ପ୍ରତ୍ୟେକ ବସ୍ତ୍ର ବିକ୍ରି ଉପରେ ସ୍ୱତନ୍ତ୍ର ରିହାତି ଦେବାର ବ୍ୟବସ୍ଥା କରାଯାଇଅଛି । ସୂଚନାଯୋଗ୍ୟ, ଓଡିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ (ବୟନିକା), ଓଡିଶା ହସ୍ତତନ୍ତ ଉଦ୍ୟୋଗର ସର୍ବପୁରାତନ ତଥା ଏକମାତ୍ର ଶୀର୍ଷ ବିପଣନ ସଂସ୍ଥା ଯାହାକି ଦୀର୍ଘ ୬୮ ବର୍ଷ ଧରି ଓଡିଶା ହସ୍ତତନ୍ତ କଳାର ପ୍ରଚାର, ପ୍ରସାର ତଥା ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିଆସୁଅଛି । ଓଡିଶାର ହଜାର ହଜାର ବୁଣାକାରଙ୍କ ଜୀବିକା ନିର୍ବାହର ମୁଖ୍ୟ ପାଥେୟ ସେମାନଙ୍କ ଦ୍ୱାରା ଉତ୍ପାଦିତ ହସ୍ତତନ୍ତ ବସ୍ତ୍ରର ଉତମ ବିପଣନ । ଏହି ବିପଣନକୁ ତ୍ୱରାନିତ କରିବା ପାଇଁ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାର "ରାଜ୍ୟ ସ୍ତରୀୟ ହସ୍ତତନ୍ତ ମେଳା" ର ଆୟୋଜନ ପାଇଁ ଆର୍ଥୀକ ସହାୟତା ଯୋଗାଇ ଦେଇଥାଆନ୍ତି । ଏହି ମେଳାରେ ବହୁ ସଂଖ୍ୟାରେ ପଦାର୍ପଣ କରି ସରକାରୀ ରିହାତି ର ସୁବିଧା ସହ ହସ୍ତତନ୍ତ ବସ୍ତ୍ର କ୍ରୟ କରି ବୁଣାକାର ମାନଙ୍କୁ ଉତ୍ସାହିତ କରିବାକୁ ବୟନିକା ପକ୍ଷରୁ ନିବେଦନ କରାଯାଇଛି ।

# ସୁଦାମ ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ବଲାଙ୍ଗୀର, ୦୫/୧୧ (ନି.ପ୍ର): ସୁଦାମ ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି । ପ୍ରଧାପକ ପ୍ରଶାନ୍ତ ଖମାରୀଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ଅଧକ୍ଷ ପ୍ରଧାପକ ଅଶୋକ କୁମାର ପଣ୍ଡା ଦୁର୍ନୀତି ନିବାରଣ ସମ୍ପର୍କରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀମାନେ ଦୁର୍ନୀତି ଠାରୁ ଦୂରରେ ରହି କର୍ତବ୍ୟ ସମ୍ପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ । ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ ଶ୍ରାବଣୀ ମେହେର ଦୁର୍ନୀତି ନିବାରଣ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ । ପ୍ରଧାପକ ପ୍ରଶାନ୍ତ ଖମାରୀ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ଶପଥପାଠ କରାଇଥିଲେ । ଶେଷରେ ଅଧାପକ ଶମ୍ଭୁପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ପ୍ରଧାପକ ହୃଦାନନ୍ଦ ଦାଶ, ଦଧିବାମନ ପଧାନ ଓ ଅଧାପିକା ଏ.ବି. ରାମଲିଷା, ପ୍ରିୟଙ୍କା ରାଣୀ ବେଦବାକ୍, ରୋଶନୀ ସାଏ ଯୋଗ ଦେଇଥିଲେ ।

# ସୋନପୁର ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୦୫/୧୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୁବର୍ଣ୍ଣପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୫ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ୨୭ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବାବେଳେ ୦୮ ଗୋଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା । ଗୋଟିଏ ଦରଖାସ୍ତର ତୁରନ୍ତ ସମାଧାନ ହୋଇଥିବାବେଳେ ଅନ୍ୟ ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ସୌମ୍ୟାରୂପା ରଥ, ପଂଚାୟତ ସମିତି ଅଧକ୍ଷ ସୋନପୁର ପ୍ରହଲ୍ଲାଦ ନାୟକ, ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଦୀପ କୁମାର ଗୁରୁ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ତହସିଲଦାର ସୋନପୁର ଯୋଗେଶ୍ୱର ଧରୁଆ, ଡେପୁଟି କଲେକ୍ଟର(ଗ୍ରୀଭେନସ) ଶୁଭଶ୍ରୀ ରଥ, ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

# ବିଡ଼ିଓଙ୍କୁ ଆକ୍ରମଣର ଦୃଢ଼ ନିନ୍ଦା ସହ ପ୍ରତିବାଦ କଲେ ଜିଲ୍ଲା ଓଏଏସ ଅଧିକାରୀ

ବଲାଙ୍ଗିର, ୦୫/୧୧ (ନି.ପ୍ର): ସ୍ଥାନୀୟ ଜିଲ୍ଲା ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ସୋନପୁର ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁ କୁ ଗତ ତା ୦୧/୧୧/୨୪ ରିଖ ଦିନ କାର୍ଯ୍ୟାଳୟ କକ୍ଷ ରେ ହୋଇଥିବା ଆକ୍ରମଣର ପ୍ରତିବାଦ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ଅଧକ୍ଷତାରେ ଜିଲ୍ଲା ଓଏଏସ ଅଧିକାରୀ ସମୂହଙ୍କୁ ନେଇ ଏକ ପ୍ରତିବାଦ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଡ଼ିଓ ସୋନପୁର ଶ୍ରୀ ସ୍ୱାଇଁଙ୍କୁ ଅଫିସ କାର୍ଯ୍ୟାଳୟରେ ଜନୈକ ନିଯୁକ୍ତ ୭ ଜିଲ୍ଲା ପ୍ରତିନିଧି ଧୀରେନ୍ଦ୍ର କୁମାର ଦାନୀ ଅଶାଳୀନ ଭାଷା କହିବା ସହ ମରନାନ୍ତକ ଆକ୍ରମଣ କରିଥିଲେ, ଯାହା ବିଡ଼ିଓଙ୍କ ଜୀବନ ପ୍ରତି ନିଶ୍ଚିତ ଭାବେ ବିପଦପୂର୍ଣ୍ଣ ରହିଥିବା ବେଳେ ଏତାଦୃଶ ନିନ୍ଦନୀୟ କାର୍ଯ୍ୟକଳାପ ଆଗାମୀ ଦିନରେ ଜିଲ୍ଲାର କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ନିଶ୍ଚିତ ଭାବେ ଭୟ ବାତାବରଣ ସୃଷ୍ଟି କରିବ ବୋଲି ଅଧିକାରୀ ବୃନ୍ଦ ଆଲୋଚନାରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ବିଡ଼ିଓଙ୍କ ଉପରକୁ ଆକ୍ରମଣ ଓ ଦୁର୍ବ୍ୟବହାର ପ୍ରତିବାଦ ରେ ଜିଲ୍ଲାର ସମସ୍ତ ଓ ଏ ଏସ ଅଧିକାରୀ ସମୂହ ଦୃଢ଼ ନିନ୍ଦା କରିବା ସହ ରାଜ୍ୟ ସ୍ତରୀୟ ଓ ଏ ଏସ ସଙ୍ଘ ଙ୍କୁ ଏହାର ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି ପତ୍ର ପ୍ରଦାନ କରିଥିବା ସୂଚନା ପ୍ରଦାନ କରାଯାଇଛି । ବୈଠକରେ ଜିଲ୍ଲାର ସମସ୍ତ କାର୍ଯ୍ୟରତ ଓଡିଶା ପ୍ରଶାସନିକ ଅଧିକାରୀ ଯୋଗଦାନ କରିଥିଲେ ।

# ନିଜକୁ ସରକାରୀ ଅଧିକାରୀ କହି ସାଇବର ଠକ ଲୁଟିନେଲେ ୮୭ଲକ୍ଷ ଟଙ୍କା

ମାଲକାନଗିରି, ୦୫/୧୧ (ନି.ପ୍ର): ମାଲକା ନଗିରି ଜିଲ୍ଲାରେ ଏକ ବଡ ଧରଣର ସାଇବର ଠକେଇ ହେଥିବା ଜଣା ପଡିଛି । ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅଂଚଳରେ ଜୈନେକ ଶିକ୍ଷକ ଏହି ଠକେଇର ଶିକାର ହୋଇଛନ୍ତ । ପ୍ରଥମେ ଶିକ୍ଷକଙ୍କୁ କିଛି ଫୋନ କଲ ଆସିଥିଲା, ଶିକ୍ଷକ ଜଣଙ୍କ ବ୍ୟାଙ୍କ ଲେଣ ଦେଣ ବିଷୟରେ ତଥ୍ୟକୁ ଆଧାର କରି ଦୀର୍ଘ ଏକ ମାସ ଧରି ଶିକ୍ଷକଙ୍କୁ ଧମକ ଦେବା ସହ ନିଜକୁ ପ୍ରସାସନିକ ଅଧିକାରୀ ଯଥା ସିବିଆଇ, ଇଡ଼ି, ହାଇକୋର୍ଟ କର୍ମଚାରୀର ପରିଚୟ ଦେଇ ଠକ ମାନେ ଧମକ ଦେବା ସହ ମାନସିକ ନିର୍ଯ୍ୟାତନା ଦେବା ଆରମ୍ଭ କରିଥିଲେ । ତୁମର ଟଙ୍କାକୁ ତୁମେ ଅସତ ଉପାୟରେ ଅର୍ଜନ କରିବା ସହ ବିଭିନ୍ନ ଅପରାଧିକ ସଂସ୍ଥାରେ ନିବେଶ କରିଛ, ତୁମକୁ ସେମାନେ ଜୀବନରେ ମାରିଦେବେ, ତେଣୁ ତୁମକୁ ଆମେ ରକ୍ଷା କରିପାରିବୁ ବୋଲି କହି ପ୍ରଥମ ପର୍ଯ୍ୟାୟରେ ଲକ୍ଷାଧିକ ଟଙ୍କା ଠକି ନେବାପରେ ଦିନକୁ ଦିନ ଅଧିକ ଟଙ୍କା ଦାବି କରିଥିଲେ ଠକ ମାନେ । ଏହି ବିଷୟରେ କାହାକୁ କହିଲେ ତୁମ ସହ ତୁମ ପରିବାର ଲୋକଙ୍କୁ ହତ୍ୟା କରିବୁ ବୋଲି ଧମକ ମଧ ଦେଇଥିବାରୁ ଶିକ୍ଷକ ଜଣଙ୍କ ଭୟରେ ନିଜପରିବାରରେ କାହାକୁ ଜଣାଇ ପାରିନଥିଲେ । ଦିନକୁ ଦିନ ତାଙ୍କୁ ଅଧିକରୁ ଅଧିକ ଟଙ୍କା ଦାବିକରି ଥିଲେ ସାଇବର ଲୁଟେରା, ଶେଷରେ ସେ ବାଧହୋଇ ନିଜ ସମ୍ପର୍କୀୟ ଓ ଭାଇଙ୍କ ଠାରୁ ପ୍ରାୟ ୮ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ଧାର କରିବା ସହ ବ୍ୟାଙ୍କରୁ ପ୍ରାୟ ୨୬ଲକ୍ଷ ଟଙ୍କା ଋଣ କରି ସମୁଦାୟ ୮୭ଲକ୍ଷ ଟଙ୍କା ଶିକ୍ଷକ ଜଣଙ୍କ ଏହି ସାଇବର ଠକ ମାନଙ୍କୁ ଦେବାକୁ ବାଧ ହୋଇଥିଲେ । କିଛିଦିନ ପରେ ସାଇବର ଲୁଟେରା ଫୋନ ଆସିବା ବନ୍ଦ ହେବାପରେ ସେ ଲୁଟର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ ।

# ସଦର ବିଜୁ ଜନତା ଦଳର ବିଶାଳ 'ଜନ ସମ୍ପର୍କ ପଦଯାତ୍ରା'




ବାଲେଶ୍ୱର, ୦୫/୧୧ (ନି.ପ୍ର): ଆଜି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ବିଶାଳ ଜନ ସମ୍ପର୍କ ପଦଯାତ୍ରା ଓ ସାଧାରଣ ସଭା ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ସ୍ଥାନୀୟ ମିସନ ପଡିଆରୁ ଏକ ବିରାଟ ପଟୁଆରରେ ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ଗାନ୍ଧ ସ୍ମୃତି ଭବନରେ ଶେଷ ହୋଇଥିବା ବେଳେ ଶତାଧିକ ବିଜୁ ଜନତା ଦଳର କର୍ମୀ ଓ ନେତା ସାମିଲ ହୋଇଥିଲେ ।ଏହା ପରେ ସ୍ଥାନୀୟ ଗାନ୍ଧ ସ୍ମୃତି ଭବନରେ ଏକ ବିଶାଳ ସାଧାରଣ ସଭା ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ରଂଜନ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଏଇ କିଛି ମାସ ମଧ୍ୟରେ ଜନତା ବୁଝି ସାରିଲେଣି ବିଜେପି ଦଳ କଣ,କିଭଳି ଏ ମିଛୁଆ ଦଳ ଲୋକଙ୍କୁ ଭୁଆଁ ବୁଲାଇ ଚାଲିଛି ।ଏହି ସଭାରେ ଦଳର ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର ଯୋଗଦେଇ ବିଜେପି ଦଳ କେବଳ ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣ କାର୍ଯ୍ୟକୁ ରଂଗ ବଦଳାଇ ବାହା ବାହା ନେବା ପାଇଁ ଚେଷ୍ଟା କରୁଛ କିନ୍ତୁ ତାଙ୍କର ଏହି ଚାଲକୁ ଜନତା ବୁଝି ସାରିଲେଣି ।ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସ ଯୋଗଦେଇ ବିଜେପି ସରକାର ପୂର୍ବ ସରକାରଙ୍କ ଜନ କଲ୍ୟାଣ ଯୋଜନାକୁ ନାମ ବଦାଳାଇ ନିଜ ଅକ୍ଷମତା ଜଣାଇଦେଇଛନ୍ତି, ଏଣୁ ଆଗାମୀ ଦିନରେ ତାହାର ଜବାବ ଜନତା ନିଶ୍ଚୟ ଦେବେ ।ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ମୁନିସିପାଲିଟିର ଉପାଧ୍ୟକ୍ଷ କୈଳାସ ସେଠୀ,ପୂର୍ବତନ ଉପ ନଗରପାଳ ମନୋଜ ରାଉତ, ଜିଲ୍ଲା ପରିଷଦ ସଭ୍ୟା ସୋନାଲି ବିଶ୍ୱାଳ,ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ଟାଉନ ସଭାପତି ସନତ ଦାସ, ରାଜ୍ୟ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଧିରେନ ନାୟକ, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସମ୍ପାଦକ ବିଭୁଦତ୍ତ ପରିଡା, ସଦର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସେକ ଅନସର, ଟାଉନ ଯୁବ ସଭାପତି ଉମାଶଂକର ତିଆଡି, କାଉସିଲର ତଥା ଟାଉନ ମହିଳା ସଭାପତି ମୀନା ମହାନ୍ତି, କାଉସିଲର ମିତା ପଟ୍ଟନାୟକ, କବିତା ମୁର୍ମୁ, ମିରାଜ ବାନୋ, ସଂଧାରାଣୀ ଜେନା, ସବିତା ରାଣୀ ଦାସ, ଶଶିରେଖା ମହାନ୍ତି, ସେକ ଆୟୁବ, କାର୍ତ୍ତିକ ସାହୁ, ପୂର୍ବତନ କାଉନସିଲର ସାକିର ଖାନ, ଧନଞ୍ଜୟ ଜେନା, ସଂଜୟ ବେହେରା, ବିଶ୍ୱଜିତ ମହାପାତ୍ର, ନଳିନୀକାନ୍ତ ଦାସ, ରିତିକ ଜୀ, ଅଶୋକ ଆଢ୍ୟ, ଜଗନ୍ନାଥ ମହାରଣା, ଅଶୋକ ଦାସ,ସୁନିଆ ମୃମୁ,ରାଜଲକ୍ଷ୍ମୀ ଚଟାର୍ଜୀ,ରଂଜିତା ପଣ୍ଡାଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ,ୱାର୍ଡ ସଭ୍ୟ ମାନେ ଉପସ୍ଥିତ ଥିଲେ ।ଏହି ଜନ ସମ୍ପର୍କ ପଦଯାତ୍ରା ମୁନିସିପାଲିଟିର ୩୧ଟି ୱାର୍ଡ ସମେତ ସଦର ବ୍ଲକର ୨୬ଟି ପଞ୍ଚାୟତର ନେତୃମଣ୍ଡଳୀ ସାମିଲ ହୋଇଥିବା ବେଳେ ସଭା ଶେଷରେ ଜିଲ୍ଲା ସମ୍ପାଦକ ମନୋଜ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଭକ୍ତି ବେଦାନ୍ତ ଶ୍ରୀଧର ସ୍ୱାମୀଙ୍କ ତିରୋଧାନ ଦିବସ ପାଳିତ

ଲଙ୍ଗଳେଶ୍ୱର , ୦୫/୧୧ (ନି.ପ୍ର): ବାଲିଆପାଳ ବଜାର ପାରୁଳିଆ ଛକ ନିକଟ ରାଧା ମଦନ ମୋହନ ମନ୍ଦିର କମିଟି ପକ୍ଷରୁ ମଙ୍ଗଳ ବାର ଇସ୍କନ ର ପ୍ରତିଷ୍ଠାତା ଭକ୍ତି ବେଦାନ୍ତ ଶ୍ରୀଧର ସ୍ୱାମୀଙ୍କ ତିରୋଧାନ ଦିବସ ପାଳିତ ହୋଇ ଯାଇଛି । ଏଥିପାଇଁ ମନ୍ଦିରରେ ସ୍ୱତନ୍ତ୍ର ପୂଜା ପାଠ, ଭଜନ, କୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ଅଧିକ ସଂଖ୍ୟା ରେ ଭକ୍ତଙ୍କ ସମାବେଶ ମଧ ହୋଇ ଥିଲା । ପ୍ରାତଃ ରେ ଭକ୍ତ ମାନଙ୍କ ଦ୍ୱାରା ନଗର କୀର୍ତ୍ତନ ବଜାର ପରିକ୍ରମା କରିଥିଲା । ପରିକ୍ରମା ପାରୁଳିଆ ଛକ, ବ୍ଲକ ଛକ, ରାଜା ରାଣୀ ଛକ, ସିମୁଳିଆ ମାର୍କେଟ ଆଦି ସ୍ଥାନ କୁ ଯାଇଥିଲା ।ଲାବଣ୍ୟ ଗୌର ଦାସ ବ୍ରହ୍ମଚାରୀ, ଡାକ୍ତର ହରେକୃଷ୍ଣ ଦାସ ବ୍ରହ୍ମଚାରୀ, ବ୍ରହ୍ମ ତୀର୍ଥ ପ୍ରଭୋ, ଭକ୍ତ ବତ୍ସଳ ପ୍ରଭୋ, ନିମାଇଁ ପ୍ରଭୋ, ଗୋପାଳ ପ୍ରଭୋ, ମନୋଜ ସି ପ୍ରଭୋ ପ୍ରମୁଖ ବଜାର ସଂକୀର୍ତ୍ତନ ରାଲିକୁ ପରିଚାଳନା କରିଥିଲେ।

## ଭାଲୁ ଆକ୍ରମଣରେ ଗୋରୁ ବେପାରୀ ଗୁରୁତର

ନୂଆପଡ଼ା, ୦୫/୧୧ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ବଣ ପାହାଡ ଘେରା ନଙ୍ଗଲବୋର୍ଡ ଗ୍ରାମପଂଚାୟତ ସ୍ଥିତ ଭୁଲିଆଭଟ୍ଟା ଗ୍ରାମର ମନିରାମ ଜଗତ (୪୮) ନାମକ ଗୋରୁ ବେପାରୀ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ଦିନ ସକାଳ ପ୍ରାୟ ୬ଟା ସମୟରେ ସୀମାନ୍ତ ଛତିଶଗଡ଼ର ଗୋହେରାପଦର ସାପ୍ତାହିକ ଗୋରୁ ବଜାରକୁ ୩ ଜଣ ମିଶି ଗୋରୁ ନେଇ ଯାଉଥିଲେ । ଏହି ସମୟରେ ଭୁଲିଆଭଟ୍ଟା ଗ୍ରାମ ଠାରୁ ଖନ୍ଦାପଡା ଗ୍ରାମ ଦେଇ ଯାଉଥିଲେ । ବାଟରେ ଅଟକି ୩ ଜଣ ଝାଡ଼ା ଫେରିବାକୁ ଯାଇଥିଲେ । ହେଲେ ହଠାତ ଜଙ୍ଗଲି ଭାଲୁ ମନିରାମଙ୍କୁ ଆକ୍ରମଣ କରିଥିଲା । ସାଙ୍ଗରେ ଥିବା ବ୍ୟକ୍ତି ମାନେ ଜୋର ରେ ଚିତ୍କାର କରିଥିବା ବେଳେ ଭାଲୁ ଚାଲି ଯାଇଥିଲା । ହେଲେ ଭାଲୁ ଆକ୍ରମଣରେ ମନିରାମଙ୍କ ମୁଣ୍ଡ, ଗୋଡ଼ ଓ ଜଙ୍ଘ ରେ ଗଭୀର ଆଘାତ ଲାଗିଛି । ସେଠାରୁ ଉଦ୍ଧାର କରି ପ୍ରଥମେ ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରେ ଖଡିଆଳ ଓ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବାରୁ ରାୟପୁର ସହରର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ପରିବାର ସୂତ୍ରରୁ ଜଣାପଡ଼ିଛି । ଉକ୍ତ ବ୍ୟକ୍ତି ଜଣକ ଗରୀବ ଶ୍ରେଣୀର ହୋଇଥିବା ବେଳେ ଆବଶ୍ୟକ ସରକାରୀ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ପରିବାର ଲୋକେ ଦାବୀ କରିଛନ୍ତି । ଭାଲୁ ଆକ୍ରମଣ ବ୍ୟକ୍ତିଙ୍କୁ ଆବଶ୍ୟକ ନିୟମ ମୁତାବକ କ୍ଷତିପୂରଣ ଦିଆଯିବ ବୋଲି ସିନାପାଲି ରେଞ୍ଜର ଜୟଦେବ ମାଝି ପ୍ରକାଶ କରିଛନ୍ତି ।

# ଦାବି ପୂରଣ ନହେଲେ ଜନ ଆନ୍ଦୋଳନର ଚେତାବନୀ



ବାଲିଆପାଳ , ୦୫/୧୧ (ନି.ପ୍ର): ଦୀର୍ଘ ବର୍ଷ ଧରି ଷୋଳଶା ପାଣ୍ଡରୁ ପାଣି ନିଷ୍କାସନ ପାଇଁ ଚାଷୀ ମାନେ ଦାବି କରିଆସୁଥିଲେ । ମାତ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଚାଷୀ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ମଙ୍ଗଳବାର ଦିନ ବିଭିନ୍ନ ପଞ୍ଚାୟତରୁ ଶତାଧିକ ସଂଖ୍ୟାରେ ଚାଷୀ ଏକତ୍ରିତ ହୋଇ କୋଷ୍ଟ କେନାଲରେ ନିର୍ମାଣଧୀନ ରାସ୍ତାର ମହାବଳା ଠାରୁ ମଧୁପୁରା ମଧ୍ୟରେ ସ୍ଲୁଇସ ଗେଟ୍ ନିର୍ମାଣ ଦାବି କରି ଚାଷୀ ମାନେ ଜେ ସିପି ସାହାଯ୍ୟ ରେ ତାଡ଼ି ଦେବା ସହିତ ନାଲି ପତାକା ମାରି ଜାଗା ଚିହ୍ନଟ କରିଛନ୍ତି । ଘଟଣା ସମ୍ପର୍କ ରେ ଖବର ପାଇ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ନନି ଗୋପାଳ ସେନ୍ ଏବଂ ବିଜେପି ନେତା ରବିନ୍ଦ୍ରନାଥ ଅଣ୍ଡିଆ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ସ୍ଲୁ ଇସ ଗେଟ୍ର ଏକ ଡି ପି ଆର ପ୍ରସ୍ତୁତ କରି ସରକାରଙ୍କୁ ଦିଆ ଯିବ ବୋଲି ଜେଇ ଶ୍ରୀ ସେନ୍ କହିଛନ୍ତି । ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ତୁରନ୍ତ ସେଠାରେ ସ୍ଲୁ ଇସ ଗେଟ୍ ନିର୍ମାଣ କରାଯିବ ବୋଲି ଶ୍ରୀ ଅଣ୍ଡିଆ ସୂଚନା ଦେଇଛନ୍ତି । ଦାବି ପୁରଣ ନହେଲେ ଆଗାମୀ ଦିନରେ ଅନନ୍ତ ବିଶ୍ୱାଳ, ନାରାୟଣ ଚକ୍ରବର୍ତ୍ତୀ, ସଞ୍ଜୟ ଦାସ, ଗୌରାଙ୍ଗ ବେହେରା, ରବିନ୍ଦ୍ର ପ୍ରମାଣିକ, ସୁବାଷ ବେହେରା ପ୍ରମୁଖ ଆନ୍ଦୋଳନକୁ ତୀବ୍ର କରିବେ ବୋଲି ଚେତାବନୀ ଦେଇଛନ୍ତି ।

# 'ଉର୍ମି' ସଂଗଠନର ଉଦ୍ୟମ ପ୍ରଶଂସନୀୟ




ଉଦଳା ତା.୦୫/୧୧(ନି.ପ୍ର)– ମୟୂରଭଂଜ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନର 'ଉର୍ମି' ଏକ ଶାଖା ଅଟେ । କେବଳ ମହିଳା ମାନଙ୍କୁ ନେଇ ଗଠିତ ଉକ୍ତ ଶାଖାର ନାମ 'ଉର୍ମି' ରଖାଯାଇଛି । ସମଗ୍ର ଜିଲ୍ଲାରେ ଲୋକ ସଂଗଠନ ତାର କାମ ଜାରି ରଖିଥିବା ବେଳେ, 'ଉର୍ମି' ହାତକୁ ନେଇଥିବା ଗଠନ ମୂଳକ କାର୍ଯ୍ୟକ୍ରମ ଗୁଡ଼ିକ ବର୍ତମାନ କେବଳ କପ୍ତିପଦା ଉପଖଣ୍ଡ ମଧ୍ୟରେ ସିମିତ ରହିଁଛି । ମୋନାଲି ମୁର୍ମୁ , ସସ୍ମିତା ମଢ଼େଇ, ଅବନ୍ତି ବେହେରା, ମଂଜୁଲତା ବାରିକ, ସାଉଁରି ମୁର୍ମୁ ଓ ମମତା ଟୁଡୁ ଏହି ସଂଗଠନର ସଦସ୍ୟା ଭାବରେ ଉପଖଣ୍ଡର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଅଛନ୍ତି । ମହିଳା ମାନଙ୍କ ପ୍ରତି ହେଉଥିବା ହିଂସାତ୍ମକ ଆକ୍ରମଣକୁ ରୋକିବା ସହିତ ବାଲ୍ୟ ବିବାହକୁ ବନ୍ଦ କରିବା ଏବଂ ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବା ଓ ଅଧାରୁ ପାଠପଢ଼ା ଛାଡୁଥିବା ପିଲାଙ୍କୁ ପୁଣିଥରେ ବିଦ୍ୟାଳୟକୁ ନେବା ପ୍ରଭୃତି କାର୍ଯ୍ୟରେ 'ଉର୍ମି' ସଂଗଠନ ତାର ଅଭିଯାନ ଚାଲୁରଖିଛି । ଏହିସବୁ କାମରେ ଆଖିଦୃଷ୍ଟିଆ କିଛି କରି ଦେଖାଇଦେବା ପରେ ଏବେ ବିଭିନ୍ନ ମହଲରେ 'ଉର୍ମି' ସଂଗଠନର ପ୍ରଶଂସା ଶୁଣିବାକୁ ମିଳୁଛି । ଆଗାମି ଦିନରେ ପୁଣି 'ଶିଶୁକୈନ୍ଦ୍ରିକ ଗ୍ରାମପଂଚାୟତ' ଗଠନ ପାଇଁ ସଂଗଠନ ତରଫରୁ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଛି । ଏଥିପାଇଁ ବାରମ୍ବାର ବୈଠକ ବସୁଥିବା ସହିତ ଏହାର ରୂପରେଖ କିପରି ରହିବ ସେଥିପାଇଁ ଜ୍ଞାନିଗୁଣି ଲୋକଙ୍କର ପରାମର୍ଶ ନିଆଯାଉଛି ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by : Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2024-25
B.Sc. Nursing (4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
MUST BE QUALIFIED IN CET ENTRANCE
BETNOTI SCHOOL OF NURSING
G.N.M. 3 Years Diploma Course Eligibility : +2 Arts/ Science/ Commerce
A.N.M. 2 Years Course (Mark 40% & 35% for SC/ST Students) Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
BETNOTI COLLEGE OF PHARMACY
(Approved by: Directorate of Medical Education & Training, Govt. of Odisha)
Affiliated to Odisha State Board of Pharmacy (BBSR)
Course Offer. D. Pharm (2 yrs. Diploma in Pharmacy) (Eligibility: +2 Science)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission: 8455087373, 9861373681

## AFFIDAVIT

An affidavit before the executive Magistrate, Simulia, Balasore, I, Upendra Jena alias, Upendra aged about 67 years S/o- Late Nagendra Jena resident of village- Jagadhalpur, P.O- Ranital, P.S - Bhadrak(R), Dist- Bhadrak declare that my name as per my Aadhar Card No - 816654785427 and savings A/C under UCO Bank, Ranital branch A/C No- 11640110050453 stands recorded as Upendra S/o Nagendra Jena. But 2 numbers of L.I.C policy No- 583529121 under L.I.C Divisional office Balasore where my name stands recorded as Upendra Jena S/0 Nagendra Jena. That both Upendra Jena & Upendra are one and same person for all purposes.

-Upendra

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ନିର୍ବାଚନ ପୂର୍ବରୁ ...

ରଶ୍ମୀ ଶୁକ୍ଲା ଡିଜିପି ଥିଲେ ହେଁ ଶାସକ ଦଳ ପ୍ରତି ଅହେତୁକ ଅନୁକମ୍ପା ଦେଖାଉଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଥିଲେ। ନିର୍ବାଚନ ସମୟରେ ଡିଜିପି ରଶ୍ମୀ ବିରୋଧୀଙ୍କ ପ୍ରଚାରରେ ବାଧକ ସାଜୁଥିବା ଅଭିଯୋଗ ହୋଇଥିଲା। ଏହାପରେ ନିର୍ବାଚନ କମିଶନ ରଶ୍ମୀଙ୍କୁ ମହାରାଷ୍ଟ୍ରର ଡିଜିପି ପଦରୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ହଟିବା ପରେ ଆଜି ବର୍ମାଙ୍କୁ ନୂଆ ଡିଜିପି ଭାବେ ନିଯୁକ୍ତି ମିଳିଛି। ସେ ଏହି ପଦରେ ୨୦୨୮ ଏପ୍ରିଲ ମାସ ଯାଏ କାର୍ଯ୍ୟ କରିବେ। ଅକ୍ଟୋବର ୩୧ରେ ମହାରାଷ୍ଟ୍ର କଂଗ୍ରେସ ସଭାପତି ନାନା ପଟୋଲ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଚିଠି ଲେଖି ଡିଜିପି ରଶ୍ମୀ ଶୁକ୍ଲାଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ। ରଶ୍ମୀ ଶୁକ୍ଲା ବିରୋଧୀ ନେତାଙ୍କ ଫୋନ୍ ଟ୍ୟାପ୍ କରିବାକୁ ନିର୍ଦ୍ଦେଶ ଦେଇଥିବା ସେ ଚିଠିରେ ଉଲ୍ଲେଖ କରିଥିଲେ। ଏଥିପାଇଁ ତାଙ୍କୁ ପଦରୁ ହଟାଯାଉ ବୋଲି ସେ ଦାବି କରିଥିଲେ।

## ନଇଁଲା ଇସ୍କନ...

ସଂସ୍କୃତି ଓ ପରମ୍ପରାକୁ ଭାଙ୍ଗିବା ପାଇଁ ଇସ୍କନ ଅପଚେଷ୍ଟା କରିଥିଲା। ଅଦିନରେ ରଥଯାତ୍ରା ନକରିବାକୁ ପୂର୍ବ ପ୍ରତିଶ୍ରୁତିରୁ ଓହରି ପୁଣି ଥରେ ଆମେରିକାର ହ୍ୟୁଷ୍ଟନରେ ନଭେମ୍ବର ୩ ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ୯ ତାରିଖରେ ରଥଯାତ୍ରାର ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲା ଇସ୍କନ। ଆଷାଢ଼ ଶୁକ୍ଳ ଦ୍ୱିତୀୟା ବଦଳରେ ନିଜକୁ ସୁହାଉଥିବା ଯେ କୌଣସି ସମୟରେ ଇସ୍କନର ଏଭଳି ସ୍ନାନଯାତ୍ରା ଓ ରଥଯାତ୍ରାର ଆୟୋଜନକୁ ନେଇ ସୃଷ୍ଟି ହୋଇଥିଲା ତୀବ୍ର ପ୍ରତିକ୍ରିୟା। ଇସ୍କନର ଏପରି କାର୍ଯ୍ୟକୁ ଜଗନ୍ନାଥ ପ୍ରେମୀ ନାପସନ୍ଦ କରିଛନ୍ତି। ଇସ୍କନ ର ଏପରି କାର୍ଯ୍ୟକୁ ନିନ୍ଦା କରିଥିଲେ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ଓ ଗଜପତ ମହାରାଜା ଦିବ୍ୟସିଂହ ଦେବ। ଏପରି ଅଦିନ ରଥ ଯାତ୍ରା ବନ୍ଦ କରିବାକୁ ଇସ୍କନକୁ ଚିଠି ଲେଖିଲେ ଗଜପତି। ଏହା ପରେ ଇସ୍କନ ତା' ୱେବସାଇଟ୍ରୁ ସ୍ନାନଯାତ୍ରା ତଥ୍ୟ ହଟାଇଥିଲା। କିନ୍ତୁ ଅଦିନ ରଥଯାତ୍ରା ତଥ୍ୟ ଥିଲା। ଆଜି ଗଜପତି ମହାରାଜା ଇସ୍କନ ଉପରେ ମନଇଚ୍ଛା ବର୍ଷିଥିଲେ। ସାମ୍ବାଦିକ ସମ୍ମିଳନୀ କରି ଗଜପତି କହିଥିଲେ, ରଥ ଯାତ୍ରା ଏକ ଖେଳ ଘର ନୁହେଁ। ଖୋଦ ଜଗନ୍ନାଥଙ୍କ ନିର୍ଦ୍ଦେଶ କ୍ରମେ ନିର୍ଦ୍ଦିଷ୍ଟ ତିଥିରେ ରଥ ଯାତ୍ରା ଆୟୋଜିତ ହେଉଛି। ମାତ୍ର ଇସ୍କନ ପକ୍ଷରୁ ପ୍ରାୟ ମାସେ ଦୁଇ ମାସ ବ୍ୟବଧାନରେ ବିଶ୍ୱର ବିଭିନ୍ନ ସ୍ଥାନରେ ରଥ ଯାତ୍ରା ଆୟୋଜିତ ହେଉଛି। ଇସ୍କନ ଏହାକୁ ଏକ ପ୍ରଚାର ଯାତ୍ରା ଭାବେ ପରିଚାଳନା କରୁଛି। କିନ୍ତୁ ଏହାକୁ ଆଉ ବରଦାସ୍ତ କରାଯିବନି। ଏଥର ଆମେ ଛାଡ଼ିବୁନି, ବହୁତ ହୋଇଗଲା। ରଥ ଯାତ୍ରା ପାଳନ ନେଇ ଇସ୍କନ କର୍ତ୍ତୃପକ୍ଷଙ୍କ ମନମାନୀ ବିରୋଧରେ ଆଜି ଏପରି ବର୍ଷିଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ।

## କିଏ ହେବେ ନୂଆ ...

କରିବାର କ୍ଷମତା ଅଛି। ତେଣୁ ତାରା ତାଙ୍କ ନାଁ ସୁପାରିଶ କରିଥିବାରୁ ତାଙ୍କୁ ଧନ୍ୟବାଦ ଦେବାକୁ ବି ପଛାଇ ନାହାନ୍ତି ଭକ୍ତ। ସେପଟେ ମାମଲାକୁ ନେଇ ଉଠୁଥିବା ବିବାଦ ଉପରେ ପ୍ରତିକ୍ରିୟା ରଖି କାହା ନାଁରେ କେଶ୍ ନାହିଁ ବୋଲି ପାଲଟା ପ୍ରଶ୍ନ କରିଛନ୍ତି ମୋକିମ୍। କହିଛନ୍ତି ଯିଏ ଲୋକଙ୍କ ସାଙ୍ଗରେ ଥାଏ, ତା ନାଁରେ କେଶ୍ ରହିବା ସ୍ୱାଭାବିକ। ଏଥିସହ ଯିଏ ପିସିସି ସଭାପତି ହେବ ତାଙ୍କୁ ସମସ୍ତେ ମାନିବେ ବୋଲି ବୈଠକରେ ରିଜୋଲ୍ୟୁସନ୍ ହୋଇଥିବା ନେଇ ସୂଚନା ଦେଇଛନ୍ତି ମୋକିମ୍। ରାଜନୈତିକ ସମୀକ୍ଷକଙ୍କ କହିବା କଥା ଯିଏ ବି ପିସିସି ସଭାପତି ହୁଅନ୍ତୁ କଂଗ୍ରେସ ପୁରୁଣା ରୋଗକୁ ଛାଡ଼ି ପାରିଲେ ହିଁ ଆଗକୁ ବଢ଼ିପାରିବ। ପିସିସି ଚୟନ କମିଟି ବୈଠକ ପୂର୍ବରୁ କମିଟି ମୁଖ୍ୟ ସ୍ପଷ୍ଟ କହିଥିଲେ ଯେ ଲବି କାମ କରିବିନି। ତେଣୁ ଦଳର ରାଜ୍ୟ ମୁଖିଆ ଭାବେ ଚୟନ କମିଟି କାହା ନାଁ ସୁପାରିଶ କରୁଛନ୍ତି ଏବଂ ସେ ନାଁକୁ ରାଜ୍ୟ ନେତାଏ କିଭଳି ଗ୍ରହଣ କରୁଛନ୍ତି ଏବେ ତା ଉପରେ ନଜର।

## ରାଜନୀତିରୁ ସନ୍ୟାସ ...

ଅନେକ ଥର ପ୍ରଶ୍ନ ଉଠାଇଛନ୍ତି । ତେବେ ଏନସିପି-ଏସସିପି ମୁଖ୍ୟ ଶରଦ ପାୱାର ତାଙ୍କ ଅବସର ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ବର୍ତ୍ତମାନ ନୂତନ ଲୋକ ନିର୍ବାଚିତ ହୋଇ ଆସିବା ଉଚିତ୍ । ୮୪ ବର୍ଷ ବୟସ ହୋଇଯାଇଥିଲେ ମଧ୍ୟ ଏବେ ବି ଶରଦ ପାୱାର ରାଜନୀତିରେ ବହୁତ ସକ୍ରିୟ ଅଛନ୍ତି । ଅବସର ସମ୍ପର୍କରେ ସୂଚନା ଦେଇ ଏନସିପି-ଏସପି ମୁଖ୍ୟ ଶରଦ ପାୱାର କହିଛନ୍ତି ଯେ 'କୌଣସି ସ୍ଥାନରେ ତ ଅଟକିବାକୁ ପଡ଼ିବ'। ସେ ଆହୁରି କହିଛନ୍ତି 'ମୁଁ ବର୍ତ୍ତମାନ କୌଣସି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁନାହିଁ । ବର୍ତ୍ତମାନ ନୂଆ ଲୋକଙ୍କୁ ଆଗକୁ ଆସିବାକୁ ପଡ଼ିବ' ବୋଲି ସେ କହିଛନ୍ତି । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ମହାରାଷ୍ଟ୍ର ରାଜନୀତିର ଭେଟେରାନ ନେତା ଶରଦ ପାୱାର ଆହୁରି କହିଛନ୍ତି, 'ମୁଁ ବର୍ତ୍ତମାନ ପର୍ଯ୍ୟନ୍ତ ୧୪ ଥର ନିର୍ବାଚନ ଲଢ଼ିଛି । ମୁଁ କହିବାକୁ ଚାହେଁ ଯେ ମୁଁ ଆଉ ସରକାରରେ ନାହିଁ । ମୋ ରାଜ୍ୟସଭା କାର୍ଯ୍ୟକାଳ ଆଉ ଦେଢ଼ ବର୍ଷ ବାକି ଅଛି । ଏହାପରେ ମୁଁ ରାଜ୍ୟସଭା ଯିବି କି ନାହିଁ ଏହା ଉପରେ ବିଚାର କରିବା ଜରୁରୀ । ମୁଁ ଏବେ ଆଉ ନିର୍ବାଚନ ଲଢ଼ିବି ନାହିଁ । ମୋତେ ଏବେ ଆଉ ଗଖଇ କିମ୍ବା ଗଚ ହେବାର ନାହିଁ । ମୁଁ ଲୋକଙ୍କ ସେବାକୁ କରିବାକୁ ଚାହେଁ' ବୋଲି ଶରଦ ପାୱାର କହିଛନ୍ତି । ଏହା ପୂର୍ବରୁ ଅଜିତ ପାୱାର ଏନସିପି ନେତା ଶରଦ ପାୱାରଙ୍କୁ ଟାର୍ଗେଟ କରି କହିଥିଲେ ଯେ ଏହି ବୟସରେ ସେ ଘରେ ରହିବା ଉଚିତ । ସେ କେବେ ଅବସର ନେବେ ତାହା ଜଣାନାହିଁ । ଏହା ପରେ ଶରଦ ପାୱାର ମଧ୍ୟ ପ୍ରତିକ୍ରିୟା ଦେଇ କହିଥିଲେ, ଅଜିତ ପାୱାର ବାରମ୍ବାର ମୋ ବୟସ ସମ୍ପର୍କରେ ବିବୃତ୍ତି ଦିଅନ୍ତି । ମୋର ରାଜ୍ୟସଭା କାର୍ଯ୍ୟକାଳରେ ସମୟ ବାକି ଅଛି । ସେ ପର୍ଯ୍ୟନ୍ତ ମୁଁ ସେବା କରିବି । ଏହା ପରେ ମୁଁ କୌଣସି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବି ନାହିଁ' ବୋଲି ଶରଦ ପାୱାର କହିଥିଲେ । ମହାରାଷ୍ଟ୍ରର ବାରାମତିରେ ଶରଦ ପାୱାରଙ୍କ ଏବେ ବି ଦବଦବା ରହିଛି । ଲୋକସଭା ନିର୍ବାଚନ ବେଳେ ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ ଏଠାରୁ ନିର୍ବାଚନ ଜିତିଥିଲେ । ଅଜିତ ପାୱାର ତାଙ୍କ ପତ୍ନୀଙ୍କୁ ଏହି ଆସନରୁ ପ୍ରାର୍ଥୀ କରିଥିଲେ ।

## ଆମେରିକାର ରାଷ୍ଟ୍ରପତି ନିର୍ବାଚନ...

ଯୋଜନା କରୁଥିବା କହିଛନ୍ତି । ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଗର୍ଭପାତ ଅଧିକାର ପ୍ରସଙ୍ଗ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବରେ ଉଭା ହେଉଛି ଯାହା ଭାରତୀୟ ଆମେରିକୀୟ ମହିଳାଙ୍କ ଭୋଟ ପସନ୍ଦ ଉପରେ ପ୍ରଭାବ ପକାଉଛି । ବର୍ତ୍ତମାନ ପର୍ଯ୍ୟନ୍ତ, ଆମେରିକା ରାଷ୍ଟ୍ରପତି ନିର୍ବାଚନ ସଂପର୍କରେ କରାଯାଇଥିବା ସର୍ଭେରେ ଉଭୟ ପ୍ରାର୍ଥୀ ପରସ୍ପରକୁ କଡା ପ୍ରତିଯୋଗିତା ଦେଉଥିବା ଜଣାପଡିଛି । ଗୋଟିଏ ପଟେ ଡେମୋକ୍ରାଟର କମଲା ହାରିସ ୱିସ୍କନ୍ସିନ, ମିଚିଗାନ ଏବଂ ପେନସିଲଭାନିଆ ଭଳି ରାଜ୍ୟରେ ଆଗୁଆ ଥିବା ବେଳେ ଅନ୍ୟ ପଟେ ରିପବ୍ଲିକାନ ଡୋନାଲ୍ଡ ଟ୍ରମ୍ପ ଜର୍ଜିଆ, ନେଭାଡା, ଆରିଜୋନା, ଉତ୍ତର କାରୋଲିନା ଏବଂ ନେବରାସ୍କାରେ ଆଗରେ ରହିଛନ୍ତି । ତେବେ ଦେଖିବାକୁ ରହିଲା ହ୍ୱାଇଟ ହାଉସରେ କିଏ ବସୁଛି ଏବଂ ସୁପର ପାୱାର କଂଟ୍ରିର କିଏ ବନୁଛି ସୁପର ବସ୍ । ସେପଟେ ଆମେରିକାରେ ନିର୍ବାଚନରେ ଭାରତରେ ଚାଲିଛି ପୂଜାର୍ଚ୍ଚନା । ତାମିଲନାଡୁ ଯେଉଁଠି ଡେମୋକ୍ରାଟିକ ପାର୍ଟିର ପ୍ରାର୍ଥୀ କମଲା ହ୍ୟାରିସଙ୍କ ଅଜାଙ୍କ ଘର ରହିଛି ସେଠାରେ ଚାଲିଛି ସ୍ୱତନ୍ତ୍ର ପୂଜାପାଠ । କମଲା ହ୍ୟାରିସଙ୍କ ମା ଶ୍ୟାମଲା ଗୋପାଳନ ତାମିଲନାଡୁ ବାସିନ୍ଦା । ୧୯ବର୍ଷ ବୟସରେ ଆମେରିକା ଚାଲିଯାଇଥିଲେ । ପାଠପଢିବା ପରେ ସେଠାରେ ବିବାହ କରି ଆମେରିକା ନାଗରିକତା ଗ୍ରହଣ କରିବା ସହ ସ୍ଥାୟୀ ବାସିନ୍ଦା ହୋଇଥିଲେ । ତେବେ ମାଙ୍କ ସହ ଦୀର୍ଘବର୍ଷ ପୂର୍ବରୁ କମଲା ତାମିଲନାଡୁ ଆସିବା ସହ ପିଲାଦିନ ସ୍ମୃତି ଅନେକ ସଭାରେ ପ୍ରକାଶ କରିଥାନ୍ତି । ୨୦୦୯ ମସିହାରେ ମା ଶ୍ୟାମଲାଙ୍କ ମୃତ୍ୟୁ ପରେ ତାଙ୍କ ଅସ୍ଥି ବିସର୍ଜନ ପାଇଁ ଶେଷଥର ପାଇଁ ଚେନ୍ନାଇ ଆସିଥିଲେ କମଲା ହ୍ୟାରିସ । ଏପରିକି ନିଜ ଲିଖିତ ପୁସ୍ତକ ଦ ଟ୍ରୁଥ ୱି ହୋଲ୍ଡରେ ଭାରତୀୟ ସଂସ୍କୃତି, ପରମ୍ପରା ବାବଦରେ ଲେଖିବା ସହ ଭଲପାଇବା ପ୍ରକାଶ କରିଛନ୍ତି କମଲା ହ୍ୟାରିସ।

## ହିତାଧିକାରୀଙ୍କୁ ମିଳିବ ...

ପରିବାର ଏପର୍ଯ୍ୟନ୍ତ ଚାଉଳ ପାଇନାହାନ୍ତି । ଏହି ପରିବାରଗୁଡ଼ିକୁ ତୁରନ୍ତ ଚାଉଳ ବଂଟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ଏହବ୍ୟତୀତ ସମୀକ୍ଷାବେଳେ ଜଣାପଡ଼ିଥିଲା ଯେ, ରାଜ୍ୟ ସରକାର ଇ-ଶ୍ରମିକ ଭାବେ ପଞ୍ଜିକରଣ କରିଥିବା ସବୁ ଶ୍ରମିକମାନଙ୍କୁ ସାଧାରଣ ବଂଟନ ବ୍ୟବସ୍ଥାରେ ସାମିଲ କରିବାକୁ ପଦକ୍ଷେପ ନେଉଛନ୍ତି । ଇ-ଶ୍ରମିକରେ ପଞ୍ଜିକୃତ ହୋଇଥିବା ୧କୋଟି ୩୦ଲକ୍ଷ ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ସାମିଲ ହୋଇଥିବାବେଳେ ଆଉ ୧ଲକ୍ଷ ୩୧ହଜାର ଶ୍ରମିକ ବାକି ରହିଛନ୍ତି । ଏହି ବାଦ୍ ପଡ଼ିଥିବା ଶ୍ରମିକମାନଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ତୁରନ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ଅନ୍ୟ ରାଜ୍ୟରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କର ଇ-କେୱାଇସି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଧର୍ମଛଡ଼ା ଧରମ...

ମନ୍ଦିର ଛକରେ ସେମାନେ ଜଳଖିଆ ଖାଇଥିଲେ। ହେଲେ ୯ ବର୍ଷର ଝିଅଟି ଜାଣି ନଥିଲା ତା' ଧରମ ମାମୁ ମନରେ କ'ଣ ଚାଲିଛି। ଜଳଖିଆ ଖାଇବା ପରେ ରବି ସିଂ ତା' ନାବାଳିକା ଧରମ ଭାଣିଜୀକୁ ଏକ ପରିତ୍ୟକ୍ତ ଘରକୁ ନେଇ ଦୁଷ୍କର୍ମ କରିଥିଲା। ଦୁଷ୍କର୍ମ ଯୋଗୁ ନାବାଳିକାଟିର ପ୍ରବଳ ରକ୍ତସ୍ରାବ ହୋଇଥିଲା। ତେଣୁ ସେ ଚିତ୍କାର କରିଥିଲା। ଏହା ଦେଖି ଧରମ ମାମୁ ରବି ସିଂ ଏକ ସ୍ଲାବରେ ତା' ମୁଣ୍ଡକୁ ଛେଚି ହତ୍ୟା କରିଥିଲା। ଘଟଣାସ୍ଥଳରେ ଝିଅଟିର ମୃତ୍ୟୁ ଘଟିଥିଲା ଓ ରବି ସିଂ ସେଠାରୁ ଫେରାର ହୋଇଯାଇଥିଲା। ଦୁଇ ଦିନ ପରେ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ ଯେ ରବି ସିଂ ସେମାନଙ୍କ ଝିଅକୁ ମାରି ଫୋପାଡ଼ି ଦେଇଛି। ତା'ପରେ ପୁଲିସ ଘଟଣାର ତଦନ୍ତ କରି ରବି ସିଂକୁ ଗିରଫ କରିଥିଲା। ୨୩ ଜଣ ସାକ୍ଷୀଙ୍କ ବୟାନ ଓ ୪୦ଟି ଦସ୍ତାବିଜକୁ ଆଧାର କରି କୋର୍ଟ ରବି ସିଂକୁ ଦୋଷୀ ସାବ୍ୟସ୍ତ କରିବା ସହିତ ଦଣ୍ଡାଦେଶ ଶୁଣାଇଛନ୍ତି ବୋଲି କହିଛନ୍ତି ସରକାରୀ ଓକିଲ ରବି ସିଂ।

## ଚଳନ୍ତା ଟ୍ରେନ୍ ଉପରକୁ ଫାୟାରିଂ:...

ଏହାପରେ ତୁରନ୍ତ ଏଜଚ ପୁଲିସ୍ ଓ ସ୍ଥାନୀୟ ପୁଲିସ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଟ୍ରେନ୍ ଲାଇନ୍ରୁ କୌଣସି ଗୁଳି ମିଳି ନାହିଁ । ସେଠାରେ ନୂଆ ଟ୍ରେନ ଲାଇନ କାମ ହେଉଛି । ବଡ଼ ବଡ଼ ବୋଲଡର ଛିଟିକି ପଡିଛି କିମ୍ବା ସତରେ ଫାୟାରିଂ ହୋଇଛି ତାହାର ତଦନ୍ତ ଜାରି ରହିଛି। ସମ୍ପୃକ୍ତ ଟ୍ରେନ କିମ୍ବା ଗାର୍ଡଙ୍କର କୌଣସି କ୍ଷତି ହୋଇ ନ ଥିବା ଷ୍ଟେସନ ମ୍ୟାନେଜର କହିଛନ୍ତି ।

ବୁଧବାର, ୦୬ ନଭେମ୍ବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଯାତ୍ରାଦେଖିବା ହେଲା କାଳ: ଅଧରାତିରେ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ନୀଳଗିରି , ୦୫/୧୧ (ନି.ପ୍ର): ଉତ୍ତର ଓଡ଼ିଶାର ପ୍ରସିଦ୍ଧ କାଳୀପୂଜା ମେଳା ପାଇଁ ଚଳଚଂଚଳ ହୋଇପଡ଼ିଛି ପୋଡାଶୁଳ। ମେଳାବୁଲା ସହିତ ରାତିରେ ଯାତ୍ରା ଦେଖିବାର ମଜା ନେଉଛନ୍ତି ଦର୍ଶକ। ଏହାର ସୁଯୋଗ ନେଇ ରାତିରେ ଯାତ୍ରା ଦେଖିବାକୁ ଯାଇଥିବା ସମୟରେ ଘରେ ପଶି କଳାକନା ବୁଲାଇଛନ୍ତି ଦୁର୍ବୃର୍ତ। ନୀଳଗିରି ବ୍ଲକ୍ ଜଡ଼ିଦା ପଞ୍ଚାୟତ ପୋଡ଼ାଶୁଳ ଗାଁରେ ଘଟିଛି ଏପରି ଅଘଟଣ। ସୂଚନା ଅନୁଯାୟୀ ପୋଡାଶୂଳ ଗ୍ରାମର ସଂଜୀବ କୁମାର ବେହେରା ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏସଡିଜେଏମ କୋର୍ଟରେ ନାଜର ଭାବେ କାର୍ଯ୍ୟ କରୁଥିବା ବେଳେ ସେ ସେଇଠାରେ ହିଁ ରୁହନ୍ତି। ଘରେ ସ୍ତ୍ରୀ ସୁଦିପ୍ତା ଏବଂ ପୁଅ ରୁହନ୍ତି। ବର୍ତ୍ତମାନ ପୋଡ଼ାଶୁଳରେ କାଳୀପୂଜା ପାଇଁ ମେଳା ଚାଲୁଥିବା ବେଳେ ରାତ୍ରିରେ ଯାତ୍ରା ଦେଖିବାକୁ ସୁଦିପ୍ତା ସମ୍ପର୍କୀୟଙ୍କ ସହିତ ଘରେ ଚାବି ଦେଇ ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରାଅଧାରୁ ଘରକୁ ଫେରିଆସିବା ବେଳକୁ ଘରର ମୁଖ୍ୟଫାଟକରେ ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ସୁଦିପ୍ତା ଘରେ ପଶି ଗଡ଼ରେଜ ଚାବି ଭାଙ୍ଗିଯାଇଥିବା ଦେଖିବାକୁ ପାଇଥିଲେ। ଗଡରେଜ୍ ରେ ଥିବାନଗଦ ୪୦ହଜାର ଟଙ୍କା ସହିତ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗହଣା ଚୋରୀ ହୋଇଥିବା ଜାଣିବାକୁ ପାଇଥିଲେ। ତେବେ ଘରେ କେହି ନଥିବାର ସୁଯୋଗନେଇ ଦୁର୍ବୃର୍ତ୍ତ ଚୋରୀ କରିଥିବା ଅନୁମାନ କରାଯାଇଛି । ତେବେ ପୋଡ଼ାଶୁଳରେ ମେଳା ଚାଲୁଥିବା ବେଳେ ଅଧିକାଂଶ ଘରର ଲୋକେ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃର୍ତ୍ତ ଲୁଟ୍ କରୁଥିବା କହିଛନ୍ତି ଅଞ୍ଚଳବାସି। ନୀଳଗିରି ଥାନାରେ ଲିଖିତ ଅଭିଯୋଗ ପରେ ନୀଳଗିରି ପୋଲିସ ସନ୍ଧାନୀ କୁକୁର ସହିତ ସାଇଣ୍ଟିଫିକ ଟିମ୍ ସହିତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏନେଇ ନୀଳଗିରି ଥାନାରେ ୩୪୮/୨୪ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣ ସୂଚନା ଦେଇଛନ୍ତି।

## ଚାଉଳ ବଣ୍ଟନ ହେରଫେର ଘଟଣାରେ ବିଡିଓଙ୍କୁ ଅଟକ ରଖିଲେ ଗ୍ରାମବାସୀ



ବେତନଟୀ, ୦୫/୧୧ (ନି.ପ୍ର): ବେତନଟୀ ବ୍ଲକ ନଡପୁର ପଞ୍ଚାୟତ ଠାରେ ସରକାରଙ୍କ ଦ୍ୱାରା ଚାଉଳ ବଣ୍ଟନରେ ଦେଖିବାକୁ ମିଳିଛି ଘୋର ହେରଫେରି ।ଖାଉଟି ମାନଙ୍କୁ ଦିଆଯାଉଥିବା ଚାଉଳ ଓଜୋନ ରେ କମ ମିଳୁଛିବୋଲି ଗ୍ରାମବାସୀ ଏକଯୁଟ ହୋଇ ଚାଉଳ ବଣ୍ଟନ କେନ୍ଦ୍ରକୁ ଦୁଇ ଦିନ ପୁର୍ବରୁ ସିଲ କରି ଦିଆଯାଇଥିଲା। ତେଣୁ ବେତନଟୀ ବ୍ଲକ ବିଡିଓ ଉକ୍ତ ବିବାଦ ର ସମାଧାନ ସହିତ ଲୋକଙ୍କ ଅଭିଯୋଗ ଶୁଣିବାକୁ ଯାଇଥିଲେ। କିନ୍ତୁ ନଡପୁର ଗ୍ରାମର ଗ୍ରାମବାସୀ ମାନେ ବେତନଟୀ ବିଡିଓ ଏବଂ ଯୋଗାଣ ଅଧିକାରୀଙ୍କୁ ନଡପୁର ପଞ୍ଚାୟତ କାର୍ଯ୍ୟାଳୟରେ ଘେରାଉ କରିଥିଲେ ।ତେଣୁ ଉକ୍ତ ସ୍ଥାନରେ ଉତ୍ତେଜନା ଲାଗିରହିଥିଲା। ମଙ୍ଗଳବାର ଅପରାହ୍ନରେ ବେତନଟୀ ଓ ବୈଶିଙ୍ଗା ଥାନାର ଅଧିକାରୀ ଦ୍ୱୟ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଛନ୍ତି। ସୁଚନା ମୁତାବକ ଗତ ଶିନିବାର ଚାଉଳ ବଣ୍ଟନ କରିବାରେ ଓଜୋନ ରେ କମ ବେଶୀ ଘଟଣାରେ ଉତ୍ତେଜନା ଦେଖା ଦେଇଥିଲା। ତେଣୁ ବେତନଟୀ ବ୍ଲକ ତରଫରୁ ଚାଉଳ ବଣ୍ଟନ କେନ୍ଦ୍ରକୁ ସିଲ କରାଯାଇଥିଲା। ଏହି ବିବାଦ କୁ ସମାଧାନ କରିବା ପାଇଁ ବେତନଟୀ ବ୍ଲକ ବିଡିଓ ଗୋପୀନାଥ ଖାଖା ଯୋଗାଣ ଅଧିକାରୀ ଅଶୋକ ବେହେରା ପ୍ରମୁଖ ନଡପୁର ପଞ୍ଚାୟତ ଅଫିସ କୁ ମଙ୍ଗଳବାର ଯାଇଥିଲେ। ସେଠାରେ ଉତ୍ୟକ୍ତ ଲୋକ ଉଭୟ ବେତନଟୀ ବ୍ଲକ ବିଡିଓ ଏବଂ ଯୋଗାଣ ଅଧିକାରୀଙ୍କୁ ଅଟକ ରଖି ଯୋଗାଣ ସହାୟକ ଙ୍କ ବହିଷ୍କାର ଦାବିକରିଥିଲେ। ଆହୁରି ମଧ୍ୟ କହିଥିଲେ ମୟୁରଭଞ୍ଜ ଜିଲ୍ଲାପାଳ ନ ଆସିବା ପର୍ଯ୍ୟନ୍ତ ବିଡିଓ ଏବଂ ଯୋଗାଣ ଅଧିକାରୀଙ୍କୁ ଛାଡିବେ ନାହିଁ ବୋଲି ଜିଦରେ ଅଡିବସିଛନ୍ତି। ସ୍ଥିତି ଅଣାୟତ ହେବାରୁ ବୈଶିଙ୍ଗା ଥାନା ଅଧିକାରୀ ତପନ କୁମାର ପ୍ରଧାନ ଏବଂ ବେତନଟୀ ଥାନା ଅଧିକାରିଣୀ ସସ୍ମିତା ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ କିନ୍ତୁ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ବାହାରି ପାରି ନ ଥିଲା ।ମଙ୍ଗଳବାର ସନ୍ଧ୍ୟା ସାତଟା ପଯ୍ୟନ୍ତ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବିକରି ଅଧିକାରୀ ମାନଙ୍କୁ ଉତ୍ୟକ୍ତ ଜନସାଧାରଣ ଘେରାଉ କରି ରଖିଛନ୍ତି। ଘଟଣାସ୍ଥଳରେ ତିବ୍ର ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ଉପସ୍ଥିତ ରହି ଘଟଣାକୁ ନିୟନ୍ତଣ କରିବାକୁ ଜାରିରଖିଛି।

## ମଣ୍ଡି ଜଗିବେ ବିଜେପି କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତା

ଭୁବନେଶ୍ୱର, ୦୫/୧୧ (ନି.ପ୍ର): ବିଜେପି କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତା ମାନେ ମଣ୍ଡି ଜଗିବେ । ଚାଷୀ ମାନେ କଟନୀ ଛଟନି ଶିକାର ହେବେନି । ମିଲରଙ୍କ ଶୋଷଣର ଶିକାର ହେବେନାହିଁ ଚାଷୀ ଏଥିପାଇଁ ଏକ ପ୍ରସ୍ତୁତି ବୈଠକ କରିଛି ବିଜେପି କୃଷକ ମୋର୍ଚ୍ଚା। ମତ୍ସ୍ୟ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବୈଠକରେ ଯୋଗ ଦେଇ କୃଷକ ମୋର୍ଚ୍ଚା କର୍ମୀଙ୍କୁ ଆହ୍ୱାନ କରିଛନ୍ତି। ଚାଷୀ ଓ ସରକାରଙ୍କ ମଧ୍ୟରେ ସେତୁ ଭଳି କାମ କରିବ କୃଷକ ମୋର୍ଚ୍ଚା । ଏହାସହ ମୋର୍ଚ୍ଚାର କର୍ମୀ ମନେ ବିଭିନ୍ନ ମଣ୍ଡି ବୁଲି ଧାନ କିଣା ଉପରେ ନଜର ରଖିବେ। ପ୍ରଥମ ଥର କରି ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେଉଥିବାରୁ ସରକାରଙ୍କୁ ଧନ୍ୟବାଦ ଜଣାଇଛି କୃଷକ ମୋର୍ଚ୍ଚା।

## ପଣ୍ଡିତ ଗୋବିନ୍ଦ ରଥ ଓଡିଆ ସ୍ୱାଭିମାନର ଜ୍ୱଳନ୍ତ ଉଦାହରଣ

### ୧୭୦ତମ ଜନ୍ମଜୟନ୍ତୀ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନଙ୍କର ମନ୍ତବ୍ୟ

କଟକ , ୦୫/୧୧ (ନି.ପ୍ର): ଆଜି ସନ୍ଧ୍ୟାରେ ଖାନନଗରସ୍ଥ କଟକ ଲେଖକ ସହଯୋଗ ସମିତି ଲିରେ ସଭାଗୃହ' କାଳି ଭବନ ' ଠାରେ ବିପ୍ଳବୀ ପଣ୍ଡିତଗୋବିନ୍ଦ ରଥଙ୍କର ୧୭୬ତମ ଜନ୍ମଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ସଭାରେ ସଭାପତିତ୍ୱ କରି ବରିଷ୍ଠ ସାହିତ୍ୟିକ ଡଃ. ବାବାଜୀ ଚରଣ ପଟ୍ଟନାୟକ କହିଲେ ଯେ ପଣ୍ଡିତ ରଥ ବିଭିନ୍ନ ଦୁର୍ଲଭ ପୋଥି ଉଦ୍ଧାର କରି ପ୍ରକାଶିତ କରାଇଥିଲେ ।ସେହି ପୁସ୍ତକ ମଧ୍ୟରେ ବଳରାମ ଦାଶଙ୍କର ଦାଣ୍ଡି ରାମାୟଣ ଅନ୍ୟତମ ଏବଂ ଏହି ପୁସ୍ତକ ପାଇଁ ହିଁ ଆମେ ରସଗୋଲାର ଉତ୍ପତି ଓଡିଶାରେବୋଲି ପ୍ରମାଣ କରିପାରିଛେ । ଏହି ସଭାକୁ ବିଶିଷ୍ଟ ଆୟୁର୍ବେଦ ଗବେଷକ ତଥା ଡି.ଲିଟପ୍ରାପ୍ତ ଡାକ୍ତର ଦୀନବନ୍ଧୁ ମହାରଣା ଉଦ୍‌ଘାଟନ କରିଥିବାବେଳେ ବାଙ୍କୀ ବିକାଶ ମଞ୍ଚର ସଭାପତି ତଥା ସମାଜସେବୀ ଶୁଭ୍ରାଂଶୁ ମୋହନ ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା



ସାହିତ୍ୟ ଛଡ଼ା ବାଙ୍କୀର ଜନସାଧାରଣଙ୍କ ଜମିକୁ ହଡପ ପାଇଁ ସେହି ସମୟର ତହସିଲଦାର ଇଂରେଜ ସରକାରଙ୍କ ସହାୟତାରେ କରିଥିବା ଚକ୍ରାନ୍ତକୁ ପଣ୍ଡ କରିଦେଇଥିଲେ। ସେଥିପାଇଁ ସେ ଜେଲଦଣ୍ଡ ମଧ୍ୟ ଭୋଗ କରିଥିଲେ, କିନ୍ତୁ ତାଙ୍କର ଦୃଢନିଷ୍ଠା ପାଇଁ ସେ ଅଦାଲତରେ ବିଜୟୀ ହେବା ସହ ସେ ତହସିଲ୍‌ଦାର ଆତ୍ମହତ୍ୟା କରିବାକୁ ବାଧ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସୌମେନ୍ଦ୍ରଜେନା ଯୋଗଦେଇ କହିଲେ ଯେ, ଗୋବିନ୍ଦ ରଥଙ୍କର ଜନ୍ମଦିବସକୁ ଓଡ଼ିଆସ୍ୱାଭିମାନ ଦିବସ ଭାବେ ପାଳନ କରାଯିବାକୁ ଦାବି କରିଥିଲେ। ସମ୍ମାନିତ ଅତିଥି ଗାନ୍ଧିକ ରଘୁନାଥ ମହାପାତ୍ର ଯୋଗଦେଇ ଓଡ଼ିଆ ଭାଷାବିଲୋପ ପାଇଁ ପଡୋଶୀ ଭାଷାଭାଷି ଲୋକଙ୍କ ଜବାବର ନିଜେ କଲିକତା ଯାଇ ଓଡ଼ିଆ ଭାଷାରେ ପ୍ରଥମ ଅକ୍ଷର ଶିକ୍ଷା ପୁସ୍ତକ' ବର୍ଣ୍ଣବୋଧକ' ରଚନା ଓ ପ୍ରକାଶ କରି ସେହି ସମୟରେ ୪୦ ହଜାରରୁ ଅଧିକ ବହି ବିକ୍ରିକରି ଓଡ଼ିଆ ସ୍ୱାଭିମାନର ଏକ ବିରଳ ଉଦାହରଣ ସୃଷ୍ଟି କରିପାରିଥିଲେ ।ଏହି ସଭାରେ ସମ୍ପାଦକ ଅଜିତ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସଙ୍ଗଠନ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଗୌରୀଶଙ୍କର ସ୍ମୃତିସଂସଦର ସମ୍ପାଦକ ଇନ୍ଦ୍ରଜିତ ଘୋଷ, ମନୋରଞ୍ଜନ ମହାପାତ୍ର, ଆଡଭୋକେଟ ସୁରଜିତ ନାଥ , ଅଶୋକ କୁମାର ଦାସ, ରଞ୍ଜନ କୁମାର ସାହୁ, ମୈତ୍ରୀଭୂଷଣ ଖୁଣ୍ଟିଆ,ରନୁପ କୁମାର ବେହେରା,ଅଶ୍ୱିନୀ କୁମାର ସେଠୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସର୍ବଶେଷରେ ବିଶ୍ୱମିତ୍ର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ରାଜ୍ୟପାଳଙ୍କୁ ଭେଟିଲେ ଡିଜିପି

ଭୁବନେଶ୍ୱର, ୦୫/୧୧ (ନି.ପ୍ର): ରାଜ୍ୟପାଳଙ୍କୁ ସାକ୍ଷାତ କଲେ ଡିଜିପି । ଏନେଇ ରାଜ୍ୟପାଳ ରଘୁବର ଦାସ ଏକ୍ସ ହ୍ୟାଣ୍ଡେଲରେ ସୂଚନା ଦେଇଛନ୍ତି । ରାଜ୍ୟପାଳ କହିଛନ୍ତି ଯେ, ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ୱାଇବି ଖୁରାନିଆ ଆଜି ରାଜଭବନରେ ଔପଚାରିକ ସାକ୍ଷାତ କରିଛନ୍ତି ।

## ଖୋର୍ଦ୍ଧା ଜିଲ୍ଲା ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଆରମ୍ଭ

ଖୋର୍ଦ୍ଧା, ୦୫/୧୧ (ନି.ପ୍ର): କ୍ରିକେଟ୍ ଆସୋସିଏସନ୍ ଅଫ ଖୋର୍ଦ୍ଧା ଜିଲ୍ଲା ଆନୁକୁଲ୍ୟରେ ସିନିୟର୍ ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଖୋର୍ଦ୍ଧା ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମରେ ଆରମ୍ଭ ହୋଇଛି। ଆଜିର ପ୍ରଥମ ଖେଳ ରେ ରାଇଜିଂଷ୍ଟାର କ୍ଲବ୍ ଖୋର୍ଦ୍ଧା କ୍ରିକେଟ୍ କ୍ଲବକୁ ୬୬ ରନ ରେ ପରାସ୍ତ କରିଛି। ରାଇଜିଂଷ୍ଟାର କ୍ଲବ୍ ପ୍ରଥମେ ବ୍ୟାଟିଙ୍ଗ କରି ୩୨.୨ ଓଭର ରେ ୧୦ ଟି ୱିକେଟ ହରାଇ ୧୬୯ ରନ୍ କରିଥିଲେ ।ଦଳ ପକ୍ଷରୁ ମହାଦୀପ ମହାପ୍ରସାଦ ରଥ ସର୍ବାଧିକ ୪୦ ରନ୍ କରିଥିବା ବେଳେ ଦୁର୍ଯ୍ୟୋନ ପଟ୍ଟନାୟକ ଓ ତୀର୍ଥଙ୍କର ସାହୁ ଉଭୟ ୨୭ ରନ୍ କରିଥିଲେ। ଖୋର୍ଦ୍ଧା କ୍ଲବ ପକ୍ଷରୁ ତାରିଣୀ ନାୟକ,ରୂପକ ଜେନା ଏବଂ ସୁମିତ ମହାରଣା ପ୍ରତ୍ୟେକ ୨ ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ୨୭.୩ ଓଭର ରେ ସମସ୍ତ ୧୦ ଟି ୱିକେଟ ହରାଇ ୧୦୩ ରନ୍ କରିଥିଲେ। ଆଶୁତୋଷ ସିଂ ସର୍ବାଧିକ ୩୧ ରନ୍ କରିଥିଲେ। ରାଇଜିଂ କ୍ଲବ୍ ତରଫରୁ ସରୋଜ ପାତ୍ର ୩ ଟି ୱିକେଟ ନେଇଥିଲେ। ଆଜି ଉଦ୍ଘାଟନୀ ମ୍ୟାଚରେ କ୍ରିକେଟ୍ ଆସୋସିଏସନ୍ ଅଫ ଖୋର୍ଦ୍ଧା ଜିଲ୍ଲା ର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ,ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର କୋଷାଧକ୍ଷ ବିକାଶ ପ୍ରଧାନ,ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, କ୍ରିକେଟ୍ ପୃଷ୍ଠପୋଷକ ଅବ୍ୟକ୍ତ ହରିହର ଖାଡଙ୍ଗା। ଉପସ୍ଥିତ ରହି ୧୦ ଦିନ ବ୍ୟାପି ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଶୁଭ ଉଦ୍ଘାଟନ କରିଥିଲେ ।ଏହି ଖେଳରୁ ଆଗାମୀ କଳାହାଣ୍ଡି କପ୍ ପାଇଁ ଖୋର୍ଦ୍ଧା ଜିଲ୍ଲା ଦଳ ଚୟନ ହେବ ବୋଲି ବିକାଶ ପ୍ରଧାନ ଜଣାଇଛନ୍ତି।

## ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ



ବସ୍ତା, ୦୫/୧୧ (ନି.ପ୍ର): ବସ୍ତା ଥାନା ରସଲପୁର ପଞ୍ଚାୟତ ପାରିଭିଲା ଗ୍ରାମର ଦେବାନନ୍ଦ ବେହେରାଙ୍କ (୬୬) ହୃଦଘାତରେ ପରଲୋକଘଟିଛି । ଗତକାଲି ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ, ସେ ଜଣେ ଧର୍ମ ପରାୟଣ ଏବଂ ପରୋପକାରୀ ବ୍ୟକ୍ତି ହୋଇଥିବାରୁ ଆଖପାଖ ଗ୍ରାମରୁ ବହୁ ଲୋକ ତାଙ୍କ ଶେଷ ଦର୍ଶନ କରିବା ପାଇଁ ଆସିଥିଲେ, ରସଲପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶେଷ ଦର୍ଶନ କରିଥିଲେ, ବଡ଼ପୁଅ ଅଜୟ ବେହେରା ମୁଖାଗ୍ନି ଦେଇଥିବା ବେଳେ ପୁଅବହୁ, ଝିଅ ଜ୍ୱାଇଁ, ନାତି ନାତୁଣୀ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ସ୍ୱର୍ଗତ ବେହେରା କନକ ନ୍ୟୁଜ ସାମ୍ବାଦିକ ରଞ୍ଜନ କୁମାର ବେହେରାଙ୍କ ଶଶୁର ଅଟନ୍ତି ।

## ଛଟ୍ ପୂଜାର ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ

ଭୁବନେଶ୍ୱର, ୦୫/୧୧ (ନି.ପ୍ର): ଛଟ୍ ପୂଜାର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ରଘୁବର ଦାସ । ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ସ୍ୱଚ୍ଛତା, ଶୁଦ୍ଧତା ଓ କଠିନ ତପର ମହାପର୍ବ ଛଟ୍ ପୂଜାର ପ୍ରଥମ ଅନୁଷ୍ଠାନ ନହାୟ ଖାୟର ସମସ୍ତଙ୍କ ଭକ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା । ଛଟି ମାଆ ଓ ଭଗବାନ ସୂର୍ଯ୍ୟ ସମସ୍ତଙ୍କୁ ସୁଖ, ସମୃଦ୍ଧି ଓ ସୌଭାଗ୍ୟ ପ୍ରଦାନ କରନ୍ତୁ ।

## ପାରାଦ୍ୱୀପ ବନ୍ଦର ସାଂସ୍କୃତିକ ମହୋତ୍ସବ ୨୦୨୪ର ତୃତୀୟ ସନ୍ଧ୍ୟା: ଚିକିତ୍ସା ବିଭାଗର ନାଟକ 'ହାଏରେ ଜୀବନ' ମଞ୍ଚସ୍ଥ

ପାରାଦ୍ୱୀପ , ୦୫/୧୧ (ନି.ପ୍ର): ପାରାଦ୍ୱୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ଆନୁକୁଲ୍ୟରେ ଆୟୋଜିତ ସାଂସ୍କୃତିକ ମହୋତ୍ସବ ୨୦୨୪ର ତୃତୀୟ ସନ୍ଧ୍ୟାରେ ବନ୍ଦର ଚିକିତ୍ସା ବିଭାଗର କର୍ମଚାରୀ ମାନେ ଗଦାଧର ନନ୍ଦଙ୍କ ରଚିତ ଓ ନିରଞ୍ଜନ ଗାନଙ୍କ ନିର୍ଦ୍ଦେଶନାରେ ନାଟକ 'ହାଏରେ ଜୀବନ' ଜୟଦେବ ସଦନ ଠାରେ ମଞ୍ଚସ୍ଥ କରିଥିଲେ । ନାଟକରେ ବନ୍ଦର ଚିକିତ୍ସା ବିଭାଗର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ବିଭୂତି ଭୂଷଣ ଦାସ , ଡକ୍ଟର ଦୁର୍ଗା ପ୍ରସାଦ ସେଠୀ, ଡକ୍ଟର ଲକ୍ଷ୍ମୀଧର



ପାଧୁରିଆ, ଶିଶିର ପତି,ଦେବଯାନୀ, ସଞ୍ଜୟ, ଦେବସ୍ମିତା, ଜିତୁ ଏବଂ ଅନ୍ୟମାନେ ଅଭିନୟ କରିଥିଲେ । ଶାନ୍ତନୁ ଦାସ ଜଣେ ଭାରତୀୟ ପ୍ରସାଶନିକ ସେବାର ଅବସରପ୍ରାପ୍ତ ଅଧିକାରୀ । ସେ ଏତେ ଅହଙ୍କାରି ହୋଇଯାଇଛନ୍ତି ଯେ ବର୍ତ୍ତମାନ ସମୟରେ ଯାହା ଘଟୁଛି କି ଯାହା ଘଟିବାକୁ ଯାଇଛି ସବୁ ଯେମିତି ତାଙ୍କ ନିର୍ଦ୍ଦେଶରେ ହେଉଛି ଅଥବା ହେଉଥିବ ବୋଲି ବିବେଚନା କରନ୍ତି । ଗର୍ବ ଅହଙ୍କାରରେ ବୁଡି ରହି ଜାତି, ଧର୍ମ, ସଂସ୍କୃତି ଓ ପରମ୍ପରାକୁ ପାଦରେ ଦଳି ଚକଟି ନଷ୍ଟ କରିଦିଅନ୍ତି । ସମୟ କ୍ରମେ ଯେତେବେଳେ ସେ ନିଜକୁ ଓ ଜୀବନକୁ ସଠିକ୍ ଭାବେ ବୁଝି ପାରନ୍ତି ସେତେବେଳେ ମୋହ ମାୟା ଛାଡି ବାନପ୍ରସ୍ଥ ସନ୍ୟାସୀ ହୁଅନ୍ତି । ଏକ ଅହଙ୍କାରୀ ମଣିଷର ଜୀବନରେ ସମୟ ଅନୁସାରେ କେମିତି ପରିବର୍ତ୍ତନ ଘଟୁଛି ଏହି ନାଟକରେ ପ୍ରଦର୍ଶିତ ହୋଇଛି । କଳାକାର ମାନଙ୍କ ନିଖୁଣ ଅଭିନୟ ଦର୍ଶକ ମାନଙ୍କୁ ପ୍ରେକ୍ଷାଳୟ ଭିତରେ ବାନ୍ଧି ରଖିଥିଲା ।

## କାଳବନ୍ଧର ବିସ୍ଥାପିତ ଅଧିବାସୀଙ୍କ ଚାଷଜମି ଜବରଦଖଲରେ: ୧୫ଟି ପରିବାର ୪୦ବର୍ଷ ଧରି ଖଜଣା ଦେଉଛନ୍ତି କିନ୍ତୁ ଜମି ପାଇପାରୁନାହାଁନ୍ତି

କପ୍ତିପଦା, ୦୫/୧୧ (ନି.ପ୍ର): କପ୍ତିପଦା ବ୍ଲକର କାଳବନ୍ଧ ୧୯୮୦ ମସିହାରେ ନିର୍ମାଣ ହୋଇଥିଲା । ସେଠାରୁ ବିସ୍ଥାପିତ ଅଧିବାସୀଙ୍କୁ ସରକାର ମୟୂରଭଂଜ ଜିଲ୍ଲାରେ ଥିବା ସ୍ୱତନ୍ତ୍ର ଭୂ-ଅର୍ଜ୍ଜନ ଓ ପୁନଃବସତି ଉପବିଭାଗ ଦ୍ୱାରା ୧୫ଟି ପରିବାର ଲୋକଙ୍କୁ ଉଦଳା ବ୍ଲକ ବହୁବନ୍ଧ ପଞ୍ଚାୟତର ନାବରା କଲୋନୀଠାରେ ଘରଡିହର ଜମିପଟ୍ଟା ପ୍ରଦାନ କରିବା ସହିତ କପ୍ତିପଦା ବ୍ଲକର ପେଡାଗଡି ପଞ୍ଚାୟତର ଗୋଠପୁରା ଗ୍ରାମରେ ପ୍ରତ୍ୟେକ ପରିବାରଙ୍କୁ ୨ ଏକର ଲେଖାଁଏ ଚାଷଜମିର ପଟ୍ଟା ପ୍ରଦାନ କରିଥିଲେ । ବର୍ତ୍ତମାନ ସେହି ୧୫ଟି ପରିବାରର ଲୋକମାନେ ନବରା କଲୋନୀରେ ବସବାସ କରୁଥିଲେ ହେଁ ସେମାନଙ୍କ ଚାଷଜମିଗୁଡିକ ଅନ୍ୟମାନଙ୍କ ଜବରଦଖଲରେ ରହିଛି । ଉକ୍ତ ୧୫ଟି ପରିବାର ହେଲେ-କୃଷ୍ଣଚନ୍ଦ୍ର ମହାନ୍ତ, ମାଗୁଣି ବିନ୍ଧାଣୀ, ଚନ୍ଦ୍ରମୋହନ ମାଝୀ, ଲପସା ମାଝୀ, ସୁଦର୍ଶନ ଦଳେଇ, ଚମ୍ପା ସିଂ, ମହେଶ୍ୱର ମହାନ୍ତ, ବାଡୁ ମାଝୀ, ମୋହନ ନାଏକ, ଶ୍ୟାମ ସିଂ ପ୍ରମୁଖ ଥିବାବେଳେ ଗୋପାଳ ଦେହୁରୀ, ରାମ ବିନ୍ଧାଣୀ,ବରୁଣ ମହାରଣା, ମହ୍ୟା ବିନ୍ଧାଣୀ ପ୍ରମୁଖ ମୃତ୍ୟୁବରଣ କରିସାରିଲେଣି । ତଥାପି ଚାଷଜମି ନପାଇ ସେମାନଙ୍କର ଉତ୍ତରାଧିକାରୀ ଡାକ ଦେହୁରୀ, ରତ୍ନା ବିନ୍ଧାଣୀ, ସାବିତ୍ରୀ ବିନ୍ଧାଣୀ, ରବିନ୍ଦ୍ର ମହାରଣା ପ୍ରମୁଖ ଜୀବିତ ଅଛନ୍ତି । ଉକ୍ତ ୧୫ଟି ପରିବାର ସରକାରଙ୍କର ପଦତ୍ତ ଚାଷଜମିର ପଟ୍ଟା ପାଇଥିଲେ ମଧ୍ୟ ଦୀର୍ଘ ୪୦ ବର୍ଷ ଧରି ସରକାରଙ୍କୁ ଖଜଣା ଦେଇ ପାଉତି ହାସଲ କରୁଛନ୍ତି । କିନ୍ତୁ ଜମି ପାଇ ପାରୁନାହାଁନ୍ତି । ଜମିଗୁଡିକ ଜବରଦଖଲକାରୀଙ୍କ କବଜାରେ ରହିଛି । ଗତ ୨୦୧୫ ମସିହା ମାର୍ଚ୍ଚ ୧୪ ତାରିଖରେ କପ୍ତିପଦା ଉପଖଣ୍ଡର ଉପ ଜିଲ୍ଲାପାଳ ଉଦଳା ତହସିଲ ବିଭାଗକୁ ମାପ କରିବାପାଇଁ ଜଣାଇଥିଲେ । ତଦନୁସାରେ ତତ୍‌କାଳୀନ ତହସିଲଦାର, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଜମି ମାପ କରିବାପାଇଁ ଉକ୍ତ ସ୍ଥାନକୁ ଯାଇଥିଲେ । ଜବରଦଖଲକାରୀମାନେ ଜମି ମାପ କରିବାପାଇଁ ବିରୋଧ କଲେ ଓ ଉକ୍ତ ଜମି ଯଦି ଛାଡିବେ ପ୍ରତିବଦଳରେ ଅର୍ଥ ଦାବୀ କରିଥିଲେ । ଯାହା'ଳରେ ଜମି ମାପ ଆଉ ହୋଇପାରିନଥିଲା । ଦୁଃଖ ଓ ପରିତାପର ବିଷୟ ବର୍ତ୍ତମାନ ସୁଦ୍ଧା ୧୫ଟି ପରିବାରର ଲୋକ ଜମିର ଚିହ୍ନଟ ପାଇପାରୁନାହାଁନ୍ତି ଚାଷ କରିପାରୁନାହାଁନ୍ତି । ବିସ୍ଥାପିତ ଅଧିବାୀମାନେ କପ୍ତିପଦା ତହସିଲଦାରଙ୍କୁ ଏକ ଦରଖାସ୍ତ ଦ୍ୱାରା ଜଣାଇଛନ୍ତି କି ଉକ୍ତ ଜମି କାଳବନ୍ଧ ନିମିତ୍ତ ବିସ୍ଥାପିତ ଚାଷଜମି ଅଟେ । ଏଣୁ ଆମ୍ଭମାନଙ୍କର ନ୍ୟାଯ୍ୟ ଦାବୀକୁ ବିଚାରକୁ ନେଇ ଟିକଟଭୁକ୍ତ ଚାଷଜମିକୁ ଚିହ୍ନଟ ଦିଆଯାଉ ନଚେତ୍ ଅନ୍ୟସ୍ଥାନରେ ଜମି ଦେଇ ଥଇଥାଇ କରାଯାଉ । ୧୫ଟି ପରିବାର ଲୋକେ ଚାଷଜମି ନପାଇବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରତ୍ୟେକଟି ପରିବାର ଲୋକେ ଦିନ ମଜୁରିଆଭାବେ କାଳାତିପାତ କରୁଛନ୍ତି । ଯଦି ଉକ୍ତ ପରିବାରର ଲୋକମାନଙ୍କୁ ଚାଷଜମି ଚିହ୍ନଟ କରି ଜମି ଦିଆଯାଏ ତେବେ ସଂପୃକ୍ତ ପରିବାରର ଲୋକମାନେ ଚାଷ କରି ଗୁଜରାଣ ମେଣ୍ଟାଇ ପାରନ୍ତେ ବୋଲି ସେମାନେ ପ୍ରକାଶ କରିଛନ୍ତି ।

## ନିଖିରାରେ ଅଷ୍ଟମ ପ୍ରହର ଶ୍ରୀନାମ ସଂକୀର୍ତ୍ତନ ଓ ମହାମହୋତ୍ସବ ଉଦ୍‌ଯାପିତ

ବାଲିଆପାଳ/ଲଙ୍ଗଳେଶ୍ୱର, ୦୫/୧୧ (ନି.ପ୍ର): ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତ ଅଧିନସ୍ଥ ନିଖିରା ଗ୍ରାମର ବାବା ନିଖିରେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ନିଖିରେଶ୍ୱର ସାର୍ବଜନୀନ କାଳୀ ପୂଜା ଓ ମହୋତ୍ସବ କମିଟି ପକ୍ଷରୁ ମା' ଜଗତ ଜନନୀ ଦକ୍ଷିଣା କାଳୀଙ୍କର ପୂଜୋତ୍ସବ ଏବଂ ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଏବଂ ମହା ମହୋତ୍ସବ ମହାଆଡମ୍ବରରେ ଉଦଯାପିତ ହୋଇଯାଇଛି । ନାମ ସଂକୀର୍ତ୍ତନ ଓ ମହାମହୋତ୍ସବର ଉଦଯାପନୀ ଦିବସରେ ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଅଂଚଳବାସୀଙ୍କ ସୁଖ ସମୃଦ୍ଧି କାମନା କରିଥିଲେ । ମା' କାଳୀଙ୍କ ପୂଜାତ୍ସବ ଯଥାବିଧି ହେବା ସହ ରବିବାର ସନ୍ଧ୍ୟାରୁ ନାମ ସଂକୀର୍ତ୍ତନ ଆରମ୍ଭ



ହୋଇଥିଲା । ବାହାନଗାର ସଂକୀର୍ତ୍ତନମଣ୍ଡଳୀ ତରଫରୁ ଅବତାର ଗଣେଶ ଜନ୍ମ, କୃଷ୍ଣ ଜନ୍ମ, ଭସ୍ମାସୁର ବଧ, ଭଜନ ଓ ନୃତ୍ୟ ପରିବେଷଣ ହେବା ସହ ସନ୍ଧ୍ୟାରେ ମେଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଖ ପାଖ ଅଂଚଳରୁ ବହୁ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ସୋମବାର ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ମାନପୁର, ମଝିପଡା, ପାଳପଡା, ନିଖିରା, ତଳଧାନନ୍ଦା, ଜାମଳା, ଶ୍ରୀରାମପୁର, ଗୋକୁଳାନ୍ଦପୁର, କୁମ୍ଭାରୀ, ଝଲଝଳିଆ, ପାଳବେଗୁନିଆ, ନୂଆସାହି, ଗୁଆପଡା, ରାଇଡିଙ୍କ ପ୍ରଭୃତି ଗ୍ରାମରୁ ହଜାର ହଜାର ବ୍ୟକ୍ତି ପ୍ରସାଦସେବନ କରିଥିଲେ । ନିଖିରେଶ୍ୱର ସାର୍ବଜନୀନ କାଳୀପୂଜା ଓ ମହୋତ୍ସବ କମିଟିର ସଦସ୍ୟ, ସଦସ୍ୟାମାନେ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ମେଘନାଦ ପାଚେରୀ ଫାଟର ମରାମତି ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୦୫/୧୧ (ନି.ପ୍ର): ମେଘନାଦ ପାଚେରୀ ଫାଟର ମରାମତି ପ୍ରକ୍ରିୟା ଆରମ୍ଭ ଆରମ୍ଭ ହୋଇଛି । ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ପାଚେରୀରେ ଥିବା ଫାଟ ଅନେକ ଦିନର । ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର ଏଭିକ୍ସନ ସମୟରେ ଏହି ଫାଟ ହୋଇଛି । ଏନେଇ ଏଏସଆଇକୁ ଚିଠି ଲେଖା ହୋଇଥିଲା । ତେବେ ସେ ଫାଟର ଗୋଟିଏ ପର୍ମାନେଟ୍ ରିପେରିଂ ପାଇଁ ଏଏସଆଇ ପ୍ରକ୍ରିୟା ଆରମ୍ଭ କରିଛି । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଫାଟ ଗୁଡ଼ିକର ପରମାନେଟ ରିପାରିଂ କରିବା ସହ ମନ୍ଦିରର ବିଭିନ୍ନ ସ୍ଥାନରୁ ଯେଉଁ ପାଣି ଗଳୁଛି ତାକୁ ନେଇ ମଧ ଗୋଟିଏ କମ୍ପ୍ରିହେନ୍ସିଭ ପ୍ଲାନ ପ୍ରସ୍ତୁତ ହୋଇଛି। ଖୁବ୍ ଶୀଘ୍ର ସେ ସବୁର କାମ ଖୁବ୍ ଶୀଘ୍ର ଶେଷ ହେବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo